# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, January 2/2025 | Page 16 | ₹ 7.00

୫୧ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 40 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨/୨୦୨୫ | Bhubaneswar, Thursday, January 2/2025 | ପୃଷ୍ଠା-୧




**ବୈଶାଳିଙ୍କୁ ବ୍ରୋଞ୍ଜ ପଦକ**

ଭାରତର ଆର. ବୈଶାଳୀ ନ୍ୟୁୟର୍କରେ ଅନୁଷ୍ଠିତ ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୧୪

୦୫

**ଜଙ୍ଗଲରେ ନୂଆବର୍ଷ ପାଳିଲେ ନିମ୍ରତ**

ମଧ୍ୟପ୍ରଦେଶର ବାନ୍ଧବଗଡ଼ ଜାତୀୟ ଉଦ୍ୟାନରେ ଅଭିନେତ୍ରୀ ନିମ୍ରତ କୌର ନୂଆବର୍ଷ ପାଳନ କରିଛନ୍ତି।



# ୪ ଭଉଣୀ, ମା'ଙ୍କୁ ହତ୍ୟା

## ସେମାନଙ୍କ ସମ୍ମାନ ରଖିଲି: ଅଭିଯୁକ୍ତ

**ଲକ୍ଷ୍ନୌ,୧।୧**

ନୂଆବର୍ଷରେ ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ସ୍ଥାନୀୟ ନାକା ଅଞ୍ଚଳର ଏକ ହୋଟେଲରେ ବୁଧବାର ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତଦେହ ଠାବ ହୋଇଛି। ଏହି ହତ୍ୟା ଘଟଣାରେ ପୋଲିସ ଆଗ୍ରା ବାସିନ୍ଦା ମହମ୍ମଦ ଅର୍ଶଦ(୨୪)ଙ୍କୁ ଗିରଫକରି ହୋଟେଲ ଶରନଜିତ୍‌ରୁ ତାଙ୍କ ୪ ଭଉଣୀ ଆଲିଆ(୯), ଆଲଶିଆ(୧୯), ଆକ୍ସା(୧୬), ରହମିନ୍(୧୮) ଏବଂ ମା' ଅସ୍‌ମାଙ୍କ ମୃତଦେହ ଜବତ କରିଛି। ଘରୋଇ ବିବାଦ ଯୋଗୁ ଅଭିଯୁକ୍ତ ଅର୍ଶଦ ସେମାନଙ୍କୁ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବା କହିଛି। ଉକ୍ତ ହୋଟେଲରେ ପ୍ରମାଣ ସଂଗ୍ରହ ପାଇଁ ଫୋରେନ୍‌ସିକ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସଗୁଣ, ନିର୍ଗୁଣ ଓ ବିଜ୍ଞାନ**



ନୂଆବର୍ଷର ପ୍ରଥମ ଦିନରେ ବୁଧବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ୨ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୧(ସୁନିତ୍ ମିଶ୍ର)**

ସରକାରଙ୍କ ଲୋକବଳ ବଢ଼ିଲେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ବିଭିନ୍ନ ନିଯୁକ୍ତି ଆୟୋଗର ଅଧ୍ୟକ୍ଷମାନଙ୍କ ସହ ଆଲୋଚନାରେ କହିଛନ୍ତି। ବର୍ଷର ପ୍ରଥମ ଦିନରେ ରାଜ୍ୟରେ ସରକାରୀ ବିଭାଗଗୁଡ଼ିକରେ ଖାଲିଥିବା ପଦବୀ ପୂରଣ ପାଇଁ ଏକ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ବୈଠକରେ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ, ନିରପେକ୍ଷ ଓ ତ୍ୱରାନ୍ୱିତ ଭାବେ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଅତ୍ୟାବଶ୍ୟକ ସେବା ଯୋଗାଉଥିବା ବିଭାଗ ଯଥା ସ୍ୱାସ୍ଥ୍ୟ, ଗୃହ, ଶିକ୍ଷା ଓ କୃଷି ବିଭାଗର ପଦବୀଗୁଡ଼ିକୁ ଖାଲି ନ ରଖି ଯଥାଶୀଘ୍ର ପୂରଣ କରିବା ପାଇଁ ପରାମର୍ଶ ଦିଆଯାଇଛି । ଆସନ୍ତା ୫ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀସ୍ତରରେ ଦେଢ଼ଲକ୍ଷ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି। ୨ ବର୍ଷରେ ୬୫ ହଜାର ସରକାରୀ ପଦବୀରେ ନିଯୁକ୍ତି ପାଇଁ ସ୍ଥିରୀକୃତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ବିଭାଗରେ ୧,୧୦,୫୫୭ ପଦବୀ ଖାଲି ରହିଛି। ଏଗୁଡ଼ିକୁ ଯଥାଶୀଘ୍ର ☞ପୃଷ୍ଠା-୨

# ଆୟୁଷ୍ମାନ୍ ଭାରତ: ମହିଳାଙ୍କୁ ମିଳିବ ୧୦ ଲକ୍ଷର ମାଗଣା ଚିକିତ୍ସା

**ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ପକ୍ଷରୁ ୨୦୧୮ ସେପ୍ଟେମ୍ବର ୨୩ରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରାଯାଇଥିଲା। ଓଡ଼ିଶାରେ ତତ୍କାଳୀନ ବିଜେଡି ସରକାର ଆୟୁଷ୍ମାନ୍ ଭାରତ ପରିବର୍ତ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନାମରେ ଏକ ଭିନ୍ନ ଯୋଜନା କାର୍ଯ୍ୟକାରୀ କରାଇଥିଲେ। ଆୟୁଷ୍ମାନ୍ ଭାରତ ଏବଂ ବିଏସ୍‌କେୱାଇ ମଧ୍ୟରେ ଅନେକ ତଫାତ୍ ଥିବା ସାଧାରଣରେ ଜଣା। ୨୦୨୪ ଜୁନ୍‌ରେ ରାଜ୍ୟରେ ଭାଜପା ସରକାର ଗଢ଼ିବା ପରେ ବିଏସ୍‌କେୱାଇକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଭାବେ ଗତ ଜୁଲାଇ ୨୫ ରାଜ୍ୟ ବଜେଟ ଉପସ୍ଥାପନ ବେଳେ ପରିବର୍ତ୍ତନ କରିଥିଲେ। ଆସନ୍ତା ଫେବୃଆରୀ ମାସରେ ଆୟୁଷ୍ମାନ୍ ଭାରତ ସହ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବୁଧବାର କହିଛନ୍ତି। ବିଏସ୍‌କେୱାଇରେ ମହିଳାଙ୍କୁ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ମିଳୁଥିଲା। ହେଲେ ଅନ୍ୟ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାରେ ପ୍ରତି ପରିବାର ପିଛା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ବ୍ୟବସ୍ଥା ରହିଛି। ଓଡ଼ିଶାରେ ଉଭୟ ଯୋଜନା ଏକତ୍ର ଲାଗୁ ହେବା ପରେ ଗୋଟିଏ ପରିବାର ପିଛା ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ କ୍ଷେତ୍ରରେ ୫ ଲକ୍ଷ ଟଙ୍କା ଯାଏ ମାଗଣା ଚିକିତ୍ସା ସୁବିଧା ମିଳିବ ବୋଲି ମନ୍ତ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏଥିରୁ ବୁଝାପଡୁଛି, ରାଜ୍ୟର ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଜନା ତଥା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଯାହା ପୂର୍ବରୁ ବିଏସ୍‌କେୱାଇ ଭାବେ ପରିଚିତ) କେନ୍ଦ୍ରର କାର୍ଯ୍ୟକ୍ରମ ସହ ଲୀନ ହୋଇଯିବ।**

## ଫେବୃଆରୀରେ ଓଡ଼ିଶାରେ ଲାଗୁହେବ



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

**ଭୁବନେଶ୍ୱର,୧।୧(ଅନିଲ ଦାସ)**

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଆୟୁଷ୍ମାନ୍ ଭାରତ ଯୋଜନାର ହିତାଧିକାରୀଙ୍କୁ ଦେଶର ୩୦ ହଜାର ଡାକ୍ତରଖାନାରେ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ପ୍ରତି ପରିବାର ପୁରୁଷଙ୍କ ଲାଗି ୫ ଲକ୍ଷ ଟଙ୍କା ଓ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା କେନ୍ଦ୍ର ସରକାର ପ୍ରଦାନ କରିବେ। ଆୟୁଷ୍ମାନ୍ ଭାରତ ଯୋଜନା ପାଇଁ କେନ୍ଦ୍ରୀୟ ଟିମ୍ ଓଡ଼ିଶା ପରିଦର୍ଶନ କରିସାରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହାକୁ ଲାଗୁ କରିବା ପାଇଁ ସରକାର ଘୋଷଣା କରିଥିଲେ। ରାଜ୍ୟର ୩.୫କୋଟି ଲୋକଙ୍କୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବ। କୌଣସି ଗରିବ ଲୋକ ଯେପରି ସ୍ୱାସ୍ଥ୍ୟ କାର୍ଡ ପାଇବାରୁ ବଞ୍ଚିତ ହେବେ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

" ନୂଆବର୍ଷକୁ କୃଷକ ଭଉଣୀଭାଇମାନଙ୍କ ପ୍ରତି ଉତ୍ସର୍ଗ କରି କେନ୍ଦ୍ର ସରକାର ନବବର୍ଷର ପ୍ରଥମ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ୨ ଫସଲ ବୀମା ଯୋଜନାର ଅବଧି ବୃଦ୍ଧି ଏବଂ ଡିଏପି ସାର ପାଇଁ ୩,୮୫୦ କୋଟି ଟଙ୍କାର ଅତିରିକ୍ତ ସବ୍‌ସିଡି ପ୍ୟାକେଜ୍ ଘୋଷଣା ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ସୁରକ୍ଷା ଦେବାରେ ବିଶେଷ ସହାୟକ ହେବ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସଦନ, ବୈକୁଣ୍ଠ ସରଣୀ, ୟୁନିଟ୍-୯, ସମୟ: ସକାଳ ୮ଟା ୩୦।
- ଶ୍ରୀ ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ ଉପଲକ୍ଷେ ସମବେତ ଉପାସନା, ସ୍ଥାନ: ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ. ୧୭୮, ୟୁନିଟ୍-୯, ସମୟ: ସକାଳ ୯ଟା ୩୦।
- ଜ୍ଞାନ ଓ ବିଜ୍ଞାନ ସମ୍ବଳିତ ପଞ୍ଚଦିବସୀୟ ଗୀତା କଥା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବୋଉ ଫାଉଣ୍ଡେଶନ ପକ୍ଷରୁ ଦଶମ ବୋଉ ଦିବସ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।

## କଟକ
- ଚାଷ ଚାଷୀ ବଞ୍ଚାଅ ଅଭିଯାନରେ ମହାନଗର ନାଗରିକ ମଞ୍ଚ ପକ୍ଷରୁ ଧାରଣା, ସ୍ଥାନ: କଚେରୀଗଡ଼ା, ସମୟ- ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ବାରଣାସୀଠାରେ ଖେଳିବାକୁ ଯାଉଥିବା ଟେନିସ ଦଳଙ୍କୁ ଶୁଭେଚ୍ଛା ଜଣାଇବା କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ରେଲ୍‌ୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକୋତ୍ସବ, ସ୍ଥାନ: ପୁରୀ ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ୩୫ତମ ଚନ୍ଦ୍ରଭାଗା ଉତ୍ସବର ଷଷ୍ଠ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିର ଦଶମ ଦିବସ, ସ୍ଥାନ: ଅସ୍ତୁପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଆଖଣ୍ଡଳମଣି ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ଖଟୁଆଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ପାଳସାହି, ଧୂଷୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବେଦାନ୍ତ ଫେକର, ରାନ୍ଦିଆ, ଭଦ୍ରକ, ସମୟ: ଅପରାହ୍ନ ୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଉଦ୍‌ଯାପନ,ସ୍ଥାନ:ଶ୍ରୀଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଧୂଷୁରୀ,ସମୟ: ଅପରାହ୍ନ ୪ଟା।
- ଆଗରପଡ଼ା ମହୋତ୍ସବର ୯ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଅଟେଇ ଜଙ୍ଗଲ ସଫାରୀର ଶୁଭାରମ୍ଭ, ସ୍ଥାନ: ଘଟଗାଁ ମା' ତାରିଣୀ ପୀଠ, ସମୟ: ସକାଳ ୯ ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ପେଣ୍ଟିଂ ଓ ସ୍ଲୋଗାନ ପ୍ରତିଯୋଗିତା,ସ୍ଥାନ:ଏମ୍‌କେସି ହାଇସ୍କୁଲ,ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ୟଙ୍ଗ ମ୍ୟାନ୍ ଆସୋସିଏସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ବେତନଟୀ ଧମାକା ମହୋତ୍ସବ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଆନ୍ଧ୍ର ମହିଳା ସମାଜମର ବାର୍ଷିକୋତ୍ସବ, ସ୍ଥାନ: ପ୍ରକାଶମ ହଲ୍, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମା ପକ୍ଷରୁ ଶୀତକାଳୀନ କବିତା ଆସର,ସ୍ଥାନ: ବୀଣାପାଣି ଭବନ, ପାରାଦୀପଗଡ଼, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମୋନାଲିସା ସାହିତ୍ୟ ସଂସଦ ପକ୍ଷରୁ କବିତା ସମ୍ମିଳନୀ, ସ୍ଥାନ: ପୋର୍ଟ ୱାର୍କର୍ସ ୟୁନିୟନ ପରିସର, ବଡ଼ପଡିଆ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଜଣ୍ଟିଲୋ ଡାକବଙ୍ଗଳା, ଜମଧର, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର କ୍ରିକେଟ କପ୍ ଟୁର୍ନାମେଣ୍ଟ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା ।

## ଯାଜପୁର
- ଧର୍ମଶାଳା ମହୋତ୍ସବରେ ସତ୍ୟଜିତ ପ୍ରଧାନ ଓ ସାଥୀଙ୍କ ଦ୍ୱାରା ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ,ସ୍ଥାନ: ଧର୍ମଶାଳା ବ୍ଲକ ଜରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୨୫ ସଚେତନତା ରଥ ଉଦଘାଟନ କାର୍ଯ୍ୟକ୍ରମ,ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ୯ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା,ସ୍ଥାନ : ଯାଜପୁର ରୋଡ଼ କାଳୀମେଲଣ ପଡ଼ିଆ,ସମୟ : ଅପରାହ୍ନ ୩ଟା।

## ନୟାଗଡ଼
- ସଡ଼କ ସୁରକ୍ଷା ଉପରେ ସଚେତନତା ନେଇ ଏଲଇଡି ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଷ୍ଟଲ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ଗୋଲେଇ ଟ୍ରାଫିକ ଛକ ନୟାଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ରାୟଗଡ଼ା
- ଚଇତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ସନ୍ଧ୍ୟା ୬ରୁ ଆରମ୍ଭ ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଦାନୀପାଲି ଶ୍ରୀଲଡୁ ଗୋପାଳ ସେବା ସମିତି ପକ୍ଷରୁ ନବ କୁଣ୍ଡିୟ ଶତଜଣ୍ଡି ମହାଯଜ୍ଞ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ସକାଳ ୯ଟା।
- ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: କୁଚିଣ୍ଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକ ମହୋତ୍ସବ ଆୟୋଜନ କମିଟିର ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଧନୁଯାତ୍ରା ସକାଶେ ମଞ୍ଚ ପୂଜା, ସ୍ଥାନ : ଗଙ୍ଗାଧର ମୁକ୍ତ ମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା ୪୫।
- ଶ୍ରୀମଦ ଭାଗବତ କଥା, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ସନ୍ଧ୍ୟା ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ସାହିତ୍ୟ ପତ୍ରିକା ଚତୁରଙ୍ଗ ଉନ୍ମୋଚନ ଉତ୍ସବ,ସ୍ଥାନ: ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ସଙ୍ଗୀତ ଭିଡିଓ ବଲାଙ୍ଗିରିଆ ରସିଆପିଲା ୨.୦ର ଲୋକାର୍ପଣ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର ସମୟ: ଅପରାହ୍ନ ୫ଟା

## ସୁବର୍ଣ୍ଣପୁର
- ବଡଦେଓ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କୁଞ୍ଜପାଲି,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୪ଟା।
- ପର୍ଯ୍ୟରୀ ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସୋନପୁର ପୁରୁଣା ଟାଉନ ହଲ, ସମୟ: ସନ୍ଧ୍ୟା ୫ଟା।

## ବରଗଡ଼
- ଧନୁଯାତ୍ରା ମହୋତ୍ସବ ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ପାର୍ବତୀ ଗିରି ମହିଳା କଲେଜ, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କିଶୋରୀ ନର୍ସିଂହୋମ, ବରଗଡ଼, ସମୟ: ସକାଳ ୯ଟା।
- ଗାୟତ୍ରୀ ମହାଯଜ୍ଞ ଅବସରରେ କଳସଯାତ୍ରା, ସ୍ଥାନ: ରେଡ଼ିଏନ୍ସ ଶିକ୍ଷାନୁଷ୍ଠାନ, ବିଜେପୁର, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପ୍ରେସ୍ ମିଟ, ସ୍ଥାନ: ସର୍କିଟ ହାଉସ, ସମୟ: ଅପରାହ୍ନ ୧ଟା।
- ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ: ବିଟିଏମ୍ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼
- ସମଲେଶ୍ୱରୀ ମନ୍ଦିରରୁ ଯତରା ପଡିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା,ସ୍ଥାନ:ସମଲେଶ୍ୱରୀ ମନ୍ଦିର,ସମୟ: ସକାଳ ୮ଟା।

## ରାଉରକେଲା
- ଏନ୍‌ଆଇଟି ପ୍ରାକ୍ତନ ଛାତ୍ରଙ୍କ ପକ୍ଷରୁ ପାଠ୍ୟପୁସ୍ତକ ବିତରଣ, ସ୍ଥାନ: ବିର୍ସା ମୁଣ୍ଡା ବିଦ୍ୟାଳୟ, ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- କସ୍ତୁରୁବା ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୬, ମହିମା ବସ୍ତି, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୫ ଟା।
- ସଡକ ସୁରକ୍ଷା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଦେବଗଡ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପାକ୍ଷି ଉତ୍ସବ, ସ୍ଥାନ: ଡିଆରଡିଏ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆରତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ଦେବଗଡ, ସମୟ :ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର,ଦେବଗଡ ସହର ସମୟ : ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ,ଦେବଗଡ ସହର, ସମୟ: ସନ୍ଧ୍ୟା ୭ ଟା ୩୦।
- ଜାତୀୟ ସଡ଼କ ସୁରକ୍ଷା ନିରାପତ୍ତା ସପ୍ତାହ ପାଳନ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ଲୋଗାନ ପ୍ରତିଯୋଗିତା, ସ୍ଥାନ; ସଂସ୍କୃତି ଭବନ,ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ ଉପଲକ୍ଷେ ସୂର୍ଯ୍ୟବଂଶ, ରାମ ଚରିତ୍ର, କୃଷ୍ଣ ଜନ୍ମ ଓ ଜନ୍ମ ଉତ୍ସବ କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଜାତୀୟ ସଡକ ସୁରକ୍ଷା ମାସ ଉପଲକ୍ଷେ ଡ୍ରଇଁ ପ୍ରତିଯୋଗିତା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ବୌଦ୍ଧ
- ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବ ଉଦ୍‌ଘାଟନ ଅବସରରେ କଳସ ଓ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ:ମସିଣାଗୋରା, କନ୍ଧମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ : ସନ୍ଧ୍ୟା ୭ଟା।
- ଚକରାପଥର ଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିନ ସ୍ଥାନ: ମାର୍ଡୋଲ (ବେହେରାପଡା) କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ଗତାନୁଗତିକ ରୀତିରେ ଗଡି ଚାଲିବ। ଆର୍ଥିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥଗିତ କାମରେ ଅଗ୍ରଗତି, ପାରିବାରିକ ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଲାଭ କରିବେ। ବାଧ୍ୟବାଧକତାରେ ବ୍ୟୟବୃଦ୍ଧି ଓ ଶତ୍ରୁତାଜନିତ ସମସ୍ୟାର ସମ୍ମୁଖୀନ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଅଭିଯୋଗ ପରିବାରରେ ଅଶାନ୍ତି ସୃଷ୍ଟି କରିବ।

**ବୃଷ** ପାରିବାରିକ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭକରିବା ସହ ଦିନଟି ସମ୍ପୂର୍ଣ୍ଣ ଉପଭୋଗ୍ୟ ହୋଇପାରେ। ସାଙ୍ଗସାଥୀ ଓ ବନ୍ଧୁଙ୍କ ସହାନୁଭୂତି ସହିତ ବୈଷୟିକ ସୁଖ, ସମୃଦ୍ଧିରୁ ମାନସିକ ସ୍ଥିତି ଭଲ ରହିବ। ଆମଦାନୀ କାରବାର, ଜମିଜମା ବିକାକିଣା, ଶିଳ୍ପ, ବାଣିଜ୍ୟରୁ ଲାଭବାନ୍ ହେବେ। ସ୍ଥଗିତ କାମ ତ୍ୱରାନ୍ୱିତ କରି ଆତ୍ମସନ୍ତୋଷ ଲାଭ କରିବେ।

**ମିଥୁନ** ଶରୀର ସୁସ୍ଥ ରହିବା ସହ ନୂତନ କାର୍ଯ୍ୟରେ ମନୋନିବେଶ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବା ସହ ସହକର୍ମୀମାନଙ୍କ ପ୍ରିୟଭାଜନ ହେବେ। ପାରିବାରିକ ଜୀବନର ବ୍ୟତିକ୍ରମକୁ ମଧ୍ୟ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଆର୍ଥିକ ସ୍ଥିତି,ବନ୍ଧୁ ସମ୍ପର୍କ, ପିଲାମାନଙ୍କ ଶିକ୍ଷା,ପରୀକ୍ଷା ଓ ଶତ୍ରୁତା ବିଷୟରେ ଚିନ୍ତା ବୃଦ୍ଧି ପାଇବ।

**କର୍କଟ** ଗ୍ରହସ୍ଥିତି ବିଳାସପ୍ରିୟ, ମନୋରଞ୍ଜନର ଖୋରାକ ପ୍ରଦାନ କରିବେ। ପରିବାର, ପରିବହନ, ସାମାଜିକ ସମ୍ପର୍କ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ଅନୁକୂଳତା ସୃଷ୍ଟି ହେବ। ଭାବପ୍ରବଣତାର ରାଶି ଯୋଗୁ ତରବରିଆ ପଦକ୍ଷେପ ନେଲେ ଅସୁବିଧା ଭୋଗିବେ। କର୍ମାଧିପତିଙ୍କ ଦୁର୍ବଳତା ଯୋଗୁ ଅଶ୍ଳେଷାର କର୍ମଫଳ ସନ୍ତୋଷଜନକ ହେବନାହିଁ।

**ସିଂହ** ମାନସିକ ଅସ୍ଥିରତା କାରଣରୁ କୌଣସି କାମ ଶୃଙ୍ଖଳିତ ହେବ ନାହିଁ। ସାଧାରଣ କଥାକୁ ନେଇ ପାରିବାରିକ କ୍ଷେତ୍ରରେ ଝଗଡାର ଆଶଙ୍କାର ସମ୍ଭାବନା ରହିଛି। ବାଦବିବାଦ, ପ୍ରତିଦ୍ୱନ୍ଦ୍ୱିତା, ଅନାବଶ୍ୟକ ବାର୍ତ୍ତାଳାପ ସମସ୍ୟା ଓ ଶତ୍ରୁତା ସୃଷ୍ଟି କରିବ। ଆଜି କର୍ମାରମ୍ଭ, ଲୋକସମ୍ପର୍କ, ସଙ୍ଗୀତାଦି କାର୍ଯ୍ୟକ୍ରମରେ ନିୟୋଜିତ ହେବେ।

**କନ୍ୟା** ଭାଗ୍ୟସ୍ଥାନକୁ ରାଶ୍ୟାଧିପତିଙ୍କ ଦୃଷ୍ଟି କାରଣରୁ ଧାର୍ମିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। କାମ ଆତ୍ମୀୟଙ୍କ ବିରୋଧରୁ ବିଗିଡିଯାଉଥିବା କାରଣରୁ ବିରକ୍ତ ହେବେ। ସ୍ତ୍ରୀଙ୍କ ସହ ଉତ୍ତମ ବୁଝାମଣା, ବୟସ୍କ ବ୍ୟକ୍ତିଙ୍କ ସହୃଦୟତା, ସହକର୍ମୀଙ୍କ ଅନୁରକ୍ତି ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ପରିବହନରେ ଅସ୍ଥିରତା ଦେଖାଦେବ।

**ତୁଳା** ଆଜି ଦିନସାରା ଶୁକ୍ରଙ୍କ ପ୍ରଭାବରୁ ମଜାମଉଜ, ବନ୍ଧୁ ମିଳନ, ନୂତନ ସ୍ଥାନ ପରିଦର୍ଶନ ମାଧ୍ୟମରେ ଅତିବାହିତ କରିବେ। ସହନଶୀଳତା, ଉଦାରତା ଗୁଣରୁ ପ୍ରିୟଜନଙ୍କ ଅନୁରକ୍ତି, ବନ୍ଧୁଙ୍କ ସହାନୁଭୂତି ପାଇପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ଭଲ ସମ୍ପର୍କ ଥିବା ଲୋକ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଶାରୀରିକ ପୀଡ଼ା ଭୋଗିପାରନ୍ତି।

**ବିଛା** ଚନ୍ଦ୍ରଙ୍କ ପ୍ରତି ରାଶ୍ୟାଧିପଙ୍କ ଦୃଷ୍ଟିଜନିତ କୌଣସି କର୍ମାରମ୍ଭର ପରିକଳ୍ପନା କରିବେ। ଅନ୍ୟମାନଙ୍କ କାନକୁହା କଥାରେ ପ୍ରଭାବିତ ହେବାରୁ ବନ୍ଧୁ କିମ୍ବା ସହକର୍ମୀ ଭୁଲ୍ ବୁଝିପାରନ୍ତି। ଖର୍ଚ୍ଚାନ୍ତ ହେଲେ ମଧ୍ୟ ସହକର୍ମୀଙ୍କ ଜରିଆରେ ମୂଲ୍ୟବାନ ଦ୍ରବ୍ୟ ପାଇବେ। କର୍ମକ୍ଷେତ୍ରରେ ବିଭିନ୍ନ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ନୂତନମାର୍ଗ ପ୍ରଦର୍ଶନ କରାଇବ। ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ପରିବହନ ଓ ସହକର୍ମୀଙ୍କ କଟୁକ୍ତିରୁ ଚିନ୍ତିତ ହେବେ। ଉତ୍ତରାଷାଢା ନକ୍ଷତ୍ରର ଏକ ପ୍ରୀତିବର୍ଦ୍ଧକ ପରିବେଶରେ ପ୍ରିୟଜନଙ୍କ ସହ ଥିବା ମତାନ୍ତର ଦୂର ହେବ। ଲୋକସମ୍ପର୍କ ବୃଦ୍ଧି, ସାମାଜିକ ଓ ରାଜନୈତିକ କ୍ଷେତ୍ର ଭଲ ରହିବ।

**ମକର** ସକାଳୁ ଶୁଭଖବର ସହ କୌଣସି ବନ୍ଧୁଙ୍କ ସହ ଆଳାପ ମନକୁ ଆହ୍ଲାଦିତ କରିବ। ସ୍ଥଗିତ କାମକୁ ସମ୍ପନ୍ନ କରିବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ୍ୟହେବେ। ଛୋଟିଆ କଥାକୁ କେନ୍ଦ୍ରକରି ସାଧାରଣ ଯୁକ୍ତିତର୍କଜନିତ କଳହର ସୂଚନା ରହିଛି। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବାର ଆଶଙ୍କା ରହିଛି।

**କୁମ୍ଭ** ଦୃଢ ପଦକ୍ଷେପ ଗ୍ରହଣ କରି ସମସ୍ୟା ସମାଧାନ କରିବାରେ ସଫଳ ହେବେ। ଆନୁଷ୍ଠାନିକ କ୍ଷେତ୍ର, ସଭାସମିତି ତଥା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଅର୍ଥ ସଙ୍କଟ କାରଣରୁ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଯିବା ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା, ବନ୍ଧୁବିଚ୍ଛେଦ, ପ୍ରବାସରେ ରହୁଥିବା ସନ୍ତାନଙ୍କ ସକାଶେ ବିଚଳିତ ହେବେ।

**ମୀନ** ଆଗାମୀ ଯୋଜନାକୁ ସଫଳ ରୂପାୟନ କରିବା ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ସୁପରାମର୍ଶ ସହାୟକ ହେବ। ବ୍ୟୟବୃଦ୍ଧି, ଅର୍ଥନୈତିକ ସମସ୍ୟା, ଶତ୍ରୁତାଜନିତ ବିବାଦ, ବନ୍ଧୁଙ୍କ ଅନାଦର ଯୋଗୁ ମନ ଦୁଃଖ ହୋଇପାରେ। ପରିବାରରେ ପକ୍ଷପାତିତାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟିର ସୂଚନା ରହିଛି। ଆକସ୍ମିକ ଭାବରେ ପରିଜନ ସହ ଦୂରଯାତ୍ରାର ଯୋଜନା କରିପାରନ୍ତି।

ଆଜି ଜାନୁଆରୀ ୨ ତାରିଖ, ପୌଷ ଶୁକ୍ଳ ତୃତୀୟା ଗୁରୁବାର, ରାଶିନକ୍ଷତ୍ର-ଶ୍ରବଣା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୫ ଗତେ, ଘ.୦୭।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୧୨ ଗତେ, ଘ.୦୨।୩୩ ମଧ୍ୟେ ରାହୁ କାଳ।

# ଅଭିଯାନ ବିଫଳ: ବୋର୍‌ୱେଲରେ ୩ ବର୍ଷୀୟା ମୃତ

**ଜୟପୁର, ୧।୧**

ରାଜସ୍ଥାନର କୋଟପୁତଲି ଜିଲାର କିତରପୁରା ଅଞ୍ଚଳରେ ୭୦୦ ଫୁଟ ଗଭୀର ବୋର୍‌ୱେଲ ମଧ୍ୟରେ ଗତ ୧୦ ଦିନ ଧରି ଫସି ରହିଥିବା ୩ ବର୍ଷୀୟା ଶିଶୁ କନ୍ୟା ଚେତନାଙ୍କର ବୁଧବାର ମୃତ୍ୟୁ ଘଟିଛି। ତାଙ୍କୁ ରେସ୍କ୍ୟୁ ଟିମ୍ ଦ୍ୱାରା ବୋର୍‌ୱେଲରୁ ବାହାରକୁ ଅଣାଯାଇଥିଲା। ଏହାପରେ ଚେତନାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଚେତନାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଉଦ୍ଧାର କରାଯିବା ସମୟରେ ଚେତନା ଅଚେତ ଅବସ୍ଥାରେ ଥିଲେ ବୋଲି ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ(ଏନ୍‌ଡିଆର୍‌ଏଫ୍) ରାଜସ୍ଥାନ ୟୁନିଟ୍‌ର ମୁଖ୍ୟ ଯୋଗେଶ ମିଣା କହିଛନ୍ତି। ଉଦ୍ଧାରକାରୀ ଦଳ ବୋରୱେଲ ନିକଟରେ ଏକ ସମାନ୍ତରାଳ ସୁଡଙ୍ଗ ଖୋଳି ଚେତନାଙ୍କୁ ବାହାରକୁ ଆଣିଥିଲେ।

# ଭୁବନେଶ କୁମାର ୟୁଆଇଡିଏଆଇ ସିଇଓ

**ନୂଆଦିଲ୍ଲୀ,୧।୧**

ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭୁବନେଶ କୁମାରଙ୍କୁ ବୁଧବାର ଭାରତର ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତ କରାଯାଇଛି। ଭୁବନେଶ ମନ୍ତ୍ରଣାଳୟର ସାଇବର ଆଇନ ଏବଂ ୟୁଆଇଡିଏଆଇ ବ୍ୟାପାର ଦାୟିତ୍ୱରେ ଅଛନ୍ତି। ନୂଆ ନିଯୁକ୍ତି ପରେ ସେ ଉଭୟ ଦାୟିତ୍ୱ ତୁଲାଇବେ। ଗତ ଡିସେମ୍ବରରେ ଫାର୍ମାସ୍ୟୁଟିକାଲ୍ସ ବିଭାଗ ସଚିବ ନିଯୁକ୍ତ ହୋଇଥିବା ଅମିତ୍ ଅଗ୍ରୱାଲଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ୧୯୯୫ ବ୍ୟାଚ୍ ଉତ୍ତର ପ୍ରଦେଶ କ୍ୟାଡର ଆଇଏଏସ୍ ଅଧିକାରୀ ଭୁବନେଶ କୁରୁକ୍ଷେତ୍ରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ୟୁଆଇଡିଏଆଇ ହେଉଛି ଇଲେକ୍ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଏକ ବୈଧାନିକ ସଂସ୍ଥା, ଯାହାକି ଆଧାର ନମ୍ବର ଜାରି କରିଥାଏ। ଏଥିସହ ସେଣ୍ଟ୍ରାଲ ଆଇଡେଣ୍ଟିଟିଜ୍ ଡେଟା ରେପୋଜିଟୋରି (ସିଆଇଡିଆର୍) ପରିଚାଳନା ଦାୟିତ୍ୱ ମଧ୍ୟ ୟୁଆଇଡିଏଆଇ ତୁଲାଇଥାଏ।



## ପ୍ରଥମ ପୃଷ୍ଠାରୁ...

### ୪ ଭଉଣୀ, ମା'ଙ୍କୁ ...

ଟିମ୍ ତନାଘନା ଚଳାଇଛି। ଅନ୍ୟପକ୍ଷେ ଅର୍ଶଦ କହିଛନ୍ତି, ସେମାନଙ୍କ ଜାଗାକୁ ମାଫିଆମାନେ ମାଡ଼ିବସିଥିଲେ। ଅଧା ଜାଗା ଦଖଲ କରିବା ପରେ ଆଉ ଅଧା ନିଜ କବ୍‌ଜାକୁ ନେବାକୁ ଯାଉଥିଲେ। ଏପରି କି ୪ ଭଉଣୀଙ୍କୁ ମଧ୍ୟ ସେମାନେ ହାଇଦ୍ରାବାଦକୁ ଚାଲାଣ କରିବାକୁ ଚାହୁଁଥିଲେ। ଭଉଣୀମାନଙ୍କ ସମ୍ମାନ ରକ୍ଷା ପାଇଁ ସେ ନିଜ ବାପା ବଦରୁଦ୍ଦିନ୍‌ଙ୍କ ସହ ମିଶି ସେମାନଙ୍କୁ ହତ୍ୟା କରିବାକୁ ବାଧ୍ୟ ହୋଇଥିବା ଅର୍ଶଦ ଏକ ଭିଡିଓରେ କହିଛନ୍ତି। ଅର୍ଶଦଙ୍କ ଭିଡିଓ ବୟାନ ଓ କାର୍ଯ୍ୟରେ କୌଣସି ତାଳମେଳ ନ ଥିବାରୁ ପ୍ରକୃତ ରହସ୍ୟ ଉପରୁ ପରଦା ହଟାଇବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ ବୋଲି କୁହାଯାଉଛି। ଅଭିଯୁକ୍ତ ମହମ୍ମଦ ଅର୍ଶଦ ନିଜ ମା' ଓ ୪ ଭଉଣୀଙ୍କୁ ହତ୍ୟା କରିଥିବା ବିଷୟ ଏକ ଭିଡିଓରେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ସେମାନଙ୍କ ସହର ବଦାଉଁରେ ପଡ଼ୋଶୀ ଓ ଜମି ମାଫିଆମାନେ ସେମାନଙ୍କ ଘରକୁ ଦଖଲ କରିବା ପରେ ଭଉଣୀମାନଙ୍କୁ ଚାଲାଣ କରିବାକୁ ଯୋଜନା ଚଳାଇଥିଲେ। ତାଙ୍କ ଭଉଣୀମାନଙ୍କୁ ବିକ୍ରି କରା ନ ଯାଉ ବୋଲି ସେ ଚାହୁଁଥିବାରୁ ସେମାନଙ୍କୁ ହତ୍ୟା କରିଛନ୍ତି। ପ୍ରଥମେ ସେ ସେମାନଙ୍କ ତଣ୍ଟି ଚିପି ଦେଇଥିଲେ। ଏହାପରେ ସେମାନଙ୍କ ହାତକୁ ଧାରୁଆ ଅସ୍ତ୍ରରେ କାଟିଥିଲେ। ଏଥିରେ ତାଙ୍କ ବାପା ସହଯୋଗ କରିଥିଲେ। ଭିଡିଓରେ ଅର୍ଶଦ ଆହୁରି କହିଛନ୍ତି, ଯେତେବେଳେ ପୋଲିସ ଏହି ଭିଡିଓକୁ ପାଇବ, ସେତେବେଳେ ଏଥିପାଇଁ ସ୍ଥାନୀୟ ଲୋକେ ଦାୟୀ ବୋଲି ଜାଣିବା ଜରୁରୀ। ସେମାନେ ଆମ ଘରକୁ ଦଖଲ କରିବା ପାଇଁ ଆମକୁ ହଇରାଣ କଲେ। ଆମେ ସ୍ୱର ଉତ୍ତୋଳନ କଲୁ। କିନ୍ତୁ କେହି ଶୁଣିଲେ ନାହିଁ। ୧୫ ଦିନ ହେଲା ଆମେ ଫୁଟ୍‌ପାଥରେ ଶୋଉଥିଲୁ। ରାସ୍ତାକଡ଼ରେ ଶୀତକାକରରେ ରାତି ବିତାଉଥିଲୁ। ଭଉଣୀମାନେ ଶୀତରେ କଷ୍ଟ ପାଆନ୍ତୁ ବୋଲି ଚାହୁଁ ନ ଥିଲୁ। ଆମ ପାଖରେ ଘରର ଦସ୍ତାବିଜ ରହିଛି ବୋଲି ଗିରଫ ହେବା ପରେ ଅର୍ଶଦ କହିଛନ୍ତି। ଭିଡିଓରେ ଅର୍ଶଦ କହିଛନ୍ତି, ଆମ ପରିବାରର ସବୁ ସଦସ୍ୟ ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିଲୁ। ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଅନୁରୋଧ କରିଥିଲୁ। ଏହି ହତ୍ୟା ପାଇଁ ସେ କେତେଜଣ ବ୍ୟକ୍ତିଙ୍କୁ ଦାୟୀକରି ସେମାନଙ୍କ ନାମ ମଧ୍ୟ କହିଛନ୍ତି। ସେମାନେ ହେଲେ ରାନୁ, ଅଫ୍‌ତାବ, ଅଲିମ୍ ଖାନ୍, ସଲିମ୍, ଆରିଫ, ଅହମଦ ଓ ଅଜ୍‌ହର। ସେମାନେ ଜମି ମାଫିଆ, ସେମାନେ ଝିଅମାନଙ୍କୁ ମଧ୍ୟ ବିକ୍ରି କରନ୍ତି। ମାଫିଆମାନେ ତାଙ୍କୁ ଓ ତାଙ୍କ ବାପାଙ୍କୁ ମିଥ୍ୟା ମାମଲାରେ ଫସାଇ ୪ ଭଉଣୀଙ୍କୁ ହାଇଦ୍ରାବାଦକୁ ଚାଲାଣ ପାଇଁ ଯୋଜନା କରୁଥିଲେ। ଅର୍ଶଦ ସେପରି ହେବା ପାଇଁ ଦେବାକୁ ଚାହୁଁ ନ ଥିବାରୁ ନିଜ ପରିବାରର ୫ ସଦସ୍ୟଙ୍କୁ ହତ୍ୟା କରିଥିବା କହିଛନ୍ତି।

ଏହା ପରେ ଅର୍ଶଦ ୫ ଜଣଙ୍କ ମୃତଦେହକୁ ଦେଖାଇ କହିଥିଲେ, ମୁଁ ସକାଳ ଯାଏ ଜୀବିତ ରହି ନ ପାରେ। ମୁଁ ଆତ୍ମହତ୍ୟା କରିବାକୁ ଯୋଜନା କରିଥିଲି। ଆମେ ବଦାଉଁ ବାସିନ୍ଦା। ୧୯୪୭ରୁ ଏହାର ରେକର୍ଡ ମୋ ଖୁଡ଼ୀଙ୍କ ପାଖରେ ରହିଛି। କିନ୍ତୁ ସେମାନେ ଆମକୁ ବାଂଲାଦେଶୀ ଦର୍ଶାଇ ମିଛ କହୁଥିଲେ। ଶାନ୍ତିରେ ରହିବା ପାଇଁ ଆମେ ଧର୍ମ ପରିବର୍ତ୍ତନ କରିବାକୁଚାହୁଁଥିଲୁ। ସାହାଯ୍ୟ ପାଇଁ ଆମେ ଅନେକ ଲୋକଙ୍କ ଦ୍ୱାରସ୍ଥ ହୋଇଥିଲୁ। କିନ୍ତୁ କେହି ସାହାଯ୍ୟ କଲେନାହିଁ। ଏବେ ମୋ ଭଉଣୀମାନେ ମରିଯାଇଥିବାବେଳେ ମୁଁ ଖୁବ୍‌ଶୀଘ୍ର ମରିବାକୁ ଯାଉଛି। ଭାରତରେ କୌଣସି ପରିବାର ଏପରି କରିବାକୁ ବାଧ୍ୟହେବା ଅନୁଚିତ। ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ହାତଯୋଡ଼ି ଅନୁରୋଧ କରୁଛି, ଆମେ ଜୀବନରେ ନ୍ୟାୟ ପାଇଲୁନାହିଁ, ଅନ୍ତତଃ ଆମକୁ ମୃତ୍ୟୁ ବେଳେ ନ୍ୟାୟ ଦିଅନ୍ତୁ। ସେମାନଙ୍କୁ କଠୋର ଦଣ୍ଡ ଦିଆଯାଉ। ନେତା ଓ ପୋଲିସ ସହ ସେମାନଙ୍କ ସମ୍ପର୍କ ରହିଛି। ସେମାନେ ଆମର ଅଧା ପ୍ଲଟ୍ ଦଖଲ କରିଛନ୍ତି, ଆଉ ଅଧାକୁ ଦଖଲ କରିବାକୁ ଚାହୁଁଛନ୍ତି। ସେହି ଜମି ଉପରେ ଏକ ମନ୍ଦିର ନିର୍ମାଣ କରାଯାଉ। ଘରେ ଥିବା ସମ୍ପତ୍ତିକୁ ଅନାଥାଶ୍ରମକୁ ଦାନ ଦିଆଗଲେ ଆମ ଆତ୍ମା ଶାନ୍ତି ପାଇବ।



ଅଭିଯୁକ୍ତ ମହମ୍ମଦ ଅର୍ଶଦ

ଇତିମଧ୍ୟରେ ଅର୍ଶଦ ଓ ତାଙ୍କ ପରିବାର ସମ୍ପର୍କରେ ଆଉ କିଛି ତଥ୍ୟ ସାମ୍ନାକୁ ଆସିଛି। ତଦନୁସାରେ ଅର୍ଶଦଙ୍କ ପରିବାର ୧୨ ବର୍ଷ ପୂର୍ବେ ଆଗ୍ରାକୁ ଯାଇ ସେଠାରେ ବସବାସ କରୁଥିଲା। ପରିବାର ଲୋକେ ଇସ୍‌ଲାମନଗର ଟେଢ଼ି ବଗିଆରେ ୪ ବଖରା ଓ ୨ ମହଲା ବିଶିଷ୍ଟ ଏକ ଘର ତିଆରି କରିଥିଲେ। ଅର୍ଶଦ ନିଜ ମା' ଓ ଭଉଣୀମାନଙ୍କୁ ବାହାରକୁ ଯିବାକୁ ଦେଉ ନ ଥିଲେ। ବାହାରୁ ମଧ୍ୟ କାହାରିକୁ ଘରେ ପୂରାଇଦେଉ ନ ଥିଲେ। ସେମାନେ କାହା ସହ ମିଳାମିଶା କରୁ ନ ଥିଲେ। ପଡ଼ୋଶୀଙ୍କ ସହ ସବୁବେଳେ ଝଗଡ଼ା କରୁଥିଲେ। ଅର୍ଶଦ ୨୦୨୪ ଫେବୃଆରୀରେ ନିଜ ଅଧା ଜାଗାକୁ ୭ ଲକ୍ଷ ଟଙ୍କାରେ ଅଲିମ୍ ଖାନ୍ ନାମକ ଜଣେ ପଡ଼ୋଶୀଙ୍କୁ ବିକ୍ରି କରିଦେଇଥିଲେ। ଅର୍ଶଦଙ୍କ ଭିଡିଓ ବୟାନ ଓ କାର୍ଯ୍ୟରେ କୌଣସି ତାଳମେଳ ନ ଥିବାରୁ ପ୍ରକୃତ ରହସ୍ୟ ଉପରୁ ପରଦା ହଟାଇବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

### ଆୟୁଷ୍ମାନ ଭାରତ: ମହିଳାଙ୍କୁ ...

ନାହିଁ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ୨୦୨୫ରେ ରାଜ୍ୟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ନୂଆ ମେଡିକାଲ କଲେଜ, ନର୍ସିଂ କଲେଜ, ଡିଜିଟାଲ ହେଲ୍‌ଥ ମିଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ଇ-କେୱାଇସି ଡାଟାବେସକୁ ଆଧାର କରି ନୂଆ କାର୍ଡ ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ନିକଟରେ ୧ କୋଟି ପରିବାରଙ୍କ ତଥ୍ୟ ରହିଛି। ଫେବୃଆରୀରୁ ଆୟୁଷ୍ମାନ୍ ଭାରତ ଲାଗୁ ହେଉଥିବାରୁ ଏହା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ କହିଛନ୍ତି। ଗୋପବନ୍ଧୁ ଜନ ଆରୋଗ୍ୟ ଓ ଆୟୁଷ୍ମାନ୍ ଭାରତ ମିଶ୍ରଣରେ ଏହି ସୁବିଧା ମିଳିବ। ଉଭୟ ଯୋଜନାକୁ ମିଶାଇ ଗାଇଡଲାଇନ୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟର ୧ କୋଟି ପରିବାରର ସାଢେ ୩ କୋଟି ଲୋକଙ୍କ ପାଖରେ ଏହି ସୁବିଧା ପହଞ୍ଚିବ। ରାଜ୍ୟବାସୀ ଡବଲ ଇଞ୍ଜିନ ସରକାରର ଲାଭ ପାଇବେ। ଏନେଇ ବିଭାଗୀୟ ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆବର୍ଷରେ ଏହି ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ମିଳିବ। ସୂଚନାଯୋଗ୍ୟ ମହିଳା ଭୋଟ ହାତେଇବାକୁ ବିଜେଡି ସରକାର ସମୟରେ ବିଏସ୍‌କେୱାଇରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଇଥିଲା। ଆୟୁଷ୍ମାନ୍ ଭାରତ ଯୋଜନାରେ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ ବ୍ୟବସ୍ଥା ରହିଛି। ତେଣୁ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ ହେଲେ ବିଏସ୍‌କେୱାଇରେ ମହିଳାମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟ ସୁବିଧା ମିଳିବ କି ନାହିଁ ସନ୍ଦେହ ଉପୁଜିଥିଲା। ଏହାକୁ ରାଜ୍ୟ ଭାଜପା ସରକାର ଦୂର କରିଛନ୍ତି। ପୂର୍ବଭଳି ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

୨୦୨୪ ଅକ୍ଟୋବର ୨୯ରେ ୭୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ୍ ଭାରତ ୨.୦କୁ ମଧ୍ୟ ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି। ଓଡ଼ିଶା, ଦିଲ୍ଲୀ, ପଶ୍ଚିମବଙ୍ଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆୟୁଷ୍ମାନ୍ ଯୋଜନା ଲାଗୁ ହୋଇସାରିଛି। ଓଡ଼ିଶାରେ ଏହି ଯୋଜନା ଲାଗୁ କରିବା ନେଇ ସରକାର ପଦକ୍ଷେପ ନେଉଛନ୍ତି।

### ୨ ବର୍ଷରେ ୬୫ ହଜାର ...

ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପକରି ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଖାଲି ପଦବୀ ପୂରଣ ପାଇଁ ନିଯୁକ୍ତି ଆୟୋଗଗୁଡିକୁ ପ୍ରସ୍ତାବ ଦେବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭିନ୍ନ ବିଭାଗରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ଖାଲି ଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱତନ୍ତ୍ର ରିକ୍ରୁଟ୍‌ମେଣ୍ଟ ଡ୍ରାଇଭ କରିବାକୁ କହିଛନ୍ତି। ଗ୍ରୁପ୍-ବି ବର୍ଗର ପଦବୀ ପୂରଣ ପାଇଁ ଏମପାୱାର୍ଡ କମିଟିର ଅନୁମୋଦନ ଦରକାର ନାହିଁ। ଭିନ୍ନକ୍ଷମ ବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଯାଞ୍ଚ ଓ ସଂରକ୍ଷଣ ପାଇଁ ଅର୍ଥ ବିଭାଗରେ କାର୍ଯ୍ୟରତ ଥିବା ଏମ୍‌ପାୱାର୍ଡ କମିଟିକୁ ପୁନର୍ଗଠନ କରି ସେଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରତିନିଧିଙ୍କୁ ସାମିଲକରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଅବିଭକ୍ତ କୋରାପୁଟ ଜିଲାର ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ଜୟପୁରଠାରେ ଲୋକସେବା ଆୟୋଗର ଏକ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ବର୍ତ୍ତମାନ ଲୋକସେବା ଆୟୋଗର ୫ଟି ପରୀକ୍ଷା କେନ୍ଦ୍ର ରହିଛି। ବୈଠକରେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନର ଅଧ୍ୟକ୍ଷ ଅରୁଣ ଷଡ଼ଙ୍ଗୀ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଅଭୟ, ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଲଳିତ ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ଆୟୋଗ ଗୁଡ଼ିକର ସଦସ୍ୟବୃନ୍ଦ ଏବଂ ସଚିବମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାରତକୁ ପ୍ରତ୍ୟର୍ପିତ ହେବେ ୨୬/୧୧ ଅଭିଯୁକ୍ତ ତହଉର ରାଣା



ନୂଆଦିଲ୍ଲୀ, ୧।୧

ଭାରତକୁ ଆମେରିକାରେ ବଡ଼ ସଫଳତା ମିଳିଛି। ୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତହଉର ରାଣାଙ୍କ ଭାରତ ପ୍ରତ୍ୟର୍ପଣ ନେଇ ରାସ୍ତା ସଫା ହୋଇଛି। ରାଣାଙ୍କ ପ୍ରତ୍ୟର୍ପଣ ନେଇ ଆମେରିକା ସୁପ୍ରିମ କୋର୍ଟ ସବୁଜ ସଙ୍କେତ ଦେଇଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ରହିଥିବା ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ କରିବାକୁ କୋର୍ଟ ମଞ୍ଜୁରୀ ପ୍ରଦାନ କରିଛନ୍ତି। କୋର୍ଟଙ୍କ ନିଷ୍ପତ୍ତି ପରେ ତହଉରଙ୍କୁ ଭାରତ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ୨୬/୧୧ ମାଷ୍ଟର ମାଇଣ୍ଡ ଡେଭିଡ୍ କୋଲ୍‌ମ୍ୟାନ ହେଡ୍‌ଲିଙ୍କୁ ସହାୟତା କରିଥିବା ନେଇ ତହଉରଙ୍କ ନାଁରେ ଅଭିଯୋଗ ରହିଛି।

# ସ୍ତ୍ରୀଙ୍କ ନିର୍ଯାତନାରୁ ପୁଣି ଆତ୍ମହତ୍ୟା

## କାଫେ ମାଲିକଙ୍କ ଝୁଲନ୍ତା ମୃତଦେହ ଜବତ କଲା ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ,୧।୧

ସ୍ତ୍ରୀ ଓ ଶ୍ୱଶୁର ଘର ନିର୍ଯାତନା ସହି ନ ପାରି ବେଙ୍ଗାଲୁରୁରେ ୩୪ ବର୍ଷୀୟ ସଫ୍ଟୱେର ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା କରିବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଦିଲ୍ଲୀରେ ମଙ୍ଗଳବାର ରାତିରେ ଏକ ଅନୁରୂପ ଘଟଣା ଘଟିଛି। ଜାତୀୟ ରାଜଧାନୀର କଲ୍ୟାଣ ବିହାର ଅଞ୍ଚଳ ମଡେଲ ଟାଉନ୍ ବାସଭବନରେ ଜଣେ ୪୦ ବର୍ଷୀୟ କାଫେ ମାଲିକ ଆତ୍ମହତ୍ୟା କରିଛନ୍ତି। ପୋଲିସ ଜଣାଶୁଣା ଉଡ୍‌ବକ୍ସ କାଫେର ସହପ୍ରତିଷ୍ଠାତା ପୁନିତ୍ ଖୁରାନାଙ୍କ ଝୁଲନ୍ତା ମୃତଦେହ ତାଙ୍କ ରୁମ୍‌ରୁ ଜବତକରି ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁସାରେ ୨୦୧୬ରେ ବିବାହିତ ପୁନିତ୍ ଓ ତାଙ୍କ ସ୍ତ୍ରୀ ମନିକା ଜଗଦୀଶ ପହ୍ୱାଙ୍କ ମଧ୍ୟରେ କାଫେ ବ୍ୟବସାୟକୁ ନେଇ ଝଗଡ଼ା ଲାଗିରହିଥିଲା। ଏଥିଯୋଗୁ ୨ ବର୍ଷ ହେଲା ସେମାନେ ଅଲଗା ରହୁଥିଲେ। ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେବା ପାଇଁ କୋର୍ଟରେ ଆବେଦନ କରିଥିଲେ। ପୁନିତ୍‌ଙ୍କ ବ୍ୟବସାୟରେ ମନିକା ପାର୍ଟନର ଥିଲେ। ସେ ପୁନିତ୍‌ଙ୍କଠାରୁ ବକେୟା ଟଙ୍କା ମାଗୁଥିଲେ। ଏତିକି ନୁହେଁ, ପୁନିତଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକେ ମାନସିକ ନିର୍ଯାତନା ଦେଉଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ପୁନିତ୍‌ଙ୍କ ଭଉଣୀ କହିଛନ୍ତି, ମନିକା ଓ ତାଙ୍କ ବାପଘର ଲୋକେ ପୁନିତ୍‌ଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଉଥିଲେ। ତୁମେ କିଛି କରିପାରିବ ନାହିଁ। ସାହସ ଥିଲେ ଆତ୍ମହତ୍ୟା କର ବୋଲି ସବୁବେଳେ କହୁଥିଲେ। ଏଥିରେ ଅତିଷ୍ଠ ହୋଇ ସେ ନିଜ ଜୀବନ ନେବା ଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ପୁନିତ୍ ମୃତ୍ୟୁ ପୂର୍ବରୁ ନିଜ ମୋବାଇଲ ଫୋନ୍‌ରେ ଭିଡିଓ ଶୁଟିଂକରି ସବୁକଥା କହିଛନ୍ତି। ମନିକା ଓ ତାଙ୍କ ମା'ବାପା କିପରି ତାଙ୍କ ଉପରେ ମାନସିକ ଚାପ ପକାଉଥିଲେ ତାହା ମଧ୍ୟ ଏଥିରେ କହିଛନ୍ତି। ପୁନିତ୍ ଓ ମନିକାଙ୍କ ବ୍ୟବସାୟିକ ବିବାଦ ଉପରେ ଭଉଣୀ କହିଛନ୍ତି, ପୂର୍ବରୁ ଉଭୟେ ସହଭାଗିତାରେ ବେକେରି ବିଜନେସ କରୁଥିଲେ। କିନ୍ତୁ ଛାଡ଼ପତ୍ର ପାଇଁ ପ୍ରସ୍ତୁତି ଆରମ୍ଭ ହେବା ପରେ ନିଷ୍ପତ୍ତି ନିଆଗଲା ଯେ, ପୁନିତ୍ ଫର୍ ଗଡ୍ସ ବେକେରି ଚଳାଇବେ ଏବଂ ମନିକା ଉଡ୍‌ବକ୍ସ କାଫେ ପରିଚାଳନା କରିବେ। ଏନେଇ ଚୁକ୍ତିନାମାରେ ସ୍ୱାକ୍ଷର କରାଯାଇଥିଲା। ଏହା ପରେ ମଧ୍ୟ ମନିକା ନିଜ ଶେୟାର ଛାଡ଼ିବେ ନାହିଁ ବୋଲି ଜିଦ୍ କରୁଥିଲେ। କୋର୍ଟରେ ଉକ୍ତ ବିଷୟରେ ନିଷ୍ପତ୍ତି ନିଆଯାଇଥିବାରୁ ତୁମେ ସେଠାକୁ ଯାଇ ଏହି କଥା ଉଠାଇବାକୁ ମନିକା ତାଙ୍କୁ ତାଗିଦ୍ କରୁଥିଲେ। ମନିକା ପୁନିତ୍‌ଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ହ୍ୟାକ୍ କରିଥିଲେ। ସେ ତାଙ୍କ ଆକାଉଣ୍ଟ ଜରିଆରେ ଲୋକଙ୍କୁ ଦୁର୍ବ୍ୟବହାର କରୁଥିଲେ। ଏହି କାରଣରୁ ପୁନିତ୍‌ଙ୍କୁ ତାଙ୍କୁ ରାତି ୩ଟାରେ କଲ୍ କରିବାକୁ ପଡୁଥିଲା। କଲ୍ ରେକର୍ଡିଂ ମହଜୁଦ ଥିବା ସେ କହିଛନ୍ତି। ପୁନିତ୍‌ଙ୍କ ମା' କହିଛନ୍ତି, ବିଚ୍ଛେଦ ପରେ ଉଭୟେ ଭଲରେ ରହିବେ। କିନ୍ତୁ ପୁଅଙ୍କୁ ସେମାନେ ନିର୍ଯାତନା ଦେଇଚାଲିଥିଲେ। ଶେଷରେ ପୁଅ ଏଭଳି ଚରମ ନିଷ୍ପତ୍ତି ନେଇଛି। ମୁଁ ମୋ ପୁଅକୁ ହରାଇଛି। ତାକୁ ନ୍ୟାୟ ମିଳିଲେ ଆତ୍ମାକୁ ଶାନ୍ତି ମିଳିବ।



ସ୍ତ୍ରୀ ମନିକା ଜଗଦୀଶ ପହ୍ୱାଙ୍କ ସହ ପୁନିତ୍ ଖୁରାନା।

## ହ୍ୱାଟ୍‌ସଆପ୍‌ରେ ସର୍ବାଧିକ ସାଇବର ଅପରାଧ

ନୂଆଦିଲ୍ଲୀ, ୧।୧



ସାଇବର ଅପରାଧୀମାନଙ୍କ ପାଇଁ ହ୍ୱାଟ୍‌ସଆପ୍ ସବୁଠୁ ଅଧିକ ପସନ୍ଦଯୋଗ୍ୟ ପ୍ଲାଟଫର୍ମ ହୋଇଥିବା ନେଇ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୩-୨୪ର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ, ହ୍ୱାଟ୍‌ସଆପ୍ ପରେ ଯଥାକ୍ରମେ ଟେଲିଗ୍ରାମ ଏବଂ ଇନ୍‌ଷ୍ଟାଗ୍ରାମ ହେଉଛି ସାଇବର ଅପରାଧୀମାନଙ୍କ ଦ୍ୱିତୀୟ ଏବଂ ତୃତୀୟ ପସନ୍ଦଯୋଗ୍ୟ ପ୍ଲାଟ୍‌ଫର୍ମ। ୨୦୨୪ର ପ୍ରଥମ ୩ ମାସ ମଧ୍ୟରେ କେବଳ ହ୍ୱାଟ୍‌ସଆପ୍ ଯୋଗେ ସାଇବର ଅପରାଧ ହୋଇଥିବା ନେଇ ୪୩,୭୯୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେହିପରି ଯଥାକ୍ରମେ ଟେଲିଗ୍ରାମ ଓ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ସାଇବର ଅପରାଧ ହୋଇଥିବା ନେଇ ୨୨,୬୮୦ ଏବଂ ୧୯,୮୦୦ ଅଭିଯୋଗ ଗ୍ରହଣ କରାଯାଇଥିଲା।

## ୨୦୨୫ ଭାରତୀୟ ପ୍ରତିରକ୍ଷା ସଂସ୍କାର ବର୍ଷ

ନୂଆଦିଲ୍ଲୀ,୧।୧(ପି.ଟି.)

କେନ୍ଦ୍ର ସରକାର ୨୦୨୫କୁ ଭାରତର ପ୍ରତିରକ୍ଷା ସଂସ୍କାର ବର୍ଷ ଭାବେ ଘୋଷଣା କରିଛନ୍ତି। ସ୍ଥଳସେନା, ବାୟୁସେନା ଓ ନୌସେନା ମଧ୍ୟରେ ସମନ୍ୱୟକୁ ଆହୁରି ମଜଭୁତ କରିବା ଏବଂ ସେନାକୁ ଉନ୍ନତ ଯୁଦ୍ଧ ପାଇଁ କାରିଗରି ଦୃଷ୍ଟିରୁ ପ୍ରସ୍ତୁତରେ ପରିବର୍ତ୍ତିତ କରିବା ନିମନ୍ତେ ସମନ୍ୱିତ ଥିଏଟର କମାଣ୍ଡର ଆରମ୍ଭ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏହି ସଂସ୍କାର ପ୍ରତିରକ୍ଷା ପ୍ରସ୍ତୁତିରେ ଅଭୂତପୂର୍ବ ଅଗ୍ରଗତିର ମୂଳଦୁଆ ପକାଇବ। ଏଥିସହ ଏକବିଂଶ ଶତାବ୍ଦୀରେ ଅନେକ ଆହ୍ୱାନ ସୃଷ୍ଟିହେବା ପରିପ୍ରେକ୍ଷୀରେ ଦେଶର ନିରାପତ୍ତା ଓ ସାର୍ବଭୌମତ୍ୱକୁ ସୁନିଶ୍ଚିତ କରିବ। ବର୍ତ୍ତମାନ ୩ ସେନାର ପୃଥକ୍ କମାଣ୍ଡ ରହିଛି। ୨୦୨୫ରେ ଅଣାଯିବାକୁ ଥିବା ପ୍ରତିରକ୍ଷା ସଂସ୍କାର ବଳରେ ପ୍ରତ୍ୟେକ ଥିଏଟର କମାଣ୍ଡରେ ସ୍ଥଳସେନା, ବାୟୁସେନା ଓ ନୌସେନା ୟୁନିଟ୍ ରହିବ। ସେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଭୂଖଣ୍ଡରେ ଆସୁଥିବା ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକକ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ରାଜନାଥ କହିଛନ୍ତି।

## ଭାରତ-ପାକିସ୍ତାନ ଆଣବିକ ଅସ୍ତ୍ର ତାଲିକା ବିନିମୟ

ନୂଆଦିଲ୍ଲୀ, ୧।୧



ନୂଆବର୍ଷର ପ୍ରଥମ ଦିନ ଭାରତ ଏବଂ ପାକିସ୍ତାନ ପରସ୍ପର ସହ ଆଣବିକ ଅସ୍ତ୍ରଶସ୍ତ୍ରଗୁଡ଼ିକର ତାଲିକା ବିନିମୟ କରିଛନ୍ତି। ୨ ଦେଶ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦରେ ନିଜ ନିଜର କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ତାଲିକା ବିନିମୟ କରିଛନ୍ତି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆଞ୍ଚଳିକ ସ୍ଥିରତା ବଜାୟ ରଖିବା ସହ ପରସ୍ପରର ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ନ କରିବା ପାଇଁ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ୧୯୮୮ ଚୁକ୍ତିନାମା ଅନୁଯାୟୀ, ୨ ଦେଶ ଏହି ପରମ୍ପରାକୁ ୩ ଦଶନ୍ଧିରୁ ଅଧିକ ସମୟ ଧରି ପାଳନ କରି ଆସୁଛନ୍ତି। ବୁଧବାର ଭାରତ ଓ ପାକିସ୍ତାନ ମଧ୍ୟରେ ୩୪ତମ ଆଣବିକ ଅସ୍ତ୍ରଶସ୍ତ୍ରଗୁଡ଼ିକର ତାଲିକା ବିନିମୟ ହୋଇଛି। ୧୯୯୨ ଜାନୁଆରୀ ୧ରେ ପ୍ରଥମ ଥର ପାଇଁ ଉଭୟ ଦେଶ ମଧ୍ୟରେ ଏପରି ତାଲିକା ବିନିମୟ ହୋଇଥିଲା।

# ଟ୍ରକ୍ ଚଢ଼ାଇ ଗୁଳି ଚଳାଇଲେ: ୧୨ ମୃତ, ୩୫ ଆହତ

ୱାଶିଂଟନ୍, ୧।୧

ନୂଆବର୍ଷରେ ଆମେରିକାର ନ୍ୟୁ ଓରଲିୟନ୍ସସ୍ଥିତ ବୋରବନ୍ ଷ୍ଟ୍ରିଟ୍‌ଠାରେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ଟ୍ରକ୍ ଦ୍ରୁତ ଗତିରେ ଆସି ନୂଆବର୍ଷ ପାଳନ କରୁଥିବା ହଜାରରୁ ଅଧିକ ଲୋକଙ୍କ ଉପରେ ଚଢ଼ିଯାଇଥିଲା। ଏହାପରେ ଡ୍ରାଇଭର ଜଣକ ଟ୍ରକ୍‌ରୁ ଓହ୍ଲାଇ ଭିଡ଼ ଉପରକୁ ଗୁଳି ଚଳାଇଥିଲେ। ଏହି ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୫ରୁ ଅଧିକ ଆହତ ହୋଇଛନ୍ତି। ଘଟଣାକୁନେଇ ନ୍ୟୁ ଓରଲିୟନ୍ସ ପୋଲିସ ଓ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ) ତଦନ୍ତ ଜାରି ରହିଛି। ଆହତଙ୍କୁ ନ୍ୟୁ ଓରଲିୟନ୍ସ ସହରର ୫ ଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନ୍ୟୁ ଓରଲିୟନ୍ସର ପୋଲିସ ବିଭାଗ ମୁଖ୍ୟ ଆନି କିକ୍‌ପାଟ୍ରିକ୍ କହିଛନ୍ତି, ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ୍ ଭିଡ଼ ଉପରେ ଚଢ଼ିଯାଇଥିଲା। ଡ୍ରାଇଭର ଜଣକ ଅଧିକରୁ ଅଧିକ ଲୋକଙ୍କ ଉପରେ ଟ୍ରକ୍ ଚଢ଼ାଇବାକୁ ଚେଷ୍ଟା କରୁଥିଲେ। ଏହା ପରେ ସେ ଲୋକଙ୍କୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ୩୦୦ ଜଣ ପୋଲିସ କର୍ମୀ ନିୟୋଜିତ ଥିଲେ। ପୋଲିସ ସହ ଗୁଳି ବିନିମୟ ବେଳେ ସନ୍ଦିଗ୍ଧ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ତେବେ ଡ୍ରାଇଭରଙ୍କ ଗୁଳିରେ ୨ ଜଣ ପୋଲିସ ଆହତ ହୋଇଛନ୍ତି। ତେବେ ନ୍ୟୁ ଓରଲିୟନ୍ସ ମେୟର ଲାଟୋୟା କାଣ୍ଟ୍ରେଲ ଏହି ଘଟଣାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ସନ୍ଦିଗ୍ଧ ଡ୍ରାଇଭର ଜଣକ ଉଦ୍ଦେଶ୍ୟମୂଳକ ଭାବେ ଏପରି କରିଥିବା ସେ କହିଛନ୍ତି। ତେବେ ଏହି ଘଟଣାରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହା ସ୍ପଷ୍ଟ କରିବା ପାଇଁ ଆତଙ୍କବାଦ ଦିଗକୁ ନେଇ ମଧ୍ୟ ତଦନ୍ତ କରାଯାଉଛି ବୋଲି ଏଫ୍‌ବିଆଇ ସହକାରୀ ଏଜେଣ୍ଟ ଆଲେଥିନା ଡଙ୍କାନ କହିଛନ୍ତି। ଘଟଣାସ୍ଥଳରୁ ଏକ ସନ୍ଦିଗ୍ଧ ବିସ୍ଫୋରକ ଉପକରଣ ମିଳିଥିବା ସେ କହିଛନ୍ତି।



### ଆତଙ୍କବାଦ ଲିଙ୍କ୍ ଖୋଜୁଛି ଏଫ୍‌ବିଆଇ

## ୧୯୦୧ ପରେ ସବୁଠୁ ଉତ୍ତପ୍ତ ବର୍ଷ ଥିଲା ୨୦୨୪

ନୂଆଦିଲ୍ଲୀ,୧।୧(ପି.ଟି.)

ଭାରତରେ ୧୯୦୧ ମସିହା ପରେ ୨୦୨୪ ସବୁଠୁ ଉତ୍ତପ୍ତ ବର୍ଷ ଥିଲା। ୨୦୨୪ରେ ସାରା ଦେଶରେ ବାର୍ଷିକ ହାରାହାରି ଭୂପୃଷ୍ଠ ବାୟୁ ତାପମାତ୍ରା ଦୀର୍ଘକାଳୀନ (୧୯୯୧-୨୦୨୦) ହାରାହାରି ତାପମାତ୍ରା ତୁଳନାରେ ୦.୬୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ରହିଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ବୁଧବାର ଏକ ଭର୍ଚୁଆଲ ପ୍ରେସ୍ ବ୍ରିଫିଂରେ ଏହି ସୂଚନା ଦେଇଛନ୍ତି। ମୃତ୍ୟୁଞ୍ଜୟ କହିଛନ୍ତି, ୨୦୧୬ ବର୍ଷ ୧୯୦୧ର ତାପମାତ୍ରାକୁ ଅତିକ୍ରମ କରି ସବୁଠୁ ଉତ୍ତପ୍ତ ବର୍ଷ ରହିଥିଲା। ୨୦୧୬ରେ ଭୂପୃଷ୍ଠ ବାୟୁ ତାପମାତ୍ରା ସ୍ୱାଭାବିକଠାରୁ ୦.୫୪ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା। କିନ୍ତୁ ୨୦୨୪ ଏହି ରେକର୍ଡକୁ ଭାଙ୍ଗି ଆହୁରି ଉତ୍ତପ୍ତ ବର୍ଷ ପାଲଟିଥିଲା।

## ପୁଣି ବିବାଦରେ ଦିଲଜିତ୍ ଦୋସାଞ୍ଜ୍

ଲୁଧିଆନା, ୧।୧



ଲୋକପ୍ରିୟ ଗାୟକ ଏବଂ ଅଭିନେତା ଦିଲଜିତ୍ ଦୋସାଞ୍ଜ୍ ପୁଣି ବିବାଦରେ ଫସିଛନ୍ତି। ଜିରୋନାଇଟ ଉପଲକ୍ଷେ ମଙ୍ଗଳବାର ରାତିରେ ପଞ୍ଜାବ ଏଗ୍ରିକଲ୍ଚର ୟୁନିଭର୍ସିଟିରେ ହେଉଥିବା ଲୁଧିଆନା କନ୍‌ସର୍ଟରେ ଦୋସାଞ୍ଜ୍ ଗାଇଥିବା କେତେକ ଗୀତରେ ଆପତ୍ତି ଦର୍ଶାଇ ଚଣ୍ଡିଗଡ଼ର ଜଣେ ଆସିଷ୍ଟାଣ୍ଟ ପ୍ରଫେସର ପଣ୍ଡିତ ରାଓ ଧରେନ୍ୱର ଦୋସାଞ୍ଜ୍‌ଙ୍କ ବିରୋଧରେ ପଞ୍ଜାବ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗର ଉପନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଛନ୍ତି। ବିଭିନ୍ନ କମିଶନ ଦ୍ୱାରା ବାରମ୍ବାର ମନା କରାଯାଉଥିବା ସତ୍ତ୍ୱେ ମଧ୍ୟ ଦୋସାଞ୍ଜ୍ '୫ ତେରେ ଠେକେ', 'କେସ୍', 'ପଟିଆଲା ପେଗ୍' ପରି ଗୀତକୁ ଲୁଧିଆନା କନ୍‌ସର୍ଟରେ ଗାଇଥିଲେ। ସାର୍ବଜନୀନ କାର୍ଯ୍ୟକ୍ରମରେ ଏପରି ଗୀତ ମଦ୍ୟପାନ, ଡ୍ରଗ୍ସ ଏବଂ ହିଂସାକୁ ପ୍ରୋତ୍ସାହିତ କରୁଥିବା ଦର୍ଶାଇ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ଲୁଧିଆନା ଜିଲା କମିଶନରଙ୍କୁ ନୋଟିସ୍ କରିବା ପାଇଁ ପଣ୍ଡିତ ରାଓ ଧରେନ୍ୱର ନିଜ ଅଭିଯୋଗ ପତ୍ରରେ ପଞ୍ଜାବ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗର ଉପନିର୍ଦ୍ଦେଶକଙ୍କୁ ଦାବି କରିଛନ୍ତି।

## ୨୩ ବର୍ଷର ଲଢ଼େଇ ପରେ ମିଳିଲା ଦାଉଦଙ୍କ ଦୋକାନର ମାଲିକାନା

ମୁମ୍ବାଇ, ୧।୧

ଦୀର୍ଘ ୨୩ ବର୍ଷର ଲଢ଼େଇ ପରେ ଉତ୍ତରପ୍ରଦେଶର ଫିରୋଜାବାଦ ନିବାସୀ ହେମନ୍ତ ଜୈନ(୭୦)ଙ୍କୁ ମୁମ୍ବାଇର ନାଗପଡ଼ା ଥାନା ଜୟରାଜଭାଇ ଷ୍ଟ୍ରିଟ୍‌ସ୍ଥିତ ୧୪୪ ବର୍ଗ ଫୁଟ ବିଶିଷ୍ଟ ଗ୍ୟାଙ୍ଗଷ୍ଟର ଦାଉଦ ଇବ୍ରାହିମଙ୍କ ଏକ ଦୋକାନର ମାଲିକାନା ଅଧିକାର ମିଳିଛି। ଜୟରାଜଭାଇ ଷ୍ଟ୍ରିଟ୍‌ରେ ଥିବା ୧୯୯୩ ମୁମ୍ବାଇ ବୋମା ବିସ୍ଫୋରଣର ମାଷ୍ଟରମାଇଣ୍ଡ ଦାଉଦ ଇବ୍ରାହିମଙ୍କ ୨୩ଟି ସମ୍ପତ୍ତିକୁ ଆୟକର ବିଭାଗ ୨୦୦୧ରେ ଜବତ କରିଥିଲା। ଏଥିରେ ତାଙ୍କର ୧୪୪ ବର୍ଗଫୁଟ ବିଶିଷ୍ଟ ଏକ ଦୋକାନ ଗୃହ ରହିଥିଲା। ଉକ୍ତ ସମ୍ପତ୍ତିକୁ ନିଲାମ କରିବା ପାଇଁ ଆୟକର ବିଭାଗ ପକ୍ଷରୁ ଖବରକାଗଜରେ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୦୧ ସେପ୍ଟେମ୍ବର ୨୦ରେ ହେମନ୍ତ ନିଲାମରେ ଯୋଗଦେଇ ୨ ଲକ୍ଷ ଟଙ୍କାରେ ଉକ୍ତ ଦୋକାନକୁ କିଣିଥିଲେ। ତେବେ ଏହାପରେ ମଧ୍ୟ ଦୋକାନର ମାଲିକାନା ଅଧିକାର ହେମନ୍ତଙ୍କୁ ମିଳି ନ ଥିଲା। ବିଭାଗୀୟ ପ୍ରକ୍ରିୟା ଏବଂ ସ୍ଥାନୀୟ ପ୍ରଶାସନର ବାଧା ଯୋଗୁ ଏହି ମାମଲା ବର୍ଷ ବର୍ଷ ଧରି ବିଚାରାଧୀନ ରହିଥିଲା। ହେମନ୍ତ ଏହି ସମ୍ପତ୍ତିକୁ ନିଜ ନାମରେ କରିବା ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ସମେତ ଅନେକ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ସମୟ ସମୟରେ ଏହାର ଉତ୍ତର ଦିଆଯାଉଥିଲେ ମଧ୍ୟ ତାଙ୍କ ନାମରେ ଦାଉଦଙ୍କ ଦୋକାନର ପଞ୍ଜୀକରଣ ହୋଇପାରି ନ ଥିଲା। ହେମନ୍ତ କହିଛନ୍ତି, ୨୦୧୭ରେ ଏହି ମାମଲା ସମ୍ବନ୍ଧିତ ଫାଇଲ ରେଜିଷ୍ଟ୍ରାର ଅଫିସରୁ ହଜିଯାଇଥିବା ନେଇ ତାଙ୍କୁ କୁହାଗଲା। ତେଣୁ ସେ ବାଧହୋଇ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ଡିସେମ୍ବର ୧୯ରେ ଏହି ସମ୍ପତ୍ତି ତାଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଦୀର୍ଘ ୨୩ ବର୍ଷର ଲଢ଼େଇ ପରେ ତାଙ୍କୁ ସଫଳତା ମିଳିଥିଲା। ହେମନ୍ତ କହିଛନ୍ତି, ସେ ସମୟ ଆଗରେ ହାର୍ ମାନି ନ ଥିଲେ। ଦୀର୍ଘ ବର୍ଷର ଉଦ୍ୟମ ପରେ ତାଙ୍କୁ ଏହି ବିଜୟ ମିଳିଛି। ତାଙ୍କର ମୁମ୍ବାଇରେ କୌଣସି ବ୍ୟବସାୟ ନ ଥିଲା। ଦାଉଦ ଇବ୍ରାହିମଙ୍କ ଆଧିପତ୍ୟକୁ କମ୍ କରିବା ପାଇଁ ସେ ଏହି ସମ୍ପତ୍ତି କିଣିଥିଲେ ଓ ଆୟକର ବିଭାଗ ସହ ସମ୍ପର୍କ କରିଥିଲେ। ତେବେ ଏବେ ମଧ୍ୟ ତାଙ୍କର ବିଜୟ ଅଧୁରା ରହିଛି ବୋଲି ହେମନ୍ତ କହିଛନ୍ତି। ଉକ୍ତ ଦୋକାନଟି ଦାଉଦଙ୍କ କେତେଜଣ ସହଯୋଗୀଙ୍କ ନିୟନ୍ତ୍ରଣରେ ଏବେ ମଧ୍ୟ ରହିଛି। ସେମାନେ ଉକ୍ତ ସ୍ଥାନକୁ ଏକ ଲେଥ୍ ମେଶିନ କର୍ମଶାଳାରେ ପରିଣତ କରିଛନ୍ତି। ତେଣୁ ଉକ୍ତ କର୍ମଶାଳାକୁ ବନ୍ଦ କରିବା ପାଇଁ ସେ ପୋଲିସ ଓ ପ୍ରଶାସନକୁ ଚିଠି ଲେଖିଛନ୍ତି।



ଦାଉଦ ଇବ୍ରାହିମ୍



ହେମନ୍ତ ଜୈନ

## ଇସ୍ରାଏଲ୍‌ର ଆକ୍ରମଣ: ୧୨ ପାଲେଷ୍ଟିନୀୟ ନିହତ



ଡେର୍ ଅଲ୍ ବଲାହ, ୧।୧

ନୂଆ ବର୍ଷରେ ମଧ୍ୟ ଗାଜାରେ ଇସ୍ରାଏଲ ଆକ୍ରମଣ କରିଛି। ଇସ୍ରାଏଲର ୩ ପୃଥକ୍ ଏୟାର ଷ୍ଟ୍ରାଇକ୍‌ରେ ବୁଧବାର ୧୨ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ ରହିଛନ୍ତି। ଗାଜାର ଜାବାଲିୟା ଅଞ୍ଚଳର ଏକ ଘରେ ଇସ୍ରାଏଲର ମିଶାଇଲ ମାଡ଼ ଯୋଗୁ ୪ ଶିଶୁ ଓ ଜଣେ ମହିଳାଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଡଜନେରୁ ଅଧିକ ଆହତ ହୋଇଛନ୍ତି। ସେହିପରି ମଧ୍ୟ ଗାଜାର ବୁରିଜ୍‌ସ୍ଥିତ ଶରଣାର୍ଥୀ ଶିବିରରେ ଇସ୍ରାଏଲର ମିଶାଇଲ ମାଡ଼ ଯୋଗୁ ଜଣେ ମହିଳା ଓ ଜଣେ ଶିଶୁଙ୍କର ମୃତ୍ୟୁ ଘଟିଛି। ଖାନ ୟୁନିସ୍ ଅଞ୍ଚଳରେ ଇସ୍ରାଏଲର ଆକ୍ରମଣରେ ୩ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ନେଇ ନାସେର ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

## ଫୁରସତ୍

### ପଥର ଖାଉଛି ପକ୍ଷୀ

ୱାଶିଂଟନ



ସବୁଠାରୁ ଦ୍ରୁତ ଗତିରେ ଦୌଡ଼ି ପାରୁଥିବା ପକ୍ଷୀ ଭାବରେ ଓଟ ପକ୍ଷୀ ଜଣାଶୁଣା। ତେବେ ଓଟ ପକ୍ଷୀଙ୍କୁ ନେଇ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଭିଡିଓରେ କିଛି ଓଟ ପକ୍ଷୀ ମିଳିମିଶି ପଥର ଖାଉଥିବାର ଦେଖିବାକୁ ମିଳିଛି। 'ଆମେରିକାନ ଓଷ୍ଟ୍ରିଚ୍ ଫାର୍ମ' ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଥିବା ଏହି ଭିଡିଓରେ ଅନେକ ଓଟପକ୍ଷୀ ପଥର ଖାଉଥିବାର ଦେଖିବାକୁ ମିଳିଛି। 'ଆମେରିକାନ ଓଷ୍ଟ୍ରିଚ୍ ଫାର୍ମ' ପକ୍ଷରୁ ଏହି ଭିଡିଓରେ ସୂଚନା ଦିଆଯାଇ କୁହାଯାଇଛି, ଓଟପକ୍ଷୀମାନେ ହେଉଛନ୍ତି ସର୍ବହାରି। ସେମାନେ ଉଭୟ ପ୍ରାଣୀ ଏବଂ ଉଦ୍ଭିଦ ଖାଇଥାନ୍ତି। କିନ୍ତୁ ଅନ୍ୟ ପକ୍ଷୀମାନଙ୍କ ପରି ଓଟପକ୍ଷୀଙ୍କର ଦାନ୍ତ ନ ଥାଏ। ତେଣୁ ସେମାନେ ଯାହା ଖାଆନ୍ତି, ସେଗୁଡ଼ିକ ଠିକ୍ ଭାବେ ହଜମ ହୋଇପାରି ନ ଥାଏ। ଏହି କାରଣରୁ ସେମାନେ ପଥର ଖାଇଥାନ୍ତି। ତେବେ ପଥରକୁ ଓଟପକ୍ଷୀମାନେ ହଜମ କରିପାରନ୍ତି ନାହିଁ। ଏହା ସେମାନଙ୍କ ପେଟର ଏକ ଥଳିରେ ସଂଗୃହୀତ ହୋଇ ରହିଥାଏ। ଓଟପକ୍ଷୀମାନେ ଯାହା ବି ଖାଇଥାନ୍ତି, ତାହା ଉକ୍ତ ପଥରଗୁଡ଼ିକ ସାହାଯ୍ୟରେ ଛୋଟ ଛୋଟ ଖଣ୍ଡ ହୋଇ ହଜମ ହୋଇଯାଇଥାଏ। ସେହିପରି ପଥରଗୁଡ଼ିକ ମଧ୍ୟ ସେମାନଙ୍କ ଶରୀର ମଧ୍ୟରେ ଧୀରେ ଧୀରେ ଛୋଟ ହୋଇଯାଇ ନଷ୍ଟ ହୋଇଯାଇଥାଏ। ଏହାପରେ ଓଟ ପକ୍ଷୀମାନେ ପୁଣି ପଥର ଖାଇଥାନ୍ତି ବୋଲି ଉକ୍ତ ଭିଡିଓରେ କୁହାଯାଇଛି। ଭାଇରାଲ ହେଉଥିବା ଏହି ଭିଡିଓକୁ ଅନେକ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି।

### ଜଙ୍ଗଲରେ ନୂଆବର୍ଷ ପାଳିଲେ ନିମ୍ରତ

**ଭୋପାଳ:** ଅଭିନେତ୍ରୀ ନିମ୍ରତ କୌର ୨୦୨୫କୁ ଏକ ନିଆରା ଓ ସ୍ମରଣୀୟ ଅନ୍ଦାଜରେ ସ୍ୱାଗତ କରିଛନ୍ତି। ମଧ୍ୟପ୍ରଦେଶର ବାନ୍ଧବଗଡ଼ ଜାତୀୟ ଉଦ୍ୟାନର ଜଙ୍ଗଲ ମଧ୍ୟରେ ସେ ନିଜ ନବବର୍ଷକୁ ପାଳନ କରିଛନ୍ତି। ଏହାର କିଛି ଫଟୋ ଓ ଭିଡିଓକୁ ସେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହା ସହ ନିମ୍ରତ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, "ବାନ୍ଧବଗଡ଼ର ଜଙ୍ଗଲ ମଧ୍ୟରେ ନୂଆ ବର୍ଷ ୨୦୨୫କୁ ସ୍ୱାଗତ କରିଛି। ଏଠାରେ ବର୍ଷର ପ୍ରଥମ ସୂର୍ଯ୍ୟକିରଣ ଖୁବ୍ ଖାସ୍ ଅନୁଭୂତ ହେଲା। ବାସ୍ତବରେ ଜଙ୍ଗଲରେ ବାଘ ଏବଂ ବିଭିନ୍ନ ବନ୍ୟଜନ୍ତୁଙ୍କୁ ଦେଖିବା ସହ ପ୍ରାକୃତିକ ପରିବେଶରେ ପରିବାର ସହ ନୂଆବର୍ଷ ପାଳିବାର ମଜା ହିଁ ନିଆରା। ୨୦୨୫ ଚମତ୍କାର ହେଉ। ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା।" ଏହି ପୋଷ୍ଟରେ ନିମ୍ରତ ବାନ୍ଧବଗଡ଼ର ଜଙ୍ଗଲ ମଧ୍ୟରେ କଫି ପିଇବା ସହ ଜଳଖିଆ ଖାଉଥିବାର ମଧ୍ୟ ନଜରକୁ ଆସିଛନ୍ତି। ଜଣେ ପ୍ରକୃତିପ୍ରେମୀ ଭାବେ ସେ ତାଙ୍କ ପୋଷ୍ଟରେ ବାନ୍ଧବଗଡ଼ର ଜଙ୍ଗଲରେ ବାଘ ଏବଂ ଅନ୍ୟାନ୍ୟ ବଣୁଆ ଜନ୍ତୁଙ୍କ ଭିଡିଓ କରି ଶେୟାର କରିଛନ୍ତି। ପ୍ରକାଶ ଯେ, ନିମ୍ରତଙ୍କୁ ଶେଷ ଥର ପାଇଁ ୨୦୨୩ରେ ରିଲିଜ୍ ହୋଇଥିବା 'ସଜ୍‌ନୀ ଶିନ୍ଦେ କା ଭାଇରାଲ ଭିଡିଓ'ରେ ଦେଖିବାକୁ ମିଳିଥିଲା। ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଥିବା 'ସ୍କାଏ ଫୋର୍ସ'ରେ ନିମ୍ରତ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ଫିଲ୍ମରେ ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ ସାରା ଅଲି ଖାନଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ।



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ



# ସଗୁଣ, ନିର୍ଗୁଣ ଓ ବିଜ୍ଞାନ



ଦେବଦତ୍ତ ପଟ୍ଟନାୟକ

ଅଧିକାଂଶ ଧାର୍ମିକ ଲୋକ ବିଜ୍ଞାନ ପ୍ରତି ଈର୍ଷାଭାବ ପୋଷଣ କରିଥାନ୍ତି। କିନ୍ତୁ ସିଦ୍ଧାନ୍ତକୁ ଆଧାର କରି ବିଜ୍ଞାନ ଧର୍ମକୁ ଚପିଯାଇଛି। ମନ୍ତ୍ର କିମ୍ବା ଯାଦୁଶକ୍ତି ପରିବର୍ତ୍ତେ ତୁମ ପାଖରେ ପ୍ରଯୁକ୍ତି(ଟେକ୍ନୋଲୋଜି) ରହିଲା। ଏହା ବ୍ୟତୀତ ଏକ ଶିଳ୍ପକୈନ୍ଦ୍ରିକ ଜୀବନଶୈଳୀ ଓ ବ୍ୟାପକ ଉତ୍ପାଦନ ସହ ଆଣ୍ଟିବାୟୋଟିକ୍ ଓ ଇଣ୍ଟରନେଟ୍ ବି ରହିଲା। ଫଳରେ ଏସବୁ ଯୋଗୁ କେବଳ ଆଭିଜାତ୍ୟ ବର୍ଗ ନୁହନ୍ତି, ଅନ୍ୟମାନଙ୍କୁ ମଧ୍ୟ ଭୌତିକ ସୁଖ ମିଳିପାରିଛି। କିନ୍ତୁ ଲୋକେ ବିଜ୍ଞାନ ଓ ତର୍କସଙ୍ଗତ ବିଚାରକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ସେମାନେ ଭାବନ୍ତି ଯେ ବିଜ୍ଞାନ ହିଁ ଯୁକ୍ତିଯୁକ୍ତ। ଏହା ଲୋକଙ୍କୁ ବୈଜ୍ଞାନିକ ଶୈଳୀରେ ବଞ୍ଚିବାକୁ ଉତ୍ସାହିତ କରିବା ସହ ବିଚାରଶୀଳ ହେବାକୁ ଉତ୍ସାହିତ କରୁଛି। ଯେତେବେଳେ ଆମେ ଭାବୁ ଯେ ଜଣେ ତାତ୍ତ୍ୱିକ ପଦାର୍ଥବିଜ୍ଞାନୀ ପୃଥିବୀ ବିଗ୍‌ବ୍ୟାଙ୍ଗରୁ ସୃଷ୍ଟି ହୋଇଛି ବୋଲି ପ୍ରମାଣ ଦେଇ ଜୀବନର ସମସ୍ତ ସମସ୍ୟାର ସମାଧାନ କରିପାରିବେ, ସେତେବେଳେ ଆମେ ବିଜ୍ଞାନକୁ ତାହାର ବାସ୍ତବତାଠାରୁ ଅଧିକ ମୂଲ୍ୟାଙ୍କନ କରୁ। ପ୍ରକୃତରେ ମଣିଷର ଜ୍ଞାନ ବିକଶିତ ହେବା ପରଠାରୁ ତା'ସହିତ ଟେକ୍ନୋଲୋଜି ରହିଆସିଛି। ଆମେ ଜ୍ଞାନ ଉପଯୋଗ କରି ଅଗ୍ନି, ଜଳ, ଖଣିଜ ପଦାର୍ଥ, ଉଦ୍ଭିଦ ଏବଂ ପ୍ରାଣୀଜଗତକୁ ନିୟନ୍ତ୍ରଣ କଲୁ। ଔଷଧୀୟ ଗଛର ଶକ୍ତି, ଋତୁ ଓ ସାମୁଦ୍ରିକ ଜୁଆରକୁ ଉପଲବ୍ଧି କରିପାରିଲୁ। କିନ୍ତୁ ତାହା ଥିଲା ପ୍ରୟୋଗାତ୍ମକ ବା ବ୍ୟବହାରିକ ବିଜ୍ଞାନ। ସୂକ୍ଷ୍ମ ତଥା ଶୁଦ୍ଧ ବୈଜ୍ଞାନିକ ଚିନ୍ତାଧାରା ହେଉଛି ଏଇ ଅଳ୍ପ କିଛି ଶତାବ୍ଦୀର, ଯାହା ସନ୍ଦେହ, ମାପ ବା ଆକଳନ, ପରୀକ୍ଷଣ ଏବଂ କୌଣସି ବିଚାରକୁ ମିଥ୍ୟା ପ୍ରମାଣ କରିବାର କ୍ଷମତା ଉପରେ ଆଧାରିତ। ବିଜ୍ଞାନ ପ୍ରମାଣ ବ୍ୟତୀତ କାହାକୁ ବିଶ୍ୱାସ କରେ ନାହିଁ ଏବଂ ଉନ୍ନତ ଅନୁସନ୍ଧାନର ସମାଧାନ ଭାବେ ଜ୍ଞାନ ପରିସୀମାକୁ ବିସ୍ତାରିତ କରେ।

ପରିସଂଖ୍ୟାନ ଆଧାରରେ ଯୁକ୍ତି କରିପାରିବା ଯେ ଆମେ ଏକ ଶାନ୍ତିପୂର୍ଣ୍ଣ ସମୟରେ ରହୁଛୁ। ଏହାର ବାସ୍ତବତାକୁ ଆମେ ପରଖୁ ନାହୁଁ। ପ୍ରକୃତରେ ଆମେ ଜାଣୁ ଯେ ଜୀବନ ସମସ୍ୟାରେ ପରିପୂର୍ଣ୍ଣ । ସାମ୍ପ୍ରତିକ ସମୟରେ ଆଦିବାସୀ ସମ୍ପ୍ରଦାୟମାନେ ଜଙ୍ଗଲରେ ସେମାନଙ୍କର ବାସସ୍ଥାନ ହରାଉଛନ୍ତି। ଦେଶଗୁଡ଼ିକ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି, ଅନ୍ତର୍ଜାତୀୟ ନ୍ୟାୟାଳୟରେ ଗଣହତ୍ୟା ସପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଉଛି ଏବଂ ମହିଳା ଓ ସମଲିଙ୍ଗୀ ଅଧିକାର ବିରୋଧରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଭଳି ସ୍ଥିତିରେ ବିଜ୍ଞାନକୁ ଅଧିକ ଗୁରୁତ୍ୱ ଦେବା ଓ ଏହାର ଶକ୍ତିକୁ ଅତ୍ୟଧିକ ମୂଲ୍ୟାୟନ କରାଯିବାକୁ ନେଇ ଜଣେ ପ୍ରଶ୍ନ ଉଠାଇବା ସ୍ୱାଭାବିକ।

ବିଜ୍ଞାନ ମାପ, ମୂଲ୍ୟାଙ୍କନ ବା ବିଶ୍ଳେଷଣ ଉପରେ ଆଧାରିତ । ଏହାଦ୍ୱାରା ଆମେ ବସ୍ତୁଗୁଡ଼ିକର ବିଶ୍ଳେଷଣ ବା



ମୂଲ୍ୟାଙ୍କନ କରିପାରିବା ଏବଂ ସେଥିପାଇଁ ଏହା ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ କ୍ଷେତ୍ରରେ କାମ କରେ। ଏହା ବ୍ୟତୀତ ଆମେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କର ଆଚରଣ ଉପରେ ଅନୁଧ୍ୟାନ କରିପାରୁଥିବାରୁ ଜୀବ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଏହା କିଛି ପରିମାଣରେ କାର୍ଯ୍ୟ କରେ। ବିଜ୍ଞାନ ସମ୍ବେଦନଶୀଳତା, ଭାବନା କିମ୍ବା ଚିନ୍ତାଧାରାକୁ ମାପ କରିପାରିବ ନାହିଁ, ଯାହା ଜୀବଜଗତର ମାନସିକତାକୁ ଗଠନ କରେ। ବିଜ୍ଞାନ ସାମାଜିକ ସ୍ତରରେ ରହିଥିବା ଈର୍ଷା, ଗର୍ବ, କ୍ରୋଧ, ନିରାଶା କିମ୍ବା ଅସମ୍ମାନକୁ ମଧ୍ୟ ମାପିପାରିବ ନାହିଁ। ତେଣୁ ବିଜ୍ଞାନ କେବଳ ବିଶ୍ୱର ମାପ ବା ମୂଲ୍ୟାଙ୍କନ ଯୋଗ୍ୟ ଅଧା ଦୃଶ୍ୟମାନ ଜଗତରେ କାମ କରେ । ଏହି ଦୃଶ୍ୟମାନ ଜଗତକୁ ସଗୁଣ କୁହାଯାଏ। ବିଜ୍ଞାନ ବିଶ୍ୱର ଆଉ ଅଧା ଅଦୃଶ୍ୟ ବା ନିର୍ଗୁଣ ଅର୍ଥାତ୍ ନିରାକାର ଜଗତରେ କାମ କରେ ନାହିଁ।

ପ୍ରାଚୀନ ଭାରତରେଏହି ଦୁଇଟି ଜଗତ ସମ୍ପୂର୍ଣ୍ଣ ଭାବେ ପୃଥକ୍ ଥିଲା। ଗୋଟିଏ ଭୌତିକ ବା ଶାରୀରିକ ଓ ଅନ୍ୟଟି ଥିଲା ମାନସିକ (ମନସ୍ତାତ୍ତ୍ୱିକ)। ଭୌତିକ ଜଗତରେ ବିଜ୍ଞାନର ଅତ୍ୟଧିକ ଶକ୍ତି ରହିଛି। ଅପରପଟେ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଏହାର କମ୍ ଶକ୍ତି ଅଛି। ଭୌତିକ ଜଗତର ସବୁକ୍ଷେତ୍ରରେ ବିଜ୍ଞାନରେ ସମସ୍ତ ପ୍ରକାର ସମାଧାନ ଅଛି। କିନ୍ତୁ ମନସ୍ତାତ୍ତ୍ୱିକ ଜଗତରେ ଆଦୌ ନାହିଁ। ଏବେ ସାରା ବିଶ୍ୱର ଲୋକଙ୍କୁ ଖାଇବାକୁ ଦେବା ପାଇଁ ପ୍ରଯୁକ୍ତି ଓ ବିଜ୍ଞାନ ଦ୍ୱାରା ପ୍ରଚୁର ଖାଦ୍ୟ ଉତ୍ପାଦନ କରାଯାଉଛି । ତଥାପି ଅନାହାର ବିଶ୍ୱରୁ ହଟିନାହିଁ। ଖାଦ୍ୟ ଉପଲବ୍ଧ ଥିଲେ ମଧ୍ୟ ଏହାର ବଣ୍ଟନରେ ଅବ୍ୟବସ୍ଥା କାରଣରୁ ଅନାହାର ଲାଗି ରହିଛି। ଖାଦ୍ୟ ଉତ୍ପାଦନ କରାଯାଇ ତାହାକୁ ଗଚ୍ଛିତ ରଖାଯାଉଛି ଓ ତାହାକୁ ଲୋକଙ୍କୁ ନ ଦେଇ ସହଜରେ ଶାସନର କ୍ଷମତା ମିଳିପାରୁଛି। ଧର୍ମୀୟ ଏବଂ ଜାତୀୟତାବାଦୀ ଗୋଷ୍ଠୀଗୁଡ଼ିକ ସମାଜକୁ ନିୟନ୍ତ୍ରଣ କରିବା ପାଇଁ ଏହିପ୍ରକାର ଭାବନାକୁ ଉପଯୋଗ କରିଚାଲିଛନ୍ତି।

ସମଗ୍ର ବିଶ୍ୱରେ ଏବେ ଦୃଶ୍ୟମାନ ବେରୋଜଗାର କିମ୍ବା ଭିତ୍ତିଭୂମି ବିଫଳତା ପରି ବିଷୟଗୁଡ଼ିକୁ ଗଣତାନ୍ତ୍ରିକ ଦେଶଗୁଡ଼ିକ ମୁକାବିଲା କରିବା ବଦଳରେ ବିବିଧତା, ଅସମାନତା ଏବଂ ପାରମ୍ପରିକ ରୀତିନୀତି ବିରୋଧରେ ଲଢେଇ କରୁଛନ୍ତି। ବିଶେଷକରି ଦେଖିବାକୁ ମିଳୁଛି ଯେ ୟୁରୋପରେ ପାରମ୍ପରିକ ଜୀବନ ଧାରାରେ ବିପଦ ସୃଷ୍ଟି କରୁଥିବା ପର୍ଯ୍ୟଟକ ଏବଂ ପ୍ରବାସୀମାନଙ୍କୁନେଇଲୋକେଅତିଷ୍ଠହୋଇଯାଉଛନ୍ତି।ସେହିଭଳି ଜାପାନରେ ମଧ୍ୟ ଏହା ବିରୋଧରେ ପ୍ରଦର୍ଶନ କରାଯାଉଛି।

ବାମପନ୍ଥୀମାନେ ଜୀବନର ଭୌତିକ ବିଷୟଗୁଡ଼ିକ ଉପରେ ଧ୍ୟାନ ଦେଇଥାନ୍ତି । ସେମାନେ ମନସ୍ତାତ୍ତ୍ୱିକ ଦିଗ, ମଣିଷର ପରିଚୟଗତ ବିଚାରକୁ ଅଣଦେଖା କରିଥାନ୍ତି। ବାମବିଚାର ଧାରାର ବ୍ୟକ୍ତିମାନେ ପରିଚୟ କହିଲେ କେବଳ ଲିଙ୍ଗଗତ ବିଷୟ ସମ୍ପର୍କରେ ହିଁ କହିଥାନ୍ତି। ସେମାନେ ଧର୍ମ, ସଂସ୍କୃତି, ଜାତି, ଜନଜାତି,ସମ୍ପ୍ରଦାୟ, ରାଷ୍ଟ୍ର ଏବଂ ବଂଶ ଧାରଣ ଉପରେ ଗୁରୁତ୍ୱ ଦେଇ ନ ଥାନ୍ତି। ଗୋଷ୍ଠୀ କିମ୍ବା ସମୁଦାୟକୁ ଆଲୋଚନାକୁ ଆଣିବାବେଳେ ସେମାନେ ଏକଚ୍ଛତ୍ରବାଦ ଓ ଉତ୍ପୀଡ଼ନ ବିଷୟରେ କହିଥାନ୍ତି। କିନ୍ତୁ ସେମାନେ ଭୁଲିଯାଆନ୍ତି ଯେ ନିର୍ଯାତନା ଉପରେ ବି କଳ୍ପନା କରାଯାଇପାରେ, କିନ୍ତୁ ତାହା ମାପଯୋଗ୍ୟ ନୁହେଁ। ଓକ୍ ମୁଭ୍‌ମେଣ୍ଟସ୍ (ବର୍ଣ୍ଣ ବିଦ୍ୱେଷ, ଭେଦଭାବ ଓ ଏଲ୍‌ଜିବିଟି ଅଧିକାର ସମ୍ପର୍କରେ କରାଯାଉଥିବା ସଚେତନ ଅଭିଯାନ) ବିଜ୍ଞାନକୁ ଆଦୌ ସ୍ୱୀକାର କରେ ନାହିଁ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହା ହିଂସାତ୍ମକ ଧର୍ମୀୟ ଅଭିଯାନକୁ ସମର୍ଥନ କରେ। ଏହିସବୁ ଅଭିଯାନ ଜଟିଳ ଯୁକ୍ତି (ଯଥା ପୃଥିବୀ ଗୋଲାକାର ନୁହେଁ ସମତଳ ବୋଲି ବିଶ୍ୱାସ କରୁଥିବା ଲୋକଙ୍କ ବିଚାର ଭଳି) ଉପସ୍ଥାପନ କରି ଜୀବବିଜ୍ଞାନକୁ ପ୍ରତ୍ୟାଖ୍ୟାନ କରିଥାନ୍ତି । ନୀତି ଆଧାରରେ ସାମାଜିକ ନ୍ୟାୟକୁ ସମାନତା ସୃଷ୍ଟି କରିବାର ଏକ ସାଧନ ଭାବରେ ଦେଖାଯାଏ। କିନ୍ତୁ ଉତ୍ପୀଡ଼ନକୁ ଆକଳନ କରାଯାଇ ନ ପାରିବା ଯୋଗୁ ଏହା ସମାନତା ଆଣିବାରେ ବିଫଳ ହୁଏ। ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନିୟନ୍ତ୍ରିତ ଭାବେ ବିସ୍ତାର କରିଥିବା ଭାବନାତ୍ମକ ଆଘାତ ଏବଂ ଉତ୍ପୀଡ଼ନକୁ ଅସ୍ୱୀକାର କରିବା ସହଜ ହୋଇପାରେ, ହେଲେ ଏହା ଭେଦଭାବ, ଅସମାନତା ଏବଂ ନିର୍ଯାତନାରୁ ମୁକ୍ତି ଚାହେଁ।

ଏବେ ବିଜ୍ଞାନରେ ଡେଟା ଆନାଲିଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରବେଶ କରିଛି। ଏହା କେବଳ ଆକଳନଯୋଗ୍ୟ ସମସ୍ୟାର ସମାଧାନ କରିପାରିବ, ଅଣ ଆକଳନଯୋଗ୍ୟ ସମସ୍ୟାର ନୁହେଁ। ବିଜ୍ଞାନର ଅଗ୍ରଗତି ହେଲେ ମଧ୍ୟ କୌଣସି ପ୍ରଯୁକ୍ତିବିତ୍, ଇଞ୍ଜିନିୟର କିମ୍ବା ସମାନ ଗୋଷ୍ଠୀର ବ୍ୟକ୍ତି କ୍ରୋଧ, ଲୋଭ, ଈର୍ଷା ଏବଂ ଭୟକୁ ମାପ କରିପାରିବେ ନାହିଁ। ସେମାନେ ଏହାକୁ ହ୍ରାସ ମଧ୍ୟ କରିପାରିବେ ନାହିଁ । ଅର୍ଥନୀତି କିମ୍ବା ରାଜନୀତି ବିଶେଷଜ୍ଞଙ୍କ ଦ୍ୱାରା ଏହା ବି ସମ୍ଭବ ନୁହେଁ। କୌଣସି ନୀତି ପୁଞ୍ଜିପତିର ଲୋଭ ଏବଂ ବାମପନ୍ଥୀଙ୍କ ଈର୍ଷାକୁ ହ୍ରାସ କରିପାରିବ ନାହିଁ। ଧର୍ମ କହେ ଏଥିପାଇଁ ଆଭ୍ୟନ୍ତରୀଣ ଜଗତକୁ ଅନୁସନ୍ଧାନ କରିବାକୁ ପଡିବ। କିନ୍ତୁ ଧର୍ମୀୟ ପ୍ରତିଯୋଗିତା କାରଣରୁ ତାହା ଏହି ଭାବନାରୁ ଓହରିଗଲାଣି।

–devduttofficial@gmail.com

# ବିବାହରେ ଅତିଥି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ବର୍ଷା ଋତୁ ନିଜର ଦାୟିତ୍ୱହୀନତା ପାଇଁ କୁଖ୍ୟାତ। ପାଣିପାଗ ବିଭାଗର ପୂର୍ବାନୁମାନ ସତ୍ତ୍ୱେ ବର୍ଷା ସମ୍ପୂର୍ଣ୍ଣ ନିଜ ଇଚ୍ଛାରେ ଚଳପ୍ରଚଳ। କେତେବେଳେ ସେ ଠିକ୍ ସମୟରେ ଆସେ ତ କେତେବେଳେ ବିଳମ୍ବରେ। କେତେବେଳେ ବୃଦ୍ଧାଙ୍କ ଅଟକ କାରଣରୁ ଘରୁ ବାହାରି ପାରୁ ନ ଥିବା ପ୍ରେମିକା ଭଳି ଆସିବାର ପ୍ରତିଶ୍ରୁତି ନେଇ ଆସେନାହିଁ ତ ଆଉ କେତେବେଳେ ଅବାଞ୍ଛିତ ଅତିଥିଙ୍କ ଭଳି ଆସି ଯିବାର ନାଁ ଧରେନି। ଏହାଠାରୁ ଅଧିକ ଦାୟିତ୍ୱବାନ ପ୍ରତିବର୍ଷ ଆସୁଥିବା ବିବାହ ଋତୁ। ଯଦିଓ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ଭଳି ପ୍ରତିବର୍ଷ ନିର୍ଦ୍ଧାରିତ ଦିନରେ ଏହି ଋତୁ ଆସି ନ ଥାଏ, ତଥାପି ବିବାହ କେବେ ଆରମ୍ଭ ହେବ ଏବଂ କେବେ ଶେଷ ହେବ ତାହା ପାଞ୍ଜିକାରମାନେ ଆପଣଙ୍କୁ ବହୁତ ଆଗରୁ କହିଦିଅନ୍ତି । ପଞ୍ଚତାରକା ହୋଟେଲ, କଲ୍ୟାଣମଣ୍ଡପ, ଫାର୍ମ ହାଉସ ଇତ୍ୟାଦିର ମ୍ୟାନେଜର/ମାଲିକ ବିବାହ ତାରିଖ ଆଗୁଆ ଜାଣିବା ପରେ ବିବାହ ସମାରୋହ ବୁକିଂ ପାଇଁ ସେହି ଦିନଗୁଡ଼ିକ ଆକାଶଛୁଆଁ ଦର ଦର୍ଶାଇଥାନ୍ତି। ଯେଉଁ ଅଭିଭାବକମାନେ ଅଧିକ ଦର ବହନ କରିବାକୁ ଅସମର୍ଥ ସେମାନେ ମଧ୍ୟ ସେମାନଙ୍କ କ୍ଷେତ୍ରରେ ପାର୍କ, ଆର୍‌ଡବ୍ଲ୍ୟୁଏ କୋଠା, ବିବାହ ହଲ୍ ଇତ୍ୟାଦି ବୁକିଂ କରିବାକୁ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ତଥାକଥିତ 'ସେଟିଂ' ପାଇଁ ଯଥେଷ୍ଟ ସମୟ ପାଆନ୍ତି।

ଏହି କର୍ତ୍ତୃପକ୍ଷମାନଙ୍କ ସହ କଥାବାର୍ତ୍ତା କଲେ ଜଣାଯାଏ ଯେ ସହରରେ ବିବାହ ପାଇଁ ଝିଅମାନେ ସେତିକି ଯୋଗ୍ୟ ନୁହନ୍ତି ଯେତିକି ବିବାହ ସ୍ଥାନ ବୁକିଂ ହେଉଛି । ସାଧାରଣ ନିର୍ବାଚନରେ କିଛି ପ୍ରାର୍ଥୀ ନିଜର ପ୍ରାର୍ଥିପତ୍ର ଘୋଷଣା କରିବା ସହ ନିର୍ବାଚନ ତାରିଖ ପାଖେଇ ଆସିଲେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ସହ କିଛି ଅତିରିକ୍ତ ରୋଜଗାର କରିଥାନ୍ତି। ଏବେ ବିବାହ ସମାରୋହ ପାଇଁ ଲୋକପ୍ରିୟ ସ୍ଥାନ, ବ୍ୟାଣ୍ଡବାଜା, ଗାଡି ଇତ୍ୟାଦିର ଆଗୁଆ ବୁକିଂରେ ସମାନ ସମ୍ଭାବନା ସୃଷ୍ଟି ହୋଇଛି। ମହାନଗରର ବିବାହ ମାନଙ୍କରେ ଗାଡି, ବାଜା, ବ୍ୟାଣ୍ଡ ଅପେକ୍ଷା କିଛି ନାମୀଦାମୀ ନେତା ଓ ଦୁଇ ଚାରି ଜଣ ବିଦେଶୀ ଅତିଥିଙ୍କ ଉପସ୍ଥିତି ଅଧିକ ଜରୁରୀ ହୋଇପଡ଼ିଛି। ନେତାଙ୍କ ଦଳ କ୍ଷମତାରେ ଥିବା ପର୍ଯ୍ୟନ୍ତ ନେତା କେବଳ ନାମୀଦାମୀ ରହିବେ। ଯଦି ସେ କୌଣସି ମନ୍ତ୍ରୀ ଅଛନ୍ତି ତେବେ ଖୁସିର ଠିକଣା ନ ଥାଏ। କିନ୍ତୁ ବିବାହ ଋତୁରେ ଆପଣ ପ୍ରତ୍ୟେକ ବିବାହର ସୌନ୍ଦର୍ଯ୍ୟ ବଢାଇବା ପାଇଁ ଆପଣଙ୍କୁ ଏତେ ସଂଖ୍ୟକ ମନ୍ତ୍ରୀ ବା ମିଳିବେ କେଉଁଠୁ ? ଗୋଟିଏ ପଦ ହଜାରେ ପ୍ରାର୍ଥୀ ଭଳି ସ୍ଥିତି। ବୁଦ୍ଧିଜୀବୀମାନେ ଭିଆଇପି ଉପସ୍ଥାନ ବ୍ୟବସ୍ଥା କରି ନ ପାରିବା କାରଣରୁ ହୀନମାନସିକତାର ଶିକାର ହେବା ଅପେକ୍ଷା ରାଜନେତା ଓ ବିଦେଶୀ ଅତିଥିମାନଙ୍କୁ ବିବାହ ଦିନ ବହୁ ପୂର୍ବରୁ ବୁକିଂ ବ୍ୟବସ୍ଥା କରିବା ଭଲ ବୋଲି ଭଲ ଭାବେ ଜାଣନ୍ତି। ହେଲେ ଅଦିନିଆ ବର୍ଷା ସବୁ ଧୋଇଦେଲା ପରି ବେଳେବେଳେ କ୍ୟାବିନେଟ ଅଦଳବଦଳ ଯୋଗୁ ମାସେ ପୂର୍ବରୁ ନିମନ୍ତ୍ରଣ କରାଯାଇଥିବା ନେତା ନିଜର ଚମକ ହରାଇଥାନ୍ତି ।ଆଜିକାଲି ସେମାନେ ଜେଲରେ ରହିବା ଏକ ସାଧାରଣ କଥା ହୋଇଗଲାଣି। ତା'ପରେ ସେମାନଙ୍କୁ ଡାକିଥିବା ବ୍ୟକ୍ତି ଭାବିଥାନ୍ତି ଯେ ଏଭଳି ଲୁଟ ହୋଇଥିବା ଧନସମ୍ପତ୍ତି ସହିତ ନେତା ବିବାହର ଉଜ୍ଜ୍ୱଳତା କ'ଣ ବଢ଼ାଇବେ ? ଆଉ କିଛି ଭାବନ୍ତି ରାଜନେତାଙ୍କ ଉପସ୍ଥିତି ଅପେକ୍ଷା ଚଳଚ୍ଚିତ୍ର ତାରକାଙ୍କ ଉପସ୍ଥିତି ଅଧିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯେତେବେଳେ ସେମାନେ ଆସନ୍ତି, ସେମାନଙ୍କୁ ଅନେକ ସମୟରେ ଆୟକର ଏବଂ ଇଡି ଲୋକମାନେ ବିନା ନିମନ୍ତ୍ରଣରେ ଅନୁସରଣ କରନ୍ତି । ତେବେ ସେମାନଙ୍କୁ ଡାକି ନଚାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ବିଦେଶୀ ମହିଳାମାନେ ଲେହେଙ୍ଗା–ଚୋଲି କିମ୍ବା ଶାଢ଼ି ପିନ୍ଧି ଉପସ୍ଥିତ ହେବାର ବିକଳ୍ପ ମଧ୍ୟବିତ୍ତଙ୍କ ପାଖରେ ରହିଛି, କିନ୍ତୁ ଏଥିରେ ମଧ୍ୟ କିଛି ତ୍ରୁଟି ପରିଲକ୍ଷିତ । ଯଦି ବିଦେଶୀ କନ୍ୟାର ଗୋରା ଚର୍ମ ସମ୍ମୁଖରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି କରାଯାଇଥିବା 'ବ୍ରାଇଡଲ ମେକ୍‌ଅପ' ଫିକା ଦେଖାଯିବା ଆରମ୍ଭ ହୁଏ, ତେବେ ପରିବାର ସଦସ୍ୟମାନେ ଆପଣା ହସ୍ତେ ଜିହ୍ୱା ଛେଦି ପରି ମନେହୁଏ। ମଞ୍ଚ ଉପରେ ଫୁଲରେ ସଜ୍ଜିତ ସିଂହାସନ ଭଳି ସିଟ୍‌ରେ ବସିଥିବା ନବବିବାହିତ ଦମ୍ପତିଙ୍କ ସହ ସେଲ୍ଫି ନେବା ପରିବର୍ତ୍ତେ ହାତରେ ମୋବାଇଲ ଫୋନ ଧରି ବିଦେଶୀ ଅତିଥିଙ୍କ ସହ ସେଲ୍ଫି ନେବାକୁ ଯଦି କୁଣିଆ ମୈତ୍ର ଆଗ୍ରହ ପ୍ରକାଶ କରନ୍ତି ତେବେ ମନ କ'ଣ ହେବ ତାହା ଅନୁମେୟ।

ନୟାଗଡ଼
ମୋ:୯୪୩୭୬୪୨୯୪୭

## ଏଇ ଭାରତରେ

ଉତ୍ତର ଭାରତରେ ବିଶେଷକରି ପଞ୍ଜାବ, ହରିୟାଣା ଆଦି ରାଜ୍ୟ ଏବଂ ଦିଲ୍ଲୀ ଆଖପାଖରେ କୃଷକମାନେ ଧାନ ଅମଳ ପରେ ବିଲରେ ଖୁଣ୍ଟା ପୋଡ଼ି ଦେଉଛନ୍ତି। ଏହାଦ୍ୱାରା ବାୟୁ ପ୍ରଦୂଷଣ ବଢୁଛି, ଯାହାର ଗମ୍ଭୀର ପରିଣାମ ଏବେ ଦିଲ୍ଲୀ ଏବଂ ସମ୍ପୃକ୍ତ ରାଜ୍ୟର ସହରଗୁଡ଼ିକରେ ଦେଖିବାକୁ ମିଳିଛି। କୃଷକମାନଙ୍କୁ ଏହି କାର୍ଯ୍ୟରୁ ବିରତ କରିବା ପାଇଁ କୋର୍ଟ ଏବଂ ରାଜ୍ୟ ସରକାରଗୁଡ଼ିକ ପଦକ୍ଷେପ ନେଉଛନ୍ତି। କେନ୍ଦ୍ର ସରକାର ମଧ୍ୟ ଖୁଣ୍ଟା ପୋଡ଼ି ପାଇଁ ନୂଆ ନିୟମରେ ଜରିମାନା ଦୁଇଗୁଣ କରିଛନ୍ତି। ହେଲେ ଏଥିରେ ସମ୍ପୂର୍ଣ୍ଣ ସଫଳତା ମିଳିପାରୁନାହିଁ। ତେବେ ଖୁଣ୍ଟା ପୋଡ଼ି ରୋକିବା ଲାଗି ପଞ୍ଜାବର ପରମିନ୍ଦର ସିଂଙ୍କ ବିକଳ୍ପ ତଥା ଅଭିନବ ପ୍ରୟାସ ପ୍ରଶଂସନୀୟ। ସେ କୃଷକମାନଙ୍କଠାରୁ ଖୁଣ୍ଟା ବର୍ଜ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ଆୟର ଉତ୍ସ ସୃଷ୍ଟି କରିବା ସହ ଖୁଣ୍ଟାରୁ ପରିବେଶ ଉପଯୋଗୀ ଟାଇଲ ତିଆରି କରିଛନ୍ତି। ସେ ଟାଇଲ ତିଆରି କରିବା ପାଇଁ ୮ ବର୍ଷ ଧରି ପରୀକ୍ଷା ନିରୀକ୍ଷା ଜାରି ରଖିଥିଲେ। ଏହି ଅବଧିରେ ଲୋକେ ତାଙ୍କୁ ସମାଲୋଚନା କରିଥିଲେ। କିନ୍ତୁ ସେ ତାଙ୍କ ଲକ୍ଷ୍ୟ ହାସଲ କରିବା ପରେ ସମସ୍ତେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। କହିବାକୁ ଗଲେ ସମସ୍ୟାକୁ ସୁଯୋଗ( ନିଯୁକ୍ତି ବା ରୋଜଗାର)ରେ ପରିଣତ କରିପାରିଛନ୍ତି ପରମିନ୍ଦର। ତାଙ୍କ ଦ୍ୱାରା ତିଆରି କରାଯାଉଥିବା ଟାଇଲ ସମ୍ପୂର୍ଣ୍ଣ ଭାବେ ପାଣି ଓ ଅଗ୍ନି ପ୍ରତିରୋଧୀ। ଏସବୁକୁ ବିଶେଷକରି ଘରର ସିଲିଂରେ ଅଧିକ ବ୍ୟବହାର କରାଯାଉଛି।

## ଚିରନ୍ତନୀ

ଯିବାକୁ ଉଠି ସତ୍ୱର
ପ୍ରସାରଇଁ ଦୁଇ କର
ନାହିଁ ନାହିଁ କରି ଫେରି
ଚଳଇ ପବନ
ତା' ବ୍ୟଥାରେ ବଥାଏ ନୟନ। –(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | | | | |
| | | 7 | | | 2 | 5 | | |
| 4 | | | | | 8 | 9 | | 7 |
| 3 | | | 7 | | | | | |
| | 8 | | | | 5 | | | |
| | | | | | 9 | | | |
| | | 5 | 6 | | | | | |
| | | | | | 7 | | 1 | |
| | | 4 | 9 | | | 7 | 3 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 3 | 4 | 9 | 8 | 1 | 7 |
| 9 | 3 | 8 | 2 | 7 | 1 | 5 | 6 | 4 |
| 1 | 4 | 7 | 6 | 8 | 5 | 9 | 3 | 2 |
| 5 | 1 | 6 | 4 | 3 | 2 | 7 | 9 | 8 |
| 4 | 9 | 2 | 7 | 1 | 8 | 6 | 5 | 3 |
| 8 | 7 | 3 | 9 | 5 | 6 | 2 | 4 | 1 |
| 3 | 5 | 1 | 8 | 9 | 7 | 4 | 2 | 6 |
| 7 | 2 | 4 | 5 | 6 | 3 | 1 | 8 | 9 |
| 6 | 8 | 9 | 1 | 2 | 4 | 3 | 7 | 5 |

ଗତକାଲିର ଉତ୍ତର

# ବୋଉ



ପ୍ରକାଶ ତ୍ରିପାଠୀ

ମୁଁ ଜାଣିପାରେନି ସକାଳ ହେଲେ ବୋଉ ଉଠିବ ନା ବୋଉ ଉଠିବ ବୋଲି ସକାଳ ହୁଏ। ମୁଁ ଜାଣିପାରେନି ବୋଉକୁ ହିସାବପତ୍ର ଆସେ କି ନାହିଁ, କାରଣ ମୁଁ ଖାଇବାକୁ ଦୁଇଟି ରୁଟି ମାଗିଲେ ସେ ତିନୋଟି ଦିଏ। ମୋ ବୋଉ ମିଛ କୁହେ। ଖାଇବାକୁ ଭାତ ବାଢିଲା ବେଳେ ସବୁବେଳେ କୁହେ– ଅଳ୍ପ ଭାତ ଦେଇଛି, ପଛରେ ମାଗିବୁ। ଯେତିକି ଭାତ ଦେଇଥାଏ ସେତିକି ମୁଁ ଖାଇପାରେନି। ଯେତେ ମୋଟା ଦେଖାଗଲେ ବି ବୋଉ କୁହେ ମୋ ଛୁଆଟାର ଦେହରେ ଜମା ଲାଗୁନାହିଁ। ବୋଉ କେବେ ତା'ର ପିଲାଙ୍କୁ ପଚାରେନି କ'ଣ ଖାଇବୁ। ସେ ଯାହା ଖାଇବାକୁ ଦିଏ ତାହା ଥାଏ ପିଲାଙ୍କର ପ୍ରିୟ ଖାଦ୍ୟ । ବୋଉର ହାତରେ ଥାଏ ଅମୃତ ସ୍ପର୍ଶ। ଲୁଗାକାନିର ଗଣ୍ଠି ଖୋଲି ଯେତେବେଳେ ସେ ଖୁଚୁରା ପଇସା ପିଲାଙ୍କୁ ଦିଏ ତାହା ଭରିଦିଏ ପିଲାଙ୍କ ମନରେ କୋଟିଏ ଟଙ୍କାର ଅଫୁରନ୍ତ ଖୁସି । ସେ ଡାକ୍ତରୀ ପାଠ ପଢିନି, ହେଲେ ପିଲାର ସବୁ ଶାରୀରିକ ଓ ମାନସିକ କ୍ଳେଶର ସମାଧାନ ଜାଣିଥାଏ। ବୋଉ ଦୁନିଆର ଏପରି ଏକ ଶବ୍ଦ ଯାହାର ବ୍ୟାଖ୍ୟାର ଆବଶ୍ୟକତା ପଡେ ନାହିଁ। କାରଣ ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଅନାବିଳ ପ୍ରେମ, ଅସୀମ ତ୍ୟାଗ ଓ ଅନନ୍ତ ସେବାର ଜୀବନ୍ତ ମୂର୍ତ୍ତିଟିଏ। ଜୀବନର ପ୍ରଥମ ସୃଷ୍ଟି ବୋଉ, ପ୍ରଥମ ସ୍ପର୍ଶ ବୋଉ, ପ୍ରଥମ ତୃଷ୍ଣା ବୋଉ,ପ୍ରଥମ ଉଚ୍ଚାରଣ ବୋଉ ଓ ପ୍ରଥମ ପ୍ରେମ ବି ବୋଉ।

ଥରେ ମନେପକାନ୍ତୁ ତ ବୋଉର କଥା। ଅଫୁରନ୍ତ ଶାନ୍ତି ଓ ଆନନ୍ଦର ଲହଡି ସୃଷ୍ଟି ହେଉନାହିଁ ମନରେ ? ଜଣକୁ ଅନ୍ୟମନସ୍କ କରିବା ପାଇଁ ବୋଉ ଉଚ୍ଚାରଣ କ'ଣ ଯଥେଷ୍ଟ ନୁହେଁ? ପିଲାବେଳେ କେତେ ଶାନ୍ତି ଓ ନିରାପଦର ସ୍ଥାନ ଥିଲା ବୋଉର କୋଳ। ବୋଉ ପାଖରେ ଥିଲେ ଦୁନିଆକୁ ଡର ନ ଥାଏ। ଏ ସଂସାରକୁ ଆସିବା ପରେ ପ୍ରଥମେ ଯାହାର ବକ୍ଷରୁ ଅମୃତ ପିଇ ଏ ଶରୀର ଚଳତକ୍ଷମ ହେଲା, ଏ ଆଖି ପ୍ରଥମେ ଯାହାକୁ ଦେଖିଲା, ଖନେଇ ଖନେଇ ଯାହାର ନାମ ଏ ପାଟିରୁ ପ୍ରଥମେ ବାହାରିଲା, ସେ ହିଁ ଆମର ବୋଉ। ଛୋଟବେଳେ ଯେତେ ଅବୁଝା ହେଲେ ଓ ରଷିଲେ ଯିଏ କୋଳେଇ କାଖେଇ, ସୁନାରେ ଧନରେ କହି, ଜହ୍ନ ମାମୁ ଦେଖାଇ, ବାଘମାମୁକୁ ଡାକି ବଳେଇ ବଳେଇ ଖୁଆଇଥାଏ ସେ ଆମର ବୋଉ। ବାର ଓଷା ତେର ବ୍ରତ କରି ଠାକୁର ମନାସି ଯିଏ ଆମର ସର୍ବଦା ସୁଖ, ସମୃଦ୍ଧି କାମନା କରିଥାଏ ସେ ହିଁ ଆମର ବୋଉ। ଦୁଃଖରେ, କଷ୍ଟରେ ଓ ବିପଦରେ ପ୍ରଥମେ ଯେଉଁ ଶବ୍ଦ ପାଟିରୁ ବାହାରି ଆସେ, ସେ ହିଁ ବୋଉ। ସନ୍ତାନ କିଛି ନ କହିଲେ ବି ଯିଏ ସବୁକଥା ଜାଣିପାରେ ସେ ହେଉଛି ବୋଉ।

ଗତବର୍ଷ ବାଙ୍ଗାଲୋର ଯାଇଥିବା ବେଳର କଥା। ଗୋଟିଏ ମଲ୍‌ରେ କିଛି କିଣୁଥିବା ବେଳେ ହଠାତ୍ ଚାରି ପାଞ୍ଚ ବର୍ଷର ପୁଅଟିଏ ବୋଉ ବୋଉ ଡାକି ଜଣେ ମହିଳାଙ୍କ ପାଖକୁ ଦୌଡୁଥିବା ଦେଖିଲି। ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେ ବାଙ୍ଗାଲୋର ଭଳି ଏକ କନ୍ନଡ ଭାଷାଭିତ୍ତିକ ଆଧୁନିକ ସହରରେ ଆମ ଓ ଅତି ପ୍ରିୟ ବୋଉ ଶବ୍ଦ କିପରି ମୁଁ ଶୁଣିଲି। ମୁଁ ନିଶ୍ଚିତ ହୋଇଗଲି ଯେ ପିଲାଟି ନିଶ୍ଚିତ ଆମ ରାଜ୍ୟର। ପିଲାଟିର ମା' ପାଖକୁ ଯାଇ ପଚାରି ଯାହା ବୁଝିଲି ସେଥିରେ ମୁଁ ଆଶ୍ଚର୍ଯ୍ୟ ହେଲି। ମହିଳା ଜଣଙ୍କ ଅଣଓଡ଼ିଆ ଓ ବାଙ୍ଗାଲୋର ବାସିନ୍ଦା। ତାଙ୍କ ସ୍ୱାମୀ



ଜଣେ ବ୍ୟାଙ୍କ କର୍ମଚାରୀ। ଭୁବନେଶ୍ୱରରେ ଥିଲା ସ୍ୱାମୀଙ୍କର ପ୍ରଥମ ପୋଷ୍ଟିଂ ଓ ସେଠାରେ ଏହି ପୁଅଟି ଜନ୍ମ ହୋଇଥିଲା। ତାଙ୍କର ପଡୋଶୀ ଘରର ମହିଳା ଓ ତାଙ୍କ ସ୍ୱାମୀ ଥିଲେ ସ୍ଥାନୀୟ ବାସିନ୍ଦା ଓ ଉଭୟ ଥିଲେ କର୍ମଜୀବୀ। ତାଙ୍କର ଅନୁପସ୍ଥିତିରେ ଛୋଟ ପୁଅଟିର ଯତ୍ନ ନେବା ପାଇଁ ଅନ୍ୟ ଜଣେ ମହିଳା ଥିଲେ ମଧ୍ୟ ସେ ଛୋଟ ପୁଅଟି ଅଧିକାଂଶ ସମୟ ତାଙ୍କ ଘରେ ରହୁଥିଲା। ସେହି ଛୁଆଟି ତାଙ୍କଠାରୁ ବୋଉ ଶିଖି ତାଙ୍କୁ ପ୍ରଥମରୁ ବୋଉ ଡାକିବା ଆରମ୍ଭ କଲା ଯାହାକି ପରେ ତା'ର ଅଭ୍ୟାସରେ ପରିଣତ ହୋଇଗଲା। ପୁଅଟି ତାଙ୍କୁ ବୋଉ ଡାକୁଥିବାରୁ ସେ ଖୁବ୍ ଖୁସି ବୋଲି ମହିଳା ଜଣଙ୍କ ଇଂରାଜୀରେ କହିଥିଲେ। ବୋଉର ଅନେକ ପ୍ରତିଶବ୍ଦ। ହେଲେ ପ୍ରତି ପ୍ରତିଶବ୍ଦରେ ବୋଉର ମୌଳିକତା ଅପରିବର୍ତ୍ତିତ। ସେ ମା' ହୋଇପାରେ, ସେ ମାମା ହୋଇପାରେ, ସେ ମମି ହୋଇପାରେ ଓ ସେ ମମ୍ ବି ହୋଇପାରେ। ହେଲେ ପ୍ରତିଟିରେ ତା'ର ବୋଉ ରୁହେ ଅକ୍ଷୁଣ୍ଣ।

ଶାସ୍ତ୍ରରେ ଅଛି– ପିତୁଃ ଦଶଶତଃ ମାତା ଅର୍ଥାତ୍ ପିତାଙ୍କଠାରୁ ମା' ହଜାରେ ଗୁଣ ବଡ। ଏହା କହି ମହର୍ଷି ମନୁ ମା'କୁ ବାପାଙ୍କଠାରୁ ଅଧିକ ସମ୍ମାନିତ କରିଛନ୍ତି। ମାନ୍ୟତେ ପୂଜ୍ୟତେ ଯା ସା ମା ଅର୍ଥାତ୍ ଯିଏ ମାନ୍ୟତା ଓ ପୂଜାର ସର୍ବଶ୍ରେଷ୍ଠ ଅଧିକାରିଣୀ, ସେ ହିଁ ମା। ଗର୍ଭ ବେଦନା, ପ୍ରସବ ବେଦନା ଓ ପ୍ରସବ ପରେ ସନ୍ତାନ ଲାଳନପାଳନର ଉପକାର ପାଇଁ ସନ୍ତାନମାନେ ମାମାନଙ୍କଠାରେ ସର୍ବକାଳ ଋଣୀ ହୋଇଯାଇଥାନ୍ତି। ଋଷି ଋଣ,ପିତୃ ଋଣ,ବନ୍ଧୁ ଋଣ, ସମାଜ ଋଣ ଓ ଗୁରୁ ଋଣ ପରିଶୋଧ ସମ୍ଭବ, ମାତ୍ର ମାତୃ ଋଣ ନୁହେଁ। ଶାସ୍ତ୍ର କୁହେ, ମାତା–ପିତାଙ୍କୁ ଏକତ୍ର ଭେଟିଲେ ପ୍ରଥମେ ମା'କୁ ପ୍ରଣାମ କରିବା ଉଚିତ। କାରଣ ପିତାଙ୍କଠାରୁ ମାତା ଶ୍ରେଷ୍ଠ। ପିତା ପୋଷଣ କରନ୍ତି, ମାତା ପୋଷଣ ସହ ଗର୍ଭଧାରଣ କରି ସନ୍ତାନକୁ ଜନ୍ମ ଦିଅନ୍ତି। ସେଥିପାଇଁ ଉପନିଷଦରେ କୁହାଯାଇଛି ମାତୃ ଦେବୋ ଭବଃ । ମନୁଷ୍ୟର ସର୍ବଶ୍ରେଷ୍ଠ ତପସ୍ୟା ହେଉଛି ମାତୃ ସେବା। ବ୍ରହ୍ମାଙ୍କୁ ସୃଷ୍ଟି କର୍ତ୍ତା କୁହାଯାଏ। ବ୍ରହ୍ମାଙ୍କୁ କେହି ଦେଖିନାହାନ୍ତି କି ସେ ବ୍ରହ୍ମାଣ୍ଡ ସୃଷ୍ଟି କରିବାର ପ୍ରମାଣ ମଧ୍ୟ ନାହିଁ। କିନ୍ତୁ ବୋଉ ଗର୍ଭରୁ ଆମେ ସୃଷ୍ଟି ହୋଇଥିବାର ପ୍ରମାଣ ଅଛି। ବିଷ୍ଣୁ ଏ ସଂସାରକୁ ପାଳନ କରୁଛନ୍ତି ବୋଲି କୁହାଯାଏ ଯାହାର ବି ପ୍ରମାଣ ନାହିଁ। କିନ୍ତୁ ବୋଉ ଆମକୁ ପାଳିପୋଷି ଛୋଟରୁ ବଡ କରିଛି। ମହାଦେବ ମହେଶ୍ୱର ସବୁ ସଙ୍କଟରୁ ଉଦ୍ଧାର କରି ଆମର କଲ୍ୟାଣ କରନ୍ତି ବୋଲି ଆମେ ବିଶ୍ୱାସ କରିଥାଉ ହେଲେ ବୋଉ ଆମର ସବୁ ଦୁଃଖ କଷ୍ଟକୁ ଦୂରେଇ ଦେବା ପାଇଁ ଅହରହ ଲାଗିରହିଥାଏ। ତେଣୁ ବୋଉ ଆମ ପାଇଁ ସାକ୍ଷାତ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ସେଥିପାଇଁ କୁହାଯାଏ ଈଶ୍ୱର ସବୁସମୟରେ ସମସ୍ତଙ୍କ ପାଖରେ ପହଞ୍ଚିପାରନ୍ତି ନାହିଁ ବୋଲି ସେ ବୋଉ ସୃଷ୍ଟି କରିଛନ୍ତି। ବୋଉର ଆଶୀର୍ବାଦ କୌଣସି ମହାନ୍ ସନ୍ଥଙ୍କ ଆଶୀର୍ବାଦଠାରୁ କମ୍ ନୁହେଁ। କୌଣସି ପ୍ରତିଦାନର ଆଶା ନ ରଖି ଯିଏ ଅବିରତ ଆଶୀର୍ବାଦର ବର୍ଷା ଢାଳିଥାଏ, ସେ ହିଁ ବୋଉ। ଜଣେ ଲେଖକଙ୍କୁ କୁହାଗଲା ବୋଉ ସମ୍ପର୍କରେ କିଛି ଲେଖିବାକୁ। ଲେଖକ ଭାବପୂର୍ଣ୍ଣ କଣ୍ଠରେ କହିଲେ ସେ ବୋଉ ସମ୍ପର୍କରେ କ'ଣ ଲେଖିବେ, ବୋଉ ତ ନିଜେ ତାଙ୍କୁ ଲେଖିଛି। ବୋଉଠାରୁ ଛୋଟ ଶବ୍ଦ ଯଦି କିଛି ଥାଏ କୁହନ୍ତୁ ଓ ଯଦି କିଛି ବଡ ଶବ୍ଦ ଥାଏ ତାହା ବି କୁହନ୍ତୁ। ଏହାର ଉତ୍ତର ନିଶ୍ଚିତ ନା । ମରିବା ପାଇଁ ତ ଅନେକ ରାସ୍ତା ଅଛି, ହେଲେ ଜନ୍ମ ନେବା ପାଇଁ କେବଳ ବୋଉ ଅଛି। ଏ ସଂସାରରେ ସେହିମାନେ ହିଁ ଭାଗ୍ୟବାନ୍ ଯେଉଁମାନେ ବୋଉ ଓ ବାପା ପାଖରେ ରୁହନ୍ତି ଓ ସେମାନଙ୍କ ସାନିଧ୍ୟ ଲାଭ କରନ୍ତି। ବୋଉଠାରୁ କୌଣସି ଧନ, ସମ୍ପଦ, ସମ୍ମାନ ଓ ପଦ ପଦବୀ ବଡ ନୁହେଁ। ଥରୁଟିଏ ନିଜକୁ ଛୋଟ ପିଲା ବୋଲି ଭାବି ନିଅନ୍ତୁ, ଦେଖିବେ ଆପଣଙ୍କ ବୋଉ ପୂର୍ବର ସେହି ବୋଉ ହୋଇ ଆଜି ବି ରହିଛି। କିଛି ବଦଳି ନାହିଁ।

ମୋ: ୯୪୩୭୨୩୨୪୬୩

## ପାଠକ ଶ୍ରେଷ୍ଠ ବିଚାରକ

### ଦ୍ୱନ୍ଦ୍ୱ ଦୂର ହେଉ

ମହାଶୟ,

କେନ୍ଦ୍ରର ଏନ୍‌ଡିଏ ସରକାର ବିଗତ ବର୍ଷଗୁଡ଼ିକରେ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ବିଜ୍ଞାନ, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ବିଦ୍ୟା, ରେଳବାଇ, ପ୍ରତିରକ୍ଷା ଓ ଗରିବ କଲ୍ୟାଣ ଯୋଜନାରେ ଅଭୂତପୂର୍ବ ସଫଳତା ହାସଲ କରିଥିବା ସଂକ୍ରାନ୍ତରେ ଲମ୍ବା ତାଲିକା ପ୍ରଦାନ କରୁଛନ୍ତି। ସଂକ୍ଷେପରେ କହିଲେ, କେନ୍ଦ୍ରର ଯୁକ୍ତି ଅନୁସାରେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଯେତେ ପରିମାଣରେ ବହୁମୁଖୀ ବିକାଶ ହୋଇଛି, ତାହା ପୂର୍ବର ୬୦ ବର୍ଷ ମଧ୍ୟରେ ସେତିକି ବିକାଶ ହୋଇପାରି ନ ଥିଲା। ଅପରପକ୍ଷରେ ବିଭିନ୍ନ ନିର୍ଭରଯୋଗ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଥିବା ପ୍ରାୟ ୨୦ରୁ ଅଧିକ ବିଶ୍ୱ ମାନବ ବିକାଶ ସୂଚକାଙ୍କରେ ଭାରତ ଗତ ୧୦ ବର୍ଷ ମଧ୍ୟରେ ବହୁ ତଳକୁ ଖସି ଆସିଛି। ତନ୍ମଧ୍ୟରେ ବିଶ୍ୱ ମାନବ ବିକାଶ ସୂଚକାଙ୍କ, ଗଣତନ୍ତ୍ର ସୂଚକାଙ୍କ, ଅଭିବ୍ୟକ୍ତିର ସ୍ୱାଧୀନତା ସୂଚକାଙ୍କ, ଅପରାଧ ସୂଚକାଙ୍କ, ବ୍ୟକ୍ତିଗତ ଅଧିକାର ସୂଚକାଙ୍କ, ନାଗରିକ ନ୍ୟାୟ ସୂଚକାଙ୍କ, ସ୍ୱଚ୍ଛ ସରକାରୀ ବ୍ୟବସ୍ଥା, ମୌଳିକ ଅଧିକାର ସୂଚକାଙ୍କ, ସୁଖୀ ଦେଶର ସୂଚକାଙ୍କ, ସୁରକ୍ଷା ସୂଚକାଙ୍କ, ଦୁର୍ନୀତି ସୂଚକାଙ୍କ, କ୍ଷୁଧା ଓ ଅପପୁଷ୍ଟି ସୂଚକାଙ୍କ ଅନ୍ତର୍ଭୁକ୍ତ। ଏହି ପ୍ରେକ୍ଷାପଟ୍ଟରେ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ ଯେ, କେନ୍ଦ୍ର ସରକାରଙ୍କ ବୟାନ ଓ ବିଶ୍ୱ ସ୍ତରୀୟ ସୂଚକାଙ୍କ ରିପୋର୍ଟ ମଧ୍ୟରେ କାହା କଥା ଠିକ୍। ଏହି ଦ୍ୱନ୍ଦ୍ୱ ଦୂର ହେବା ଉଚିତ। ଏହା ଉପରେ ଦେଶର ବୁଦ୍ଧିଜୀବୀ ଓ ନାଗରିକ ସମାଜ ସେମାନଙ୍କର ମତ ପ୍ରଦାନ କରିବାକୁ ଆଗେଇ ଆସିବା ଉଚିତ। ପ୍ରକାଶ ପାଉଥିବା କେତେକ ବୈଶ୍ୱିକ ସୂଚକାଙ୍କରେ ଭାରତର ନୈରାଶ୍ୟଜନକ ସ୍ଥିତିକୁ ସରକାର ସ୍ୱୀକାର କରୁ ନ ଥିବା ଦେଖାଯାଉଛି। ବାସ୍ତବତାକୁ ସ୍ୱୀକାର କରି ନିଜକୁ ସୁଧାରି ପାରିଲେ ଭାରତର ପ୍ରକୃତ ବିକାଶ ହୋଇପାରିବ ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୩ ବରିଷ୍ଠ ଆଇପିଏସ୍‌ଙ୍କୁ ଡିଜି ପାହ୍ୟା**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ରାଜ୍ୟର ୩ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ସରକାର ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ସେମାନେ ହେଲେ କ୍ରାଇମବ୍ରାଞ୍ଚ ଏଡିଜି ଦାୟିତ୍ୱରେ ଥିବା ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର, ଗୋଇନ୍ଦା ନିର୍ଦ୍ଦେଶକ ଥିବା ଆର୍.ପି. କୋଚେ ଏବଂ କେନ୍ଦ୍ରୀୟ ଡେପୁଟେଶନ୍‌ରେ ଥିବା ସୁଶାନ୍ତ କୁମାର ନାଥ। ଏନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।




# ବଢ଼ିଲା ଫସଲ ବୀମା ଯୋଜନା ଅବଧି

**ନୂଆବର୍ଷର ପ୍ରଥମ କ୍ୟାବିନେଟ୍: କୃଷକଙ୍କୁ କେନ୍ଦ୍ରର ଉପହାର**

ନୂଆଦିଲ୍ଲୀ,୧।୧

କେନ୍ଦ୍ର ସରକାର ବୁଧବାର ୨ଟି ଫସଲ ବୀମା ଯୋଜନା ପିଏମ୍‌ଏଫ୍‌ବିୱାଇ ଏବଂ ଆର୍‌ଡବ୍ଲୁବିସିଆଇଏସ୍‌ର ଅବଧିକୁ ୨୦୨୫-୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଏବଂ ରିଷ୍ଟ୍ରକ୍ଚର୍ଡ ୱେଦର ବେସ୍‌ଡ କ୍ରପ୍ ଇନ୍‌ସ୍ୟୁରାନ୍ସ ସ୍କିମ୍ (ଆର୍‌ଡବ୍ଲୁବିସିଆଇଏସ୍)କୁ ଟେକ୍ନୋଲୋଜି ଜରିଆରେ କାର୍ଯ୍ୟକାରୀ କରାଇବା ସକାଶେ ସରକାର ପୃଥକ୍ ଭାବେ ୮୨୪.୭୭ କୋଟି ଟଙ୍କାର ପାଣ୍ଠି ଗଠନ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଅର୍ଥନୀତି ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଅଶ୍ୱିନୀ କହିଛନ୍ତି, ଏହି ଯୋଜନା ଦ୍ୱୟକୁ ଚାଷୀମାନେ ସକାରାତ୍ମକ ଭାବେ ଗ୍ରହଣ କରିଥିବାରୁ ଏହାକୁ ତ୍ୱରାନ୍ୱିତ କରାଯାଇଛି। ୨୦୨୧-୨୨ରୁ ୨୦୨୫-୨୬ ବର୍ଷ ପାଇଁ ପିଏମ୍‌ଏଫ୍‌ବିୱାଇ ଏବଂ ଆର୍‌ଡବ୍ଲୁବିସିଆଇର ବ୍ୟୟ ଅଟକଳକୁ ୬୯,୫୧୫.୭୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦୨୦-୨୧ରୁ ୨୦୨୪-୨୫ ବର୍ଷ ପାଇଁ ଏହା ୬୬,୫୫୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଫସଲ ବୀମା ଯୋଜନାର ଲକ୍ଷ୍ୟ ପୂରଣ ପାଇଁ କ୍ୟାବିନେଟ୍‌ରେ ସ୍ୱତନ୍ତ୍ର ଭାବେ ଫଣ୍ଡ ଫର୍ ଇନୋଭେଶନ୍ ଆଣ୍ଡ୍ ଟେକ୍ନୋଲୋଜି (ଏଫ୍‌ଆଇଏଟି) ଗଠନ ସକାଶେ ୮୨୪.୭୭ କୋଟି ଟଙ୍କାର କର୍ପସ ଅନୁଦାନକୁ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା କାରିଗରି ବିଦ୍ୟାର ଉପଯୁକ୍ତ ପ୍ରୟୋଗକରି ଫସଲହାନିର ଦ୍ରୁତ ସମୀକ୍ଷା କରାଯାଇପାରିବ। ସେହିପରି ଦାବିସମାଧାନ ଓ ବିବାଦ ହ୍ରାସ ଦିଗରେ ମଧ୍ୟ ଡିଜିଟାଲ ଟେକ୍ନୋଲୋଜି ସହାୟକ ହେବ ବୋଲି ଅଶ୍ୱିନୀ କହିଛନ୍ତି।

## ଡିଏପି ସାର ପାଇଁ ୩,୮୫୦ କୋଟିର ଅତିରିକ୍ତ ସବ୍‌ସିଡି ପ୍ୟାକେଜ

ନୂଆଦିଲ୍ଲୀ,୧।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଡାଇ ଆମୋନିୟମ୍ ଫସ୍‌ଫେଟ (ଡିଏପି) ସାର ଉପରେ ସବ୍‌ସିଡି ଯୋଗାଇ ଦେବା ଲାଗି ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜକୁ ସମ୍ପ୍ରସାରଣ କରିଛନ୍ତି। ଏନ୍‌ବିଏସ୍‌ସ୍ ସବ୍‌ସିଡି ଅତିରିକ୍ତ ଡିଏପି ଉପରେ ମେଟ୍ରିକ ଟନ ପିଛା ୩,୫୦୦ ଟଙ୍କାର ସବ୍‌ସିଡି ଯୋଗାଇ ଦିଆଯିବ। କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ଜାନୁଆରୀ ପହିଲାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ଲାଗୁ ରହିବ। ସାର ବିଭାଗର ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିବା ପରେ ଚାଷୀ ସୁଲଭ ଦରରେ ନିରନ୍ତର ଭାବେ ଡିଏପି ସାର ପାଇପାରିବେ। ଏଥିପାଇଁ ଆନୁମାନିକ ବଜେଟ ଆବଶ୍ୟକତା ପାଖାପାଖି ୩,୮୫୦ କୋଟି ଟଙ୍କା ପର୍ଯ୍ୟନ୍ତ ରହିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି।

# ‘ୱାନ୍ ନେଶନ୍ ୱାନ୍ ସବ୍‌ସ୍କ୍ରିପ୍‌ଶନ’ର ପ୍ରଥମ ପର୍ଯ୍ୟାୟ ଆରମ୍ଭ

ନୂଆଦିଲ୍ଲୀ,୧।୧

- ୬,୦୦୦ କୋଟିର ଆବଣ୍ଟନ
- ଲାଭାନ୍ୱିତ ହେବେ ୧.୮ ଛାତ୍ରୀଛାତ୍ର, ଗବେଷକ

ଗତବର୍ଷ ନଭେମ୍ବରରେ କେନ୍ଦ୍ର ସରକାର ଅନୁମୋଦନ କରିଥିବା ‘ୱାନ୍ ନେଶନ୍ ୱାନ୍ ସବ୍‌ସ୍କ୍ରିପ୍‌ଶନ’ (ଓଏନ୍‌ଓଏସ୍) ଯୋଜନାର ପ୍ରଥମ ପର୍ଯ୍ୟାୟ ବୁଧବାର ନବବର୍ଷରେ ଆରମ୍ଭ ହୋଇଛି। ମୋଟ ୬,୦୦୦ କୋଟି ଟଙ୍କା ଆବଣ୍ଟନରେ କରାଯାଇଥିବା ଏହି ଯୋଜନାରୁ ୧.୮ କୋଟି ଛାତ୍ରୀଛାତ୍ର, ଗବେଷକ ଓ ଫାକଲ୍ଟି ସଦସ୍ୟ ଲାଭାନ୍ୱିତ ହେବେ। ଦେଶର ସମସ୍ତ ବ୍ୟକ୍ତିଙ୍କୁ ଗବେଷଣାମୂଳକ ଇ-ଜର୍ନାଲର ସୁବିଧା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା (ପିଏସ୍‌ଏ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଏନ୍‌ଓଏସ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାଦ୍ୱାରା ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ଗଣିତ (ଏସ୍‌ଟିଇଏମ୍), ମେଡିସିନ, ମ୍ୟାନେଜ୍‌ମେଣ୍ଟ, ହ୍ୟୁମାନିଟିଜ୍ ଏବଂ ସାମାଜିକ ବିଜ୍ଞାନ ଆଦି ବିଷୟରେ ଆଗଧାଡ଼ିର ପ୍ରକାଶକଙ୍କ ଗବେଷଣାମୂଳକ ନିବନ୍ଧଗୁଡ଼ିକରେ ସେମାନେ ଜ୍ଞାନ ଆହରଣ କରିପାରିବେ। ଏହି ଯୋଜନାରେ ଦେଶର ବିଶ୍ୱବିଦ୍ୟାଳୟ, କଲେଜ, ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ ଭଳି ୬,୪୦୦ ଅନୁଷ୍ଠାନକୁ ସାମିଲ କରାଯାଇଛି। ୨୦୨୫, ୨୦୨୬ ଓ ୨୦୨୭ ଏହି ଭଳି ଭାବେ ୩ ବର୍ଷ ଧରି ପିଏମ୍-ଓଏନ୍‌ଓଏସ୍ ପାଇଁ ୬,୦୦୦ କୋଟି ଟଙ୍କା ଅନୁଦାନ ଦିଆଯିବ।

## ୩ରେ ଶପଥ ନେବେ ନୂଆ ରାଜ୍ୟପାଳ

**ଆଜି ଓଡ଼ିଶାରେ ପହଞ୍ଚିବେ**

ଭୁବନେଶ୍ୱର, ୧।୧(ସୁନିତ୍ ମିଶ୍ର)

ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ହରିବାବୁ କମ୍ଭମ୍‌ପତି ଶପଥ ନେବେ। ୩ ତାରିଖରେ ଶପଥ ଗ୍ରହଣ ସମାରୋହ କାର୍ଯ୍ୟକ୍ରମ ରହିଛି। ଗୁରୁବାର ସେ ଓଡ଼ିଶାରେ ପହଞ୍ଚିବେ। ରାଜଭବନରେ ନୂଆ ରାଜ୍ୟପାଳଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହେବ। ମିଜୋରାମର ପୂର୍ବତନ ରାଜ୍ୟପାଳ କମ୍ଭମ୍‌ପତି ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି। କମ୍ଭମ୍‌ପତି ୨୦୨୧ ଜୁଲାଇ ୧୯ରେ ମିଜୋରାମର ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟପାଳ ଥିବା ରଘୁବର ଦାସଙ୍କୁ ନିକଟରେ ହଟାଇ ଦିଆଯାଇଛି। ରଘୁବରଙ୍କୁ ଏପରି ହଠାତ୍ କାହିଁକି ରାଜ୍ୟପାଳ ପଦରୁ ହଟାଇ ଦିଆଗଲା ସେନେଇ କେହି ଆଉ ମୁହଁ ଖୋଲିନାହାନ୍ତି। ରଘୁବର ରାଜନୀତି ପ୍ରତି ରୁଚି ରଖୁଥିବା କାରଣରୁ ତାଙ୍କୁ କେନ୍ଦ୍ରରେ କିଛି ବଡ଼ ଦାୟିତ୍ୱ ମିଳିପାରେ ବୋଲି ଭାଜପା ନେତାମାନଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। ହେଲେ ଆଉ କେତେଜଣ ଏହା ରଘୁବରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବୋଲି ମତ ରଖିଛନ୍ତି। ରଘୁବରଙ୍କୁ ରାଜ୍ୟପାଳ ପଦରୁ ହଟାଯିବା ପଛର ବାସ୍ତବ କଥା କ’ଣ ତାହା ଜଣାପଡ଼ି ନାହିଁ। ଅନ୍ୟପଟେ ଝାଡ଼ଖଣ୍ଡରେ ଭାଜପା ପରାଜୟର ସମ୍ମୁଖୀନ ହୋଇଥିବା ବେଳେ ଏଥିଲାଗି କୁଆଡ଼େ ରଘୁବର ଦାୟୀ ବୋଲି ଅନେକେ ଚର୍ଚ୍ଚା କରୁଛନ୍ତି।

# ୪୨୨୨.୨୪ କୋଟି ଟଙ୍କାର ୨୫ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

**୧୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ**

ଭୁବନେଶ୍ୱର,୧।୧(ଅନିଲ ଦାସ)

ରାଜ୍ୟ ସରକାର ୪୨୨୨.୨୪ କୋଟି ଟଙ୍କାର ୨୫ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିରେ ୧୪ ହଜାର ୪୯୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ ବିକାଶ ଗତିକୁ ତ୍ୱରାନ୍ୱିତ କରିବ। ସବୁଜ ଶକ୍ତି, ଫାର୍ମାସ୍ୟୁଟିକାଲ, ବୟନଶିଳ୍ପ, ପ୍ଲାଷ୍ଟିକ୍, ଷ୍ଟିଲ୍, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ଆଦି ୧୬ଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ହେବ। ଏହିସବୁ ପ୍ରକଳ୍ପ ଅନୁଗୋଳ, ଗଞ୍ଜାମ, ଖୋର୍ଦ୍ଧା, ନବରଙ୍ଗପୁର, କଟକ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ପୁରୀ, କନ୍ଧମାଳ ଆଦି ୧୧ଟି ଜିଲାରେ ସ୍ଥାପନ ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଶୋଭା ସୋଲାର ଲିମିଟେଡ୍ ଅନୁଗୋଳ ଜିଲାରେ ୩୮୦ କୋଟି ଟଙ୍କା ପୁଞ୍ଜି ନିବେଶକରି ଜିଡବ୍ଲ୍ୟୁ ସୋଲାର ସେଲ୍ ୟୁନିଟ୍ ସ୍ଥାପନ କରିବ, ଏଥିରେ ୮୫୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ହେଟ୍ରୋଲାବ୍ସ ଗଞ୍ଜାମ ଜିଲାରେ ୭୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରି ଫାର୍ମାସ୍ୟୁଟିକାଲ କମ୍ପାନୀ ସ୍ଥାପନ କରିବ। ଏଥିରେ ୨୬୦୦ ଜଣଙ୍କୁ ନିଯୁକ୍ତି ମିଳିବାକୁ ଥିବାବେଳେ ଆଦିତ୍ସମ୍ ଭେଞ୍ଚର ଖୋର୍ଦ୍ଧା ଜିଲାରେ ୧୩୯ କୋଟି ପୁଞ୍ଜି ନିବେଶକରି ପୋଷାକ ତିଆରି କାରଖାନା ସ୍ଥାପନ କରିବ। ଏଥିରେ ୨୪୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଗଞ୍ଜାମ ଜିଲାରେ ଗଣେଶ ଇକୋପେଟ୍ ୫୨୦ କୋଟି ଟଙ୍କା ବିନିଯୋଗ କରି ୪୫ ହଜାର ମେଟ୍ରିକ୍ ଟନ୍‌ର ପ୍ଲାଷ୍ଟିକ୍ ତିଆରି କାରଖାନା ସ୍ଥାପନ କରିବ। ଏଥିରେ ୫୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବାବେଳେ ନବରଙ୍ଗପୁର ଜିଲାରେ ରାରେନ ଫ୍ଲୁଇଡ୍ ୧୬୭.୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିବ। ଏହି ଅର୍ଥରେ ପିଭିସି, ସିପିଭିସି, ଓପିଭିସି ଏବଂ ଫିଟିଙ୍ଗ ତିଆରି କାରଖାନା ସ୍ଥାପନ କରିବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧୧୫୩ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ସେହିପରି ଟେକ୍ନୋପ୍ଲାଟ ପ୍ୟାକେଜିଂ ଲିମିଟେଡ୍ ୧୧୫ କୋଟି ଟଙ୍କା ବ୍ୟୟରେ ଗଞ୍ଜାମ ଜିଲାରେ ପ୍ଲାଷ୍ଟିକ୍ ମାନୁଫ୍ୟାକ୍ଚରିଂ ୟୁନିଟ୍ ସ୍ଥାପନ କରିବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ଅନୁମୋଦିତ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ।

## ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ସାଢ଼େ ୭ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର,୧।୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ମୃତ୍ୟୁ ଓ ଅବସରକାଳୀନ ଗ୍ରାଚ୍ୟୁଇଟି (ଡିସିଆର୍‌ଜି) ୫ ଲକ୍ଷରୁ ସାଢ଼େ ୭ ଲକ୍ଷ ଟଙ୍କାକୁ ବଢ଼ିଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏଥିପାଇଁ ବିଭିନ୍ନ ଶିକ୍ଷକ ସଂଘଗୁଡ଼ିକ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

## ରାଜ୍ୟ ଭିଜିଲାନ୍ସରେ ୮ ଏଏସ୍‌ପି, ୨୪ ଡିଏସ୍‌ପି, ୧୬ ଏସ୍‌ଆଇ ପଦବୀ ସୃଷ୍ଟି ହେବ

ଭୁବନେଶ୍ୱର,୧।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସିଛନ୍ତି। ବିଶେଷକରି ଉଚ୍ଚସ୍ତରରେ ଦୁର୍ନୀତି ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଏଥିପାଇଁ ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥାର ଶକ୍ତି ବୃଦ୍ଧିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ବିଭିନ୍ନ ପଦବୀ ସଂଖ୍ୟା ବୃଦ୍ଧି କରାଯାଇ ନୂଆ ପଦବୀ ସୃଷ୍ଟି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟ ଭିଜିଲାନ୍ସରେ ୮ ଅତିରିକ୍ତ ଏସ୍‌ପି, ୨୪ ଡିଏସ୍‌ପି ଓ ୧୬ଟି ପୋଲିସ ସବ୍‌ଇନ୍‌ସପେକ୍ଟର ପଦବୀ ସୃଷ୍ଟି କରାଯାଇଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।

# ଶିମିଳିପାଳ ଫେରିଲା ଜିନ୍ନତ

ବାରିପଦା,୧।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ମହାବଳ ବାଘୁଣୀ ଜିନ୍ନତ।

ଓଡ଼ିଶା ଛାଡ଼ି ପ୍ରଥମେ ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗ ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ ଶିମିଳିପାଳ ଫେରିଛି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ୨୨ଦିନ ଧରି ବୁଲୁଥିବା ବାଘୁଣୀ ଜିନ୍ନତକୁ ବନ ବିଭାଗ ଟ୍ରାଙ୍କୁଲାଇଜ୍ କରିଥିଲା। ଡିସେମ୍ବର ୩୦ ଅପରାହ୍ଣରେ ୧୩୫ କିଗ୍ରା ଓଜନର ବାଘୁଣୀ ଜିନ୍ନତକୁ ଆଲିପୁର ଚିଡ଼ିଆଖାନାକୁ ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ଚିକିତ୍ସା ପରେ ଜିନ୍ନତ ଖାଦ୍ୟ ଗ୍ରହଣ କରି ନ ଥିଲା। ଏନ୍‌ଟିସିଏର ତାଗିଦା ପରେ ୩୧ ତାରିଖ ରାତି ୮ଟାରେ ତାକୁ ସ୍ୱତନ୍ତ୍ର ଯନ୍ତାରେ ବନ ବିଭାଗ ଧରି ଶିମିଳିପାଳ ଅଭିମୁଖେ ଆସିଥିଲା। ୧ ତାରିଖ ସକାଳେ ଦକ୍ଷିଣ ଡିଭିଜନ ଏନ୍‌କ୍ଲୋଜରରେ ରହୁଥିବା ବାଘୁଣୀ ଯମୁନା ସ୍ଥାନରେ ଜିନ୍ନତକୁ ରଖାଯାଇଛି। ଏନ୍‌କ୍ଲୋଜରକୁ ଯିବା ପରେ ତା’ର ଗତିବିଧି ଉପରେ ବିଶେଷଜ୍ଞ ଦଳ ଓ ଡାକ୍ତର ଅନୁଧ୍ୟାନ ଜାରି ରଖିଛନ୍ତି। ତେବେ ଶିମିଳିପାଳକୁ ସେ ବାସସ୍ଥାନ ଭାବେ ଗ୍ରହଣ କରିବ ନା ପୁଣି ନିଜ ପସନ୍ଦର ବାସସ୍ଥାନ ପାଇଁ ଜଙ୍ଗଲ ଛାଡ଼ିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ଏନ୍‌କ୍ଲୋଜର ଚାରିପାଖେ ତାର ବାଡ଼ ଦିଆଯାଇ ସୋଲାର ଚାର୍ଜ ବ୍ୟବସ୍ଥା କରାଯାଇଛି। ବଣୁଆ ହାତୀଙ୍କ କବଳରୁ ଜିନ୍ନତକୁ ସୁରକ୍ଷା ଦେବା ପାଇଁ ଏପରି ବ୍ୟବସ୍ଥା କରାଯାଇଥିବାରୁ ଜିନ୍ନତ ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଇଛି। ଏନ୍‌କ୍ଲୋଜର ପରିସର ବୃଦ୍ଧି ନ କଲେ ଶିମିଳିପାଳ ଜଳବାୟୁ ଓ ପରିବେଶ ସହ ଖାପଖୁଆଇବା ଓ ବନ୍ୟଜନ୍ତୁଙ୍କ ସହିତ ମିଶିବାର ସୁଯୋଗରୁ ଜିନ୍ନତ ବଞ୍ଚିତ ହେବ ବୋଲି କୁହାଯାଉଛି।


















## ନୂଆବର୍ଷ ୨୦୨୫



୨୦୨୫ ଇଂରାଜୀ ନୂଆବର୍ଷର ପ୍ରଥମ ଦିବସରେ ବୁଧବାର ଭୁବନେଶ୍ୱର ରାମମନ୍ଦିରରେ ଭକ୍ତଙ୍କ ଭିଡ।



ଖଣ୍ଡଗିରି–ଉଦୟଗିରିରେ ପର୍ଯ୍ୟଟକ।

# ଉତ୍ସାହ ଭରିଲା ପ୍ରଥମ ଦିନ

**ଭୁବନେଶ୍ୱର, ୧।୧ (ସୁଚିସ୍ମିତା ସାହୁ/ ସୌମ୍ୟରଞ୍ଜନ ରାଉତ): ପୁରୁଣା ବର୍ଷର ସ୍ମୃତିକୁ ଧରି ଆସିଛି ନୂଆବର୍ଷ ୨୦୨୫। ସମସ୍ତଙ୍କ ମନରେ ନୂଆ ଭାବନା, ନୂଆ ଉତ୍ସାହ, ନୂଆ ଖୁସି ଭରିଦେଇଛି। ନୂଆ ବର୍ଷର ପ୍ରଥମ ଦିନକୁ ଓଡ଼ିଶାବାସୀ ବେଶ୍ ଧୁମଧାମରେ କାଟିଛନ୍ତି। ଠାକୁରଙ୍କ ପାଖରେ ନିଜ ସହ ପରିବାର, ସମ୍ପର୍କୀୟ, ସାଙ୍ଗସାଥୀଙ୍କ ପାଇଁ ଶୁଭ ମନାସିଛନ୍ତି। ବୁଲାବୁଲି ସହ ଭୋଜିଭାତ ଓ ମଉଜ ମଜ୍‌ଲିସ୍‌ରେ ସମୟ ବିତାଇଛନ୍ତି। ଏଥିପାଇଁ ମନ୍ଦିର ମାଳିନୀ ଭୁବନେଶ୍ୱର ସମେତ ପୁରୀ, କଟକ, ଖୋର୍ଦ୍ଧାର ବିଭିନ୍ନ ଧାର୍ମିକ ସ୍ଥଳ, ପର୍ଯ୍ୟଟନ ସ୍ଥଳ ଆଦିରେ ସକାଳୁ ପ୍ରବଳ ଭିଡ଼ ହୋଇଥିଲା। ଘର, ବାହାର ସବୁଠି ନିଆରା ଅନୁଭବ ମିଳିଥିଲା। ଫୁଲ, ମିଠା ଦିଆନିଆଠାରୁ ଆରମ୍ଭ କରି ମୋବାଇଲ୍‌ରେ ନୂଆବର୍ଷର ଶୁଭେଚ୍ଛା ବେଶ୍ ଉତ୍କଣ୍ଠାପୂର୍ଣ୍ଣ ଥିଲା।**

## ଦେବାଳୟ, ଧର୍ମପୀଠରେ ଭିଡ଼

ଠାକୁର ଦର୍ଶନରୁ ବର୍ଷର ପ୍ରଥମ ଦିନ ଆରମ୍ଭ କରିବାକୁ ଅନେକେ ସକାଳୁ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଯାଇଥିଲେ। ପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଭୁବନେଶ୍ୱରସ୍ଥିତ ଶ୍ରୀ ଲିଙ୍ଗରାଜ ମନ୍ଦିର, ଇସ୍କନ ମନ୍ଦିର, ରାମ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ଠାକୁର ଦର୍ଶନ କରିବା ସହ ଦୀପ ଜାଳିଥିଲେ। ସେହିଭଳି ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଉପାସନା ପୀଠ ଚର୍ଚ୍ଚ ଓ ମୁସଲମାନ ସମ୍ପ୍ରଦାୟର ଧାର୍ମିକ ସ୍ଥଳ ମସ୍‌ଜିଦ୍‌ରେ ନିଜ ଭଗବାନଙ୍କୁ ଆରାଧନା କରିବା ସହ ପରିବାର ପ୍ରିୟଜନଙ୍କ ମଙ୍ଗଳ କାମନା ଓ ଜଗତର ଶାନ୍ତି ଲାଗି ପ୍ରାର୍ଥନା କରିଥିଲେ। ଏଥିସହ ବିଭିନ୍ନ ଧାର୍ମିକପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଦୁଃଖରେ ଫୁଲ ବେପାରୀ

ଫୁଲରେ ନୂଆବର୍ଷର ଶୁଭେଚ୍ଛା ଜଣାଇବାକୁ ଅଧିକାଂଶ ପସନ୍ଦ କରନ୍ତି। ଏଥିସହ ଜିରୋ ନାଇଟ୍ ଓ ନୂଆବର୍ଷ ଆୟୋଜନରେ ବିପୁଳ ଫୁଲ ବ୍ୟବହାର ହୋଇଥାଏ। କିନ୍ତୁ ଏବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଥିବାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିବା ସହ ସାଜସଜା ହେଉନାହିଁ। ତେଣୁ ଏହାର ପ୍ରଭାବ ଫୁଲ ବ୍ୟବସାୟ ଉପରେ ପଡିଥିଲା। ନୂଆବର୍ଷରେ ଭଲ ବେପାର ନ ହେବାରୁ ଫୁଲ ବ୍ୟବସାୟୀମାନେ ମନ ଦୁଃଖରେ ରହିଥିଲେ। ଅନ୍ୟପକ୍ଷରେ ଆଜିର ଯୁବପିଢ଼ି ଫୁଲ ଅପେକ୍ଷା ମେସେଜ୍‌ରେ ଶୁଭେଚ୍ଛା ଜଣାଉଥିବାରୁ ଫୁଲ ବେପାର କମିଯାଉଥିବା ବ୍ୟବସାୟୀମାନେ କହିଛନ୍ତି। ତଥାପି ନୂଆବର୍ଷ ପାଇଁ ପୂର୍ବଦିନ ଅପେକ୍ଷା ଅଧିକ ବେପାର ହୋଇଥିବା ସେମାନେ କହିଛନ୍ତି। ଅଧିକାଂଶ ଫୁଲତୋଡ଼ା, ଫୁଲ ବାସ୍କେଟ ନେବାକୁ ପସନ୍ଦ କରିଥିଲେ। ଅର୍କିଡ, ଗ୍ଲାଡିଓଲି, ଜର୍ବେରା ଗୋଟା ୨୦ରୁ ୪୦ଟଙ୍କା ଏବଂ ଲିଲିୟମର ମୂଲ୍ୟ ୧୫୦ରୁ ୧୭୦ଟଙ୍କା ରହିଥିଲା। ଗୋଟା ଫୁଲର ମୂଲ୍ୟ ୨୫ରୁ ୩୦ ଟଙ୍କାରୁ ଆରମ୍ଭ କରି ୩୦୦ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଫୁଲତୋଡ଼ା ୨୫୦ଟଙ୍କାରୁ ଆରମ୍ଭ କରି ୯ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିଲା। ଗୋଲାପରେ ପ୍ରସ୍ତୁତ ବାସ୍କେଟର ମୂଲ୍ୟ ୪୦୦ଟଙ୍କାରୁ ୭ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିଲା।




## ୭କୋଟିର ଆମିଷ ବିକ୍ରି
### ୧୧୭ ଟନ୍ ମାଛ, ୧୮୦ଟନ୍ ଚିକେନ, ୫୫ଟନ୍ ମଟନ ଖାଇଲେ

ବୁଧବାରରେ ନୂଆବର୍ଷ ପଡ଼ିଥିବାରୁ ଭୋଜି ଆସର ବେଶ୍ ଜମିଥିଲା। ଘରେ, ବାହାରେ, ପର୍ଯ୍ୟଟନସ୍ଥଳୀରେ ଅଧିକାଂଶ ଭୋଜି ଆମିଷରେ ହୋଇଥିଲା। ମାଛ, ମଟନ, ଚିକେନ କିଣିବାକୁ ସକାଳୁ ଆମିଷ ବଜାରେ ଗହଳିଚହଳି ଲାଗି ରହିଥିଲା। ଆଗୁଆ ଅର୍ଡର ଥିବାରୁ ବ୍ୟବସାୟୀମାନେ ରାତି ଅଧରୁ ଦୋକାନ ଖୋଲି ଅର୍ଡର ପ୍ୟାକ୍ କରିଥିଲେ। ଚାହିଦା ଅଧିକ ଥିବାରୁ ଦର ବି ଚଢ଼ା ରହିଥିଲା। ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡ୍ ଆସୋସିଏଶନ୍‌ର ସୂଚନାନୁସାରେ, ଭୁବନେଶ୍ୱରରେ ମୋଟ ୬ କୋଟି ୯୯ ଲକ୍ଷ ୫୦ହଜାର ଟଙ୍କାର ଆମିଷ ବେପାର ହୋଇଛି। ଲୋକେ ୧ କୋଟି ୭୪ଲକ୍ଷ ୫୦ହଜାର ମୂଲ୍ୟର ୧୧୭.୫ ଟନ ମାଛ, ୨କୋଟି ୧୭ଲକ୍ଷ ୮୦ ହଜାର ଟଙ୍କାର ୧୮୦ ଟନ ଚିକେନ ଓ ୨ କୋଟି ୨୨ ଲକ୍ଷ ଟଙ୍କାର ୫୫.୫ଟନ ମଟନ ଖାଇଛନ୍ତି। ସେହିପରି ୮୫ ଲକ୍ଷ ଟଙ୍କାର ଅଣ୍ଡା ବିକ୍ରି ହୋଇଥିଲା।

## ଜୟଦେବ ବାଟିକାରେ ବଣଭୋଜିର ମଜା

ଖଣ୍ଡଗିରି ନିକଟ ଜୟଦେବ ବାଟିକାରେ ପର୍ଯ୍ୟଟକଙ୍କ ଭିଡ଼ ଅଧିକ ଥିଲା। ବୁଧବାର ହୋଇଥିବାରୁ ବଣଭୋଜିର ଆସର ବେଶ୍ ଜମିଥିଲା। ଏଠାରେ ରାଜଧାନୀର ଆଖପାଖ ଅଞ୍ଚଳରୁ ପାଖାପାଖି ୨୦ହଜାର ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ଭୋଜି ପାଇଁ ୩୫ ପିଣ୍ଡି ଏବଂ ୧୦୦ ସ୍ପଟ୍ ରହିଥିବାବେଳେ ମାସକ ଆଗରୁ ବୁକିଂ ସରିଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟ ସହ କୃତ୍ରିମ ଝରଣା, ଜଳ ଫୁଆରା ସହ ରଙ୍ଗବେରଙ୍ଗର ଫୁଲର ସମ୍ଭାର ପର୍ଯ୍ୟଟକଙ୍କ ମନ ଜିଣିଥିଲା। ପିଲାଙ୍କ ପାଇଁ ସ୍ୱତନ୍ତ୍ର ପାର୍କ ରହିଥିବାରୁ ସେମାନେ ସାଙ୍ଗହୋଇ ଖେଳକୁଦ କରିଥିଲେ। ନୂଆବର୍ଷରେ ପ୍ରାୟ ୩ଲକ୍ଷରୁ ଅଧିକ ଟଙ୍କାର ରାଜସ୍ୱ ଆଦାୟ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଖଣ୍ଡଗିରି–ଉଦୟଗିରି ବୁଲିଲେ ୧୧ହଜାର ପର୍ଯ୍ୟଟକ

ନୂଆବର୍ଷ ପାଇଁ ଭୁବନେଶ୍ୱରର ଅନ୍ୟତମ ଐତିହ୍ୟ ଖଣ୍ଡଗିରି ଓ ଉଦୟଗିରିରେ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ରାଜ୍ୟ ତଥା ବାହାର ରାଜ୍ୟରୁ ପାଖାପାଖି ୧୧ହଜାର ପର୍ଯ୍ୟଟକ ଏଠାକୁ ଆସିଥିଲେ। ଦୁଇ ପାହାଡ଼ର ପ୍ରାକୃତିକ କୀର୍ତ୍ତିରାଜିକୁ ଉପଭୋଗ କରିବା ସହ ଗୁମ୍ଫା ସହ ଅନ୍ୟାନ୍ୟ ଐତିହ୍ୟ ସମ୍ପର୍କରେ ଜାଣିବାକୁ ପାଇଥିଲେ। କିଏ ପରିବାର ସହ ତ ଆଉ କିଏ ସାଙ୍ଗସାଥୀ ଓ ଏକୁଟିଆ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ଗୋଟିଏ ପାହାଡ଼ରେ ରହି ଅନ୍ୟ ପାହାଡ଼ର ସୌନ୍ଦର୍ଯ୍ୟ କ୍ୟାମେରା ଫ୍ରେମ୍‌ରେ ତୋଳି ଧରିଥିଲେ। ସେଲ୍‌ଫି ଓ ଗ୍ରୁପ୍ ଫଟୋ ନେବାକୁ ଭୁଲି ନ ଥିଲେ। ଉଦୟଗିରି ବୁଲିବାକୁ ଟିକେଟ ରହିଥିବାବେଳେ ଛାତ୍ରୀଛାତ୍ର ପାଇଁ ମାଗଣା ଭ୍ରମଣର ସୁବିଧା ରହିଥିଲା। ଏବର୍ଷ କଟକଣା ଥିବାରୁ ଖଣ୍ଡଗିରି ପାହାଡ଼ ପାଦଦେଶଠାରେ ବଣଭୋଜି ହୋଇ ନ ଥିଲା।



ଧଉଳିଗିରିରେ ପର୍ଯ୍ୟଟକଙ୍କ ଭିଡ଼।




କଟକ ଜୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ।



ରାଜ୍ୟ ସଂଗ୍ରହାଳୟରେ ଛାତ୍ରୀମାନେ ସେଲ୍‌ଫି ନେଉଛନ୍ତି।



ଖୋର୍ଦ୍ଧା ବରୁଣେଇ ପୀଠରେ ଭୋଜିର ଆସର।



କଟକ ସିଲ୍‌ଭର ସିଟି ବୋଟ୍ କ୍ଲବରେ ଲୋକେ ବୋଟିଂର ମଜା ନେଉଛନ୍ତି।



ପୁରୀ ସମୁଦ୍ର ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼।



ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଲମ୍ବା ଧାଡ଼ି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କ୍ଷୀରାବ୍ଧୀ



@ କାହ୍ନା



@ ଚନ୍ଦନ



@ ସୁବାସ



@ ସୁଶୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଲେ ଭକ୍ତ

## ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଜନସମୁଦ୍ର

ପୁରୀ,୧।୧(ଅଜିତ୍ କୁମାର ମହାନ୍ତି)

ଇଂରାଜୀ ନବବର୍ଷର ପ୍ରଥମ ଦିନରେ ବୁଧବାର ଶ୍ରୀକ୍ଷେତ୍ର ଜନସମୁଦ୍ର ପାଲଟିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ୬ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ମାର୍କେଟ ଛକଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ପ୍ରାୟ ଦେଢ କି.ମି. ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ତେବେ ଭିଡ଼ ଏତେ ଥିଲା ଯେ, ତାହାକୁ ନିୟନ୍ତ୍ରଣ କରିବା ଲାଗି ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆହୋଇ ରହିଥିବା ଭକ୍ତମାନେ ଶେଷରେ ଧୈର୍ଯ୍ୟ ହରାଇ ଠେଲାପେଲା ହୋଇ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶୁଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ଡିସେମ୍ବର ୩୧ ତାରିଖ ରାତି ୧୦ଟା ୨୫ରେ ମହାପ୍ରଭୁଙ୍କ ପହୁଡ଼ ହୋଇଥିବା ବେଳେ ପୁନର୍ବାର ୧୨ଟା ୩୫ରେ ସିଂହଦ୍ୱାର ଫିଟା ନୀତି ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢିବା ସହ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ବୁଧବାର ସକାଳୁ ଭକ୍ତଙ୍କ ଭିଡ଼ ବଢିବାରେ ଲାଗିଥିଲା। ମାର୍କେଟ ଛକଠାରୁ ବ୍ୟାରିକେଡ୍ ଦେଇ ଭକ୍ତମାନେ ଆସି ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେମାନଙ୍କୁ ସାତପାହାଚରୁ ଥାକ ଥାକ କରି ପର୍ଯ୍ୟାୟକ୍ରମେ ନାଟମଣ୍ଡପକୁ ଛଡ଼ାଯାଇଥିଲା।



ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ଧସେଇ ପଶିବାକୁ ଉଦ୍ୟମ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସତ୍ତ୍ୱେ ସିଂହଦ୍ୱାର ସମ୍ମୁଖରେ ଠେଲାପେଲା ସ୍ଥିତି ହୋଇଥିଲା। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଭାଙ୍ଗି ଭକ୍ତମାନେ ଧସେଇ ପଶିଥିଲେ। ଏଥିଯୋଗୁ କେତେଜଣ ଭକ୍ତ ତଳେ ପଡ଼ିଯାଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ସେବାୟତ ଓ ପୋଲିସ୍ ତୁରନ୍ତ ସେମାନଙ୍କୁ ଉଠାଇଥିଲେ। ଫଳରେ ବଡ଼ ଅଘଟଣରୁ ସମ୍ପୃକ୍ତ ଭକ୍ତମାନେ ବର୍ତ୍ତିଯାଇଥିବା ଆଲୋଚନା ହେଉଛି। ଉଲ୍ଲେଖ ଥାଉ କି, ଶ୍ରୀମନ୍ଦିର ସମ୍ମୁଖରେ ଥିବା ବ୍ୟାରିକେଡ୍ ଦେଇ କେବଳ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କୁ ଯିବା ପାଇଁ ଅନୁମତି ଥିବାବେଳେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ମାତ୍ର କେତେଜଣ ଭକ୍ତ ଉକ୍ତ ରାସ୍ତା ଦେଇ ଯିବା ପାଇଁ ରୁଣ୍ଡ ହୋଇ ରହିଥିଲେ। ଧୀରେ ଧୀରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଠେଲାପେଲା ହୋଇଥିଲା। ଫଳରେ ଭକ୍ତମାନେ ଜୋର୍ ଜବରଦସ୍ତ ବ୍ୟାରିକେଡ୍ ଭାଙ୍ଗି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। କୁହାଯାଉଛି ଯେ, ନୂଆବର୍ଷ ଭଳି ଗହଳି ସମୟରେ ଭକ୍ତଙ୍କଠାରୁ ଟଙ୍କା ନେଇ କେତେଜଣ ସେବାୟତ ଉକ୍ତ ରାସ୍ତା ଦେଇ ଛାଡୁଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ସେଠାରେ ଶତାଧିକ ଭକ୍ତ ରୁଣ୍ଡ ହେବା ସହ ଠେଲାପେଲା ସ୍ଥିତି ଉପୁଜିଲା। ସେହିପରି ଭକ୍ତଙ୍କ ତୁଳନାରେ ସେଠାରେ କମ୍‌ସଂଖ୍ୟକ ପୋଲିସ କର୍ମଚାରୀ ନିୟୋଜିତ ଥିଲେ। ତେଣୁ ସେମାନେ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍‌ରେ ଭକ୍ତଙ୍କୁ ପ୍ରବେଶ ଅନୁମତି ନ ଥିବାବେଳେ ସେଠାରେ କାହିଁକି ଏତେ ଲୋକ ଏକାଠି ହେଲେ ଓ ତାଙ୍କୁ ପୋଲିସ୍ କାହିଁକି ଘଉଡ଼ାଇଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ଦୁଇଦିନ ତଳେ ଶ୍ରୀମନ୍ଦିର ଭିତରେ ଦର୍ଶନ ବେଳେ ଠେଲାପେଲା ଯୋଗୁ ୧୦ରୁ ଊର୍ଦ୍ଧ୍ୱ ଭକ୍ତ ଆହତ ହୋଇଥିଲେ। ଏବେ ପୁଣି ଏଭଳି ଘଟଣା ପ୍ରଶାସନର ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି। ଅନ୍ୟପକ୍ଷରେ ବୁଧବାର ଉକ୍ତ ଘଟଣା ପରେ ବ୍ୟାରିକେଡ୍ ନିକଟରେ ଅଧିକ ପୋଲିସ କର୍ମଚାରୀଙ୍କୁ ନିୟୋଜନ କରାଯାଇଥିଲା। ଏପରିକି ଏସ୍‌ପି ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଛି। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ଭିତରେ ଓ ବାହାରେ ପୋଲିସ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଛି।

# ମହାପ୍ରଭୁଙ୍କ ଚିତ୍ର ଆଙ୍କି ନୂଆ ବର୍ଷକୁ ସ୍ୱାଗତକଲେ ଜାପାନୀ ପର୍ଯ୍ୟଟକ

ପୁରୀ,୧।୧ (ଅଜିତ୍ କୁମାର ମହାନ୍ତି)

ନୂତନ ଇଂରାଜୀ ବର୍ଷକୁ ଭିନ୍ନ ଢଙ୍ଗରେ ପାଳନ କରିଛନ୍ତି ଜାପାନୀ ପର୍ଯ୍ୟଟକ। ମହିଳା ପର୍ଯ୍ୟଟକ ମାୟୁ କାମେଇ ନିଜେ ଓଡ଼ିଆଣୀ ବେଶରେ ଭୂଷିତ ହୋଇ ବିଭିନ୍ନ ରଙ୍ଗର ମୁରୁଜ ସହାୟତାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ରକୁ ଅତ୍ୟନ୍ତ ଭକ୍ତିର ସହ ଆଙ୍କିଥିଲେ। ଏନେଇ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ଭାରତର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ନବବର୍ଷରେ ମହାପ୍ରଭୁଙ୍କୁ ଦର୍ଶନ କରି ବର୍ଷତମାମ ଖୁସିରେ ଅତିବାହିତ ହୁଏ ବୋଲି ବିଶ୍ୱାସ ରହିଛି। ସେମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଥିବାରୁ ଜାପାନ ପର୍ଯ୍ୟଟକମାନେ ଏକତ୍ରିତ ହୋଇ ସେଣ୍ଟର ପରିସରରେ ମହାପ୍ରଭୁଙ୍କ ଚିତ୍ର ଆଙ୍କି ଦର୍ଶନ କରି ବିଭୋର ହୋଇପଡ଼ିଥିଲେ।



ଜାପାନ ପର୍ଯ୍ୟଟକମାନେ ମହାପ୍ରଭୁଙ୍କ ଚିତ୍ର ଆଙ୍କି ଭକ୍ତି ନିବେଦନ ଜଣାଉଛନ୍ତି।


## ଏନ୍‌ଟିପିସି ଲିମିଟେଡ୍
ଏନ୍‌ଟିପିସି NTPC
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

**ନୋଟିସ**

**ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା: ଏନ୍‌ଟିପିସି ଭବନ, କୋର୍-୭, ସ୍କୋପ୍ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁଶନାଲ ଏରିଆ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩**
**କର୍ପୋରେଟ୍ ପରିଚୟ ସଂଖ୍ୟା- ଏଲ୍‌୪୦୧୦୧ଡିଏଲ୍‌୧୯୭୫ଜିଓଆଇ୦୦୭୯୬୬**

୧) ଉପରନାମିତ ଆବେଦନକାରୀ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ (ସିଇଆର୍‌ସି), ନୂଆଦିଲ୍ଲୀଙ୍କ ନିକଟରେ ତା୦୧।୦୪।୨୦୨୪ରୁ ୩୧।୦୩।୨୦୨୯ରିଖ ପର୍ଯ୍ୟନ୍ତ **ତାଳଚେର ସୁପର ଥର୍ମାଲ୍ ପାୱାର ଷ୍ଟେଶନ-I (୧୦୦୦ ମେଗାୱାଟ୍)**ର ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ ଏକ ଆବେଦନ ଦାଏର କରିଛନ୍ତି ।
୨) ଉତ୍ପାଦନକାରୀ ଷ୍ଟେଶନର ହିତାଧିକାରୀମାନେ ହେଲେ:
କ) ୱେଷ୍ଟ ବେଙ୍ଗଲ ଷ୍ଟେଟ୍ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁଶନ କର୍ପୋରେଶନ ଲିମିଟେଡ୍, ବିଦ୍ୟୁତ୍ ଭବନ, ବ୍ଲକ୍-ଡିଜେ, ସେକ୍ଟର-II, ସଲ୍ଟ ଲେକ୍ ସିଟି, କୋଲକାତା-୭୦୦୦୯୧
ଖ) ବିହାର ଷ୍ଟେଟ୍ ପାୱାର୍ ହୋଲ୍ଡିଂ କମ୍ପାନୀ ଲିମିଟେଡ୍, ବିଦ୍ୟୁତ୍ ଭବନ, ବେଲୀ ରୋଡ୍, ପାଟନା-୮୦୦୦୦୧
ଗ) ଝାଡ଼ଖଣ୍ଡ ଉର୍ଜା ବିକାଶ ନିଗମ ଲିମିଟେଡ୍, ଇଞ୍ଜିନିୟରିଂ ଭବନ, ହେଭି ଇଞ୍ଜିନିୟରିଂ କର୍ପୋରେଶନ୍, ଧୁର୍ୱା, ରାଞ୍ଚି- ୮୩୪୦୦୪
ଘ) ଗ୍ରୀଡ୍ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍, ବିଦ୍ୟୁତ୍ ଭବନ, ଜନପଥ, ଭୁବନେଶ୍ୱର-୭୫୧୦୦୭
ଙ) ଦାମୋଦର ଭ୍ୟାଲି କର୍ପୋରେଶନ୍, ଡିଭିସି ଟାୱାର୍ସ, ଭିଆଇପି ରୋଡ୍, କୋଲକାତା-୭୦୦୦୫୪
ଚ) ଉର୍ଜା ଓ ଶକ୍ତି ବିଭାଗ, ସିକିମ୍ ସରକାର, କାଜି ରୋଡ୍, ଗ୍ୟାଙ୍ଗଟକ, ସିକିମ୍-୭୩୭୧୦୧
ଛ) ଆସାମ ପାୱାର ଡିଷ୍ଟ୍ରିବ୍ୟୁଶନ୍ କମ୍ପାନୀ ଲିମିଟେଡ୍, ବିଜୁଳି ଭବନ, ପଲଟନ ବଜାର, ଗୁଆହାଟୀ-୭୮୧୦୦୧
ଜ) ତାମିଲନାଡୁ ଜେନେରେଶନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ୍ କର୍ପୋରେଶନ୍ ଲିମିଟେଡ୍, ଏନ୍‌ପିକେଆର୍‌ପି ମାଳିଗାଇ, ୧୪୪, ଆନ୍ନା ସଲାଇ, ଚେନ୍ନାଇ-୬୦୦୦୦୨
ଝ) ଗୁଜରାଟ ଉର୍ଜା ବିକାଶ ନିଗମ ଲିମିଟେଡ୍ (ଜିୟୁଭିଏନ୍‌ଏଲ୍), ବିଦ୍ୟୁତ୍ ଭବନ, ରେସ୍ କୋର୍ସ, ଭଦୋଦରା-୩୯୦୦୦୭
୩) ଉତ୍ପାଦନକାରୀ ଷ୍ଟେଶନର କ୍ଷମତା : ୧୦୦୦ ମେଗାୱାଟ୍
୪) ତା୩୧।୦୩।୨୦୨୪ରିଖ*ରେ ପ୍ରକଳ୍ପର ଅନୁମୋଦିତ ପୁଞ୍ଜି ବ୍ୟୟ : ଟ.୨୮୦୯.୦୧ କୋଟି
ପୁଞ୍ଜି ବ୍ୟୟକୁ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ : ଅନୁମୋଦନ ପାଇଁ ସିଇଆର୍‌ସିଙ୍କ ନିକଟରେ ଦାଖଲ ହୋଇଛି
୫) ବାଣିଜ୍ୟିକ ସଂଚାଳନର ଧାର୍ଯ୍ୟ ତାରିଖ : ପ୍ରଯୁଜ୍ୟ ନୁହେଁ
୬) ଷ୍ଟେଶନର ବାଣିଜ୍ୟିକ ସଂଚାଳନର ବାସ୍ତବ ତାରିଖ : ୦୧।୦୭।୧୯୯୭
୭) ଷ୍ଟେଶନର ବାଣିଜ୍ୟିକ ସଂଚାଳନ ତାରିଖରେ ପୁଞ୍ଜି ବ୍ୟୟ : ପ୍ରଯୁଜ୍ୟ ନୁହେଁ
୮) ଶୁଳ୍କସୂଚୀର ବିବରଣୀ:

| ବିବରଣୀ | ନିର୍ଦ୍ଧାରଣ ପାଇଁ ଅନୁରୋଧିତ ବର୍ଷୱାରି ଶୁଳ୍କସୂଚୀ | | | | | |
|---|---|---|---|---|---|---|
| | ପୂର୍ବବର୍ତ୍ତୀ ବର୍ଷ ପାଇଁ ଶୁଳ୍କସୂଚୀ | ୨୦୨୪-୨୫ | ୨୦୨୫-୨୬ | ୨୦୨୬-୨୭ | ୨୦୨୭-୨୮ | ୨୦୨୮-୨୯ |
| ୧. କ୍ଷମତା ଶୁଳ୍କ (ଟ. ଲକ୍ଷ/ବର୍ଷ) | ୭୨,୮୭୫.୩୬ | ୭୫,୫୯୨.୦୯ | ୭୭,୮୧୪.୨୭ | ୮୧,୧୫୪.୬୨ | ୮୪,୬୧୨.୦୫ | ୮୮,୩୫୮.୬୦ |
| ୨. ଏନର୍ଜି ଶୁଳ୍କ (ଟ./କେଡବ୍ଲ୍ୟୁଏଚ୍) | ୧.୮୨୮ | ୧.୭୮୫ | | | | |

*ମାନ୍ୟବର ସିଇଆର୍‌ସିଙ୍କ ନିକଟରେ ତାଳଚେର ସୁପର ଥର୍ମାଲ୍ ପାୱାର ଷ୍ଟେଶନ-I (୧୦୦୦ ମେଗାୱାଟ୍) ପାଇଁ ୨୦୧୯-୨୪ ଅବଧି ଲାଗି ଶୁଳ୍କସୂଚୀର ଟ୍ରୁଇଙ୍ଗ-ଅପ୍ ନିମନ୍ତେ ଆବେଦନ ଉପରେ ଆଧାରିତ।
୯) ଶୁଳ୍କସୂଚୀ ନିର୍ଦ୍ଧାରଣ ପାଇଁ କରାଯାଇଥିବା ଆବେଦନର ଏକ ନକଲ ଏନ୍‌ଟିପିସିର ୱେବ୍‌ସାଇଟ୍ www.ntpc.co.inରେ "ନୋଟିସେସ୍" ଟ୍ୟାବ୍ ଅଧୀନରେ ସ୍ଥାନିତ ହୋଇଛି ।
୧୦) ଆବେଦନରେ ସମ୍ବଳିତ ଶୁଳ୍କସୂଚୀ ନିର୍ଦ୍ଧାରଣର ପ୍ରସ୍ତାବ ଉପରେ ପ୍ରସ୍ତାବ ଏବଂ ଆପତ୍ତି, ଯଦି ଥାଏ, ତାହାକୁ ହିତାଧିକାରୀଙ୍କ ସମେତ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ଆୟୋଗଙ୍କ ଇ-ଫାଇଲିଂ ପୋର୍ଟାଲରେ ଏହି ନୋଟିସ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଦାଏର କରାଯାଇପାରିବ; ତାହାର ଏକ ନକଲ ଆବେଦନକାରୀଙ୍କ ନିକଟକୁ ମଧ୍ୟ ପଠାଯିବା ଆବଶ୍ୟକ ।

ସ୍ଥାନ: ନଏଡା (ଉତ୍ତରପ୍ରଦେଶ) (ଉମାଶଙ୍କର ମହାନ୍ତି)
ତାରିଖ: ୦୩।୧୨।୨୦୨୪ ଅତିରିକ୍ତ ସାଧାରଣ ପରିଚାଳକ (ବାଣିଜ୍ୟିକ)

ଆଗେଇ ନେଉଛୁ ଶକ୍ତି କ୍ଷେତ୍ରକୁ


# ବ୍ୟାନର ଚୋରିକୁ ନେଇ ତୁମୁଳକାଣ୍ଡ

ଜଟଣୀ,୧।୧(ରବୀନ୍ଦ୍ରନାଥ ମହାକୁଡ଼)

ନୂଆବର୍ଷ ପାଇଁ ସବୁଠି ଉତ୍ସବ ଲାଗି ରହିଥିବାବେଳେ ଜଟଣୀ ବ୍ଲକ ଅଞ୍ଚଳରେ ବ୍ୟାନର ଚୋରିକୁ ନେଇ ତୁମୁଳକାଣ୍ଡ ଘଟିଛି। ଅଭିଯୋଗ ପରେ ଭୁବନେଶ୍ୱର ଏୟାରଫିଲ୍ଡ ଥାନାରେ ବର୍ଷର ପ୍ରଥମ ମାମଲା ୧/୨୫ରେ ରୁଜୁ ହୋଇଥିବା ଥାନା ଅଧିକାରୀ ଶଶିକାନ୍ତ ରାଉତ କହିଛନ୍ତି। ବୁଧବାର ପୂର୍ବାହ୍ନ ପାଖାପାଖି ୧୦ଟାବେଳେ ଜଟଣୀ ବ୍ଲକ ଅଧୀନ ପ୍ରଧାନସାହିଠାରେ ୪/୫ ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଆମ ବ୍ୟାନର କିଏ ନେଲା କହି ଗାଁ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ଗାଁ ଲୋକେ ବିରୋଧ କରିବାରୁ ଯୁବକମାନେ ମାରଣାସ୍ତ୍ର ଧରି ହାଣି ଦେବାକୁ ଧମକ ଦେଇଥିଲେ। ଏନେଇ ପ୍ରଧାନସାହିର ଶଙ୍କର ବେହେରାଙ୍କ ସମେତ ୨୦ରୁ ୨୫ ଜଣ ମହିଳା ପୁରୁଷ ଏକାଠି ହୋଇ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# ମହିଳା ନିଖୋଜ, ଫାଣ୍ଡିରେ ଅଭିଯୋଗ

ବାରଙ୍ଗ,୧।୧ (ଲିଙ୍ଗରାଜ ରାଉତ)

ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍‌ରେ ରହୁଥିବା ଜଣେ ମହିଳା ନିଖୋଜ ହୋଇଥିବା ତାଙ୍କ ସ୍ୱାମୀ ଗୋଡ଼ିସାହି ଫାଣ୍ଡିରେ ଡିସେମ୍ବର ୩୧ରେ ଅଭିଯୋଗ କରିଛନ୍ତି। ମିସ୍ ଅଂଶୁ ସିଂହ(୩୦) ନାମ୍ନୀ ମହିଳା କେବଳ ହିନ୍ଦୀରେ କଥା କହିପାରୁଥିବାବେଳେ ସେ ଗତ ୩୦ ତାରିଖ ସକାଳୁ କେଉଁଆଡ଼େ ଚାଲିଯାଇଥିବା ତାଙ୍କ ସ୍ୱାମୀ ଦୁର୍ଗେଶ ସିଂହ ଡିସେମ୍ବର ୩୧ରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ସିସିଟିଭି ଫୁଟେଜ୍ ଆଧାରରେ ମହିଳାଙ୍କୁ ଖୋଜିବାକୁ ଉଦ୍ୟମ ଆରମ୍ଭ କରିଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ବାବଦରେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କ୍ର.ସଂ., ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା** ନିମ୍ନ ଅନୁଯାୟୀ ଅଟେ: **(୧) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୦-୨୦୨୪,** ଏଡିଇଏନ୍/ଡବ୍ଲ୍ୟୁଏସ୍‌ପି/କେଜିପିଙ୍କ କ୍ଷେତ୍ରାଧିକାର ଅଧୀନରେ ବର୍ଷ ୨୦୨୪-୨୦୨୫ ଓ ୨୦୨୫-୨୦୨୬ (ଦୁଇବର୍ଷ) ପାଇଁ ମୁଖ୍ୟ ୱାର୍କଶପ୍, ନୂଆ ୱାଗନ୍ ଶପ୍ ତଥା ଏନ୍‌ଏସ୍ ୟାର୍ଡ କମ୍ପ୍ଲେକ୍ସ ଭିତରେ ଓ ବାହାରେ ବିବିଧ (ପି-ୱେ ଜୋନାଲ) ଟ୍ରାକ୍ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୨,୨୧,୦୭,୬୮୬.୯୨। **ଅମାନତ ରାଶି:** ₹୨,୬୦,୫୦୦/- । **(୨) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୨୧-୨୦୨୪,** 'କେଜିପିଡବ୍ଲ୍ୟୁର ଟିଆର୍‌ଏସ୍-ପିଓଏଚ୍ ଶପ୍ ଏବଂ ପ୍ରଡକ୍ସନ୍ ଶପ୍‌ଠାରେ କର୍ମଚାରୀ କଲ୍ୟାଣ ପଦକ୍ଷେପ (ଟିଆର୍‌ଏସ୍-ପିଓଏଚ୍ ଶପ୍ କ୍ୟାଣ୍ଟିନ୍, ମହିଳା ବିଶ୍ରାମ ଗୃହ, ଟଏଲେଟ୍ ବ୍ଲକ୍, ପୋର୍ଟା କ୍ୟାଣ୍ଟିନ୍)ର ବ୍ୟବସ୍ଥା' ଅଧୀନରେ ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକର ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୨୧,୪୫,୩୯୩.୧୮। **ଅମାନତ ରାଶି:** ₹୪୨,୯୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ.୧ ପାଇଁ ୦୮।୦୧।୨୦୨୫ ଓ କ୍ର.ସଂ. ୨ ପାଇଁ ୧୦।୦୧।୨୦୨୫ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ.୧ ପାଇଁ ୨୪ ମାସ ଓ କ୍ର.ସଂ. ୨ ପାଇଁ ୯ ମାସ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ ପାଇଁ ୧୦।୧୨।୨୦୨୪ ଓ ୦୮।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ, କ୍ର. ସଂ. ୨ ପାଇଁ ୧୭।୧୨।୨୦୨୪ ଓ ୧୦।୦୧।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମ୍ଭାବ୍ୟ ଟେଣ୍ଡରଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି" ।

(PR-966)



**DEPARTMENT OF SCHOOL AND MASS EDUCATION**
ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
Odisha School Education Programme Authority
Government of Odisha
**OFFICE OF THE DISTRICT EDUCATION OFFICER-CUM-DISTRICT PROJECT COORDINATOR, SAMAGRA SHIKSHA, NUAPADA**
At/P.O./Dist.: Nuapada (Behind Mini Stadium), Odisha
PIN - 766105, e-Mail: dpcnuapadassa.opepa@nic.in
No. 01/GE/2025 Date: 01.01.25
III-01/25

**NOTICE**

**Document Verification of Provisionally Eligible Candidates for Engagement of Part Time Teacher in Different KGBVs of Nuapada District**

Pursuant to this office Notice No. 2979/GE/2024, Dtd.16.11.2024 and recruitment Notice No. 476 Dated 01.03.2024 of this office for appointment of contractual posts, i.e. Part Time Teachers under different Kasturaba Gandhi Balika Vidyalayas (KGBV) of Nuapada district, the candidate list who are eligible for Certificate/Document verification is hereby published in the Notice Board of District Project Office, Samagra Shiksha, Nuapada and in Nuapada district official website **www.nuapada.odisha.gov.in** & in OSEPA website **www.osepa.odisha.gov.in** for information of concern candidates.

Accordingly, the enlisted candidates are hereby directed to remain physically present in the Certificate/Document verification process (for contractual posts of Part Time Teachers) scheduled to be held on Dt.07.01.2025 at DPO, Samagra Shiksha, Nuapada from 10.30 A.M. to 4.00 P.M. along with all required document/certificate/testimonies in original along with a set of self attested photocopies of all required documents. The list of all required documents for appearing the certificate/document verification process is mentioned at Annexure-A for reference of the candidates.

Non appearing of candidates physically or non submission of any required documents during document verification process on the scheduled date and time, may liable to rejection of candidature of concerned candidate.

By order of Collector-cum-Chairman
Samagra Shiksha, Nuapada
**Sd./- District Education Officer-cum-DPC, Samagra Shiksha, Nuapada**


# ଚଳିତବର୍ଷ ୪ ପରାଗ, ଗ୍ରହଣ

## ୨ ଆଂଶିକ ସୂର୍ଯ୍ୟୋପରାଗ, ୨ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର,୧।୧ (ସୁଚିସ୍ମିତା ସାହୁ)

ଚଳିତବର୍ଷ ମୋଟ ୪ଟି ପରାଗ ଓ ଗ୍ରହଣ ସଂଗଠିତ ହେବ। ସେଥିରୁ ଦୁଇଟି ଆଂଶିକ ସୂର୍ଯ୍ୟୋପରାଗ ଏବଂ ଦୁଇଟି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ରହିଥିବାବେଳେ କେବଳ ଗୋଟିଏ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଭାରତରୁ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଚଳିତବର୍ଷର ପ୍ରଥମ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ମାର୍ଚ୍ଚ ୧୪ରେ ଆମେରିକା, ପଶ୍ଚିମ ୟୁରୋପ, ପଶ୍ଚିମ ଆଫ୍ରିକା ଏବଂ ଉତ୍ତର ଓ ଦକ୍ଷିଣ ଆଟ୍‌ଲାଣ୍ଟିକ ମହାସାଗର ପରି ଅଞ୍ଚଳରେ ଦେଖାଯିବ। ସେହିପରି ଆଂଶିକ ସୂର୍ଯ୍ୟୋପରାଗ ମାର୍ଚ୍ଚ ୨୯ରେ ଉତ୍ତର ଆମେରିକା, ଗ୍ରୀନ୍‌ଲାଣ୍ଡ, ଆଇସ୍‌ଲାଣ୍ଡ, ଉତ୍ତର ଆଟ୍‌ଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷରେ ଦୃଶ୍ୟମାନ ହେବ। ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସେପ୍ଟେମ୍ବର ୭ ଓ ୮ ତାରିଖରେ ସମଗ୍ର ଭାରତ ସହ ଏସିଆର ଅନ୍ୟ ଦେଶ ତଥା ୟୁରୋପ, ଆଣ୍ଟାର୍କଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗର, ଅଷ୍ଟ୍ରେଲିଆ ଓ ଭାରତ ମହାସାଗରର କିଛି ଅଞ୍ଚଳରେ ଦୃଶ୍ୟମାନ ହେବ। ଏହି ଚନ୍ଦ୍ରଗ୍ରହଣ ଭାରତ ଆକାଶରେ ସେପ୍ଟେମ୍ବର ୭ରେ ରାତି ୮ଟା ୫୮ ରୁ ୨ଟା ୨୫ ପର୍ଯ୍ୟନ୍ତ ରହିବ। ପୂର୍ଣ୍ଣ ଗ୍ରହଣ ରାତି ୧୦ଟାରୁ ରାତି ୧୨.୨୨ ଦୀର୍ଘ ୨ ଘଣ୍ଟା ୨୨ ମିନିଟ ପର୍ଯ୍ୟନ୍ତ ଦେଖାଯିବ। ସେହି ସମୟରେ ଚନ୍ଦ୍ର ସମ୍ପୂର୍ଣ୍ଣ ରକ୍ତ ବର୍ଣ୍ଣ ଧାରଣ କରିବେ। ତେବେ ବର୍ଷର ଅନ୍ତିମ ଆଂଶିକ ସୂର୍ଯ୍ୟୋପରାଗ ସେପ୍ଟେମ୍ବର ୨୧-୨୨ ତାରିଖରେ ନ୍ୟୁଜିଲାଣ୍ଡ, ଇଷ୍ଟର୍ନ ମେଲାନେସିଆ ଏବଂ ପଶ୍ଚିମ ଆଣ୍ଟାର୍କଟିକାରେ ଦୃଶ୍ୟମାନ ହେବ ବୋଲି ଶୁଭେନ୍ଦୁ କହିଛନ୍ତି।


## ଖରିଫ ଧାନ ସଂଗ୍ରହ, ୨୦୨୪-୨୫

ବିଜ୍ଞାପନ ସଂଖ୍ୟା: ୦୩ ତାରିଖ: ୦୧।୦୧।୨୫

**ବିଶେଷ ସୂଚନା**

ଏତଦ୍ୱାରା କଟକ ଜିଲ୍ଲାର ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଯୋଗ୍ୟ ବିବେଚିତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଚଳିତ ଖରିଫ ବର୍ଷ ୨୦୨୪-୨୫ ପାଇଁ ରାଜ୍ୟ ସରକାର ଓ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ତା୦୩।୦୧।୨୦୨୫ରିଖଠାରୁ ୮୫ଗୋଟି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରାଯିବ। ଚାଷୀ ଭାଇ ଓ ଭଉଣୀମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନକୁ ଭଲ ଭାବରେ ଶୁଖାଇ ସଫା ସୁତୁରା କରି ଧାନକ୍ରୟ କେନ୍ଦ୍ରକୁ ଆଣିବେ। ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗି, ସମଆକାର, ଏକ କିସମ ଯଥା (ଏଫ୍.ଏ.କ୍ୟୁ)ମାନର ହୋଇଥିବା ଆବଶ୍ୟକ। ସମସ୍ତ ପଞ୍ଜୀକୃତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନ ହୋଇ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତିମାନଙ୍କ ଜରିଆରେ ଧାନ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ।

**ଚଳିତ ଖରିଫ ୨୦୨୪-୨୫ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

| ଧାନର କିସମ | କୁଇଣ୍ଟାଲ ପିଛା ଦର | ଅତିରିକ୍ତ ଇନପୁଟ୍ ସହାୟତ ରାଶି |
|---|---|---|
| ସାଧାରଣ ଧାନ (ଏଫ୍.ଏ.କ୍ୟୁ.) | ଟ.୨,୩୦୦.୦୦ଙ୍କା | ଟ.୮୦୦.୦୦ଙ୍କା |
| ଗ୍ରେଡ୍ "ଏ" ଧାନ | ଟ.୨,୩୨୦.୦୦ଙ୍କା | |

**ସହାୟକ ମୂଲ୍ୟ ପାଇବା ପାଇଁ ଧାନର ହାରାହାରି ଗୁଣାତ୍ମକ ମାନ (ଏଫ୍.ଏ.କ୍ୟୁ) ନିମ୍ନମତେ ହେବା ଆବଶ୍ୟକ**

| କ୍ର.ସଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ଧାନର ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୨. | କାଠି, କୁଟା, ଧୂଳି, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି *ଖରାପ, ପାଣିଫୁଲା ଓ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର | ୫.୦% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

ଚାଷୀର ସଚେତନତା ଆମର କାମ୍ୟ

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର

# ଓୟୁଏଟି ଶିକ୍ଷକ ସଂଘ ନୂଆ କାର୍ଯ୍ୟକାରୀ ସମିତିର ଶପଥ ଗ୍ରହଣ

ଭୁବନେଶ୍ୱର,୧।୧(ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଶିକ୍ଷକ ସଂଘର କାର୍ଯ୍ୟକାରୀ ସମିତି ପଦାଧିକାରୀଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ, ବିଭାଗୀୟ ମୁଖ୍ୟ, ପ୍ରାଧାପକ ଓ ଶିକ୍ଷକଙ୍କ ଉପସ୍ଥିତିରେ ନବନିର୍ବାଚିତ କାର୍ଯ୍ୟକାରୀ ସମିତି ସଭାପତି ଡ. ଅଜିତ କୁମାର ନାୟକ, ସାଧାରଣ ସମ୍ପାଦକ ଡ. ରଞ୍ଜନ କୁମାର କର, କୋଷାଧକ୍ଷ ବିପିନ କୁମାର ପ୍ରଧାନ ଓ ଯୁଗ୍ମ ସମ୍ପାଦିକା ଅନିତା ପ୍ରିୟଦର୍ଶିନୀ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ନିର୍ବାଚନ କମିଶନ ମୁଖ୍ୟ ପ୍ରଫେସର ବିଜୟ କୁମାର ମହାପାତ୍ର ନିର୍ବାଚନୀ ବିବରଣୀ ଘୋଷଣା କରିଥିଲେ। ଶପଥ ଗ୍ରହଣ ଅଧିକାରୀ ଭାବେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସୁସେନ କୁମାର ପଣ୍ଡା ଶପଥ ପାଠ କରାଇଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ଡ. କ୍ଷିତୀଶ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ମଣ୍ଡଳୀ ଶିକ୍ଷକଙ୍କ ପଦୋନ୍ନତି, ଅବସର ବୟସ, ତାଲିମ, ଗବେଷଣା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ।

# ନନ୍ଦନକାନନ ବୁଲିଲେ ୩୫,୬୫୬ ପର୍ଯ୍ୟଟକ

## ଗତବର୍ଷ ଅପେକ୍ଷା କମିଲେ

ବାରଙ୍ଗ/ତ୍ରିଶୂଳିଆ,୧।୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ନୂଆବର୍ଷ ଅବସରରେ ନନ୍ଦନକାନନକୁ ଏଥର ପର୍ଯ୍ୟଟକଙ୍କ ସଂଖ୍ୟା କମ୍ ଥିବା ଜଣାପଡ଼ିଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ମୋଟ ୩୫ ହଜାର ୬୫୬ ପର୍ଯ୍ୟଟକ ଆସିଥିଲେ, ଯାହା ଗତବର୍ଷ ତୁଳନାରେ କମ୍। ଗତବର୍ଷ ନନ୍ଦନକାନନକୁ ୪୧ ହଜାର ୯୬୭ ପର୍ଯ୍ୟଟକ ଆସିଥିବାବେଳେ ଏଥର ୬ ହଜାର ୩୧୧ ଜଣ କମ୍ ଆସିଥିଲେ। ବଟାନିକାଲ୍ ଗାର୍ଡେନରେ ଏଥର ବଣଭୋଜିକୁ ବନ୍ଦ କରିଦିଆଯାଇଥିବାରୁ ନୂଆବର୍ଷରେ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଲା ବୋଲି ଚର୍ଚ୍ଚା ହେଉଛି। ସେମାନଙ୍କ ମଧ୍ୟରୁ ଅଫ୍‌ଲାଇନରେ ୩୦ ହଜାର ୭୯୧, ସଞ୍ଚାର(ଅନ୍‌ଲାଇନ)ରେ ୧ ହଜାର ୪୮୧, ହ୍ୱାର୍ଟ୍ସ ଆପରେ ୩ ହଜାର ୩୧୫ ଓ ରୋପ୍‌ୱେରେ ୧୭ ଜଣ ପର୍ଯ୍ୟଟକ ଟିକଟ ସଂଗ୍ରହ କରିଥିବା ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ କହିଛନ୍ତି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଷ ରାମସିଂ ଖୁଣ୍ଟିଆ ନନ୍ଦନକାନନ ଆସି ଏକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନନ୍ଦନକାନନ ବୁଲି ଆସିଥିବା ପର୍ଯ୍ୟଟକଙ୍କୁ ପ୍ରାଣୀଉଦ୍ୟାନ ପରିବେଶକୁ ସୁରକ୍ଷା ଦେବାକୁ ପର୍ଯ୍ୟଟକଙ୍କୁ ଗୋଟିଏ ଲେଖାଏଁ ଗଛ ଉପହାର ଦେଇଥିଲେ। ତାଙ୍କ ସହ ନନ୍ଦନକାନନ ନିର୍ଦ୍ଦେଶକ ଡ. ମନୋଜ ଭି.ନାୟର ଓ ଉପନିର୍ଦ୍ଦେଶକ ସନଥ ନାରାୟଣ ଉପସ୍ଥିତ ଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ନନ୍ଦନକାନନ ଥାନା ଆଇଆଇସି ସମିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ ପୋଲିସ, ପୋଲିସ ଫୋର୍ସ ମୂତୟନ ଥିଲେ। ସେହିଭଳି ଭାବେ ଚନ୍ଦକା ଅଭୟାରଣ୍ୟର ଡେରାସ ଓ ଝୁମକାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଡେରାସ ଅପେକ୍ଷା ଝୁମକା ବନ୍ଧରେ ବିନାଦେୟରେ ଭୋଜି କରିବାର ବ୍ୟବସ୍ଥା ଥିବାରୁ ଏଠାରେ ପ୍ରବଳ ଗହଳି ଲାଗି ରହିଥିଲା। ଅନେକ ପର୍ଯ୍ୟଟକ ଜାଗା ନ ପାଇ ଭୋଜି କରି ନ ପାରି ନିରାଶରେ ଫେରିଥିଲେ। ଡେରାସକୁ ୧ ହଜାର ୩୬୦ ଜଣ ପର୍ଯ୍ୟଟକଙ୍କଠାରୁ ୭୨ ହଜାର ୫୮୦ଟଙ୍କା, ଗୋଡ଼ିବାରିର ୧୩୩ ଜଣ ପର୍ଯ୍ୟଟକଙ୍କଠାରୁ ୧୬ ହଜାର ୧୬୬ ଟଙ୍କାର ରାଜସ୍ୱ ଓଆଦାୟ ହୋଇପାରିଥିବା ଜଣାପଡ଼ିଛି।



ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଜଣେ ଶିଶୁଙ୍କୁ ଚାରା ଉପହାର ଦେଉଛନ୍ତି।

## ଭୋଜି କରି ନ ପାରି ଝୁମୁକାରୁ ଫେରିଲେ

## ପର୍ଯ୍ୟଟକଙ୍କୁ ଚାରା ଉପହାରଦେଲେ ମନ୍ତ୍ରୀ

# ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

## ନୂଆ ବର୍ଷରେ ପଳାଶୁଣିରେ ଦୁର୍ଘଟଣା

ଭୁବନେଶ୍ୱର,୧।୧(ସୂର୍ଯ୍ୟକାନ୍ତ ବେହେରା)

ନୂଆବର୍ଷରେ ରାଜଧାନୀ ଭୁବନେଶ୍ୱର ପଳାଶୁଣି ଛକରେ ଟ୍ରକ୍ ଧକ୍କାରେ ମହିଳାଙ୍କ ଜୀବନ ଚାଲିଯାଇଛି। ମୃତା ମହିଳା ହେଲେ ସତ୍ୟବିହାର ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ପ୍ରଭାସିନୀ ପଣ୍ଡା(୩୭)। ଏହି ଦୁର୍ଘଟଣାରେ ଜଣେ ଓଲା ବାଇକ୍ ଚାଳକ ଆହତ ମଧ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ନେଇ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଥିବାବେଳେ ଟ୍ରକ୍‌କୁ ଠାବ କରି ପାରିନାହିଁ।

ସୂଚନାନୁସାରେ, ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରଭାସିନୀ ଅନ୍‌ଲାଇନରେ ଗାଡ଼ି ବୁକ୍ କରି ବାଇକ ଯୋଗେ କୌଣସି କାମରେ ଶହୀଦନଗର ଯାଉଥିଲେ। ପଳାଶୁଣି ଛକ ଦୁର୍ଗାମଣ୍ଡପ ପାଖ ରାସ୍ତାରେ ଏକ ଟ୍ରକ୍ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚାଳକ ଓ ପ୍ରଭାସିନୀ ତଳେ ପଡ଼ି ଯାଇଥିଲେ। ପ୍ରଭାସିନୀଙ୍କ ମୁଣ୍ଡର ପଛ ପାର୍ଶ୍ୱ ଜୋରରେ ତଳେ ମାଡ଼ ହେବାରୁ ପ୍ରବଳ ରକ୍ତ ବାହାରିଥିଲା। ସାମାଜିକ କର୍ମୀ ନାରାୟଣ ପୃଷ୍ଟି ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ପ୍ରଭାସିନୀଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପଳାଶୁଣି ଛକରେ ପ୍ରତିଦିନ ଟ୍ରାଫିକ୍ ଜାମ ହେବାରୁ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥବା ଅଭିଯୋଗ ହେଉଛି।

# ଜଙ୍ଗଲ ସୁରକ୍ଷା, କୃଷି ବିକାଶ ପାଇଁ କାର୍ଯ୍ୟ କରିଥିଲେ ବିପ୍ଲବୀ ଚକ୍ରଧର



ଭୁବନେଶ୍ୱର,୧।୧ (ସୌମ୍ୟରଞ୍ଜନ ରାଉତ)

ବିପ୍ଲବୀ ଚକ୍ରଧର ବେହେରା ଦୁଇଥର ବିଧାୟକ ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ରାଜନୀତିର ଚକ୍ରବ୍ୟୂହ ମଧ୍ୟରେ କ୍ଷମତାଠାରୁ ଦୂରେଇ ଜଙ୍ଗଲ ସୁରକ୍ଷା, କୃଷି ବିକାଶ ଲାଗି କାର୍ଯ୍ୟ କରିଥିଲେ। ଦେଶ ଓ ଜାତି ପାଇଁ ତାଙ୍କ ତ୍ୟାଗ ଅତୁଳନୀୟ ବୋଲି ବୁଧବାର ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ବିପ୍ଲବୀ ଚକ୍ରଧର ସ୍ମୃତି କମିଟି ପକ୍ଷରୁ ରାଜଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଶ୍ରାଦ୍ଧୋତ୍ସବ ପାଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ତମ୍ଭକାର ଡ. ଗୌରହରି ଦାସଙ୍କ ଅଧ୍ୟକ୍ଷତା ଓ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ, ସ୍ୱର୍ଗତ ବେହେରାଙ୍କ ଆତ୍ମୀୟ ସୁରେନ୍ଦ୍ର କୁମାର ମାହୁନ୍ତ, ସ୍ୱପ୍ନଶ୍ରୀ ମାହୁନ୍ତ, ଦିଲୀପ କୁମାର ଦାସ, ମଞ୍ଜୁଶ୍ରୀ ଦାସ, ଜୟକୃଷ୍ଣ ସାହୁ, ଶିଶୁ ପ୍ରତିଭା ଅନ୍ୱେଷା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରିଥିଲେ। ରାଜ ଅତ୍ୟାଚାର ଓ ବ୍ରିଟିଶ ସରକାର ବିରୋଧରେ ପୁଞ୍ଜିଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଉଥିବାବେଳେ ଚକ୍ରଧର ବାବୁ ରାଜ କର୍ମଚାରୀ ପଦବୀ ପରିତ୍ୟାଗ କରି ପ୍ରଜା ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ଏକ ଦୁର୍ବାର ପ୍ରଜା ଆନ୍ଦୋଳନ ଗଢିତୋଳିବା ସହ ପ୍ରଜାମାନଙ୍କୁ ଅତ୍ୟାଚରମୁକ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ବୋଲି ସେମାନେ କହିଥିଲେ।

# ପ୍ରକାଶଙ୍କ ସ୍ମୃତିରେ ଚାରାରୋପଣ




ପୁରୁଣା ଭୁବନେଶ୍ୱର,୧।୧ (ସୁବାସ ଚନ୍ଦ୍ର ପ୍ରଧାନ)

ନୂଆଗାଁର ଯୁବ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ବିଭିନ୍ନ ମହଲରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସ୍ୱର୍ଗତ ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଗଙ୍ଗୁଆ ପଳାଶପୁର ନଦୀବନ୍ଧରେ ଏବିଭିପିର ସଦସ୍ୟମାନେ ପ୍ରାୟ ୩୦୦ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ସେହିଭଳି ନୂଆଗାଁ ପେଟ୍ରୋଲ ପମ୍ପଠାରୁ ଦୟା ନଦୀବନ୍ଧ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପରିଷଦ ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଉପସଭାପତି ତଥା କବି ଅକ୍ଷୟ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ମଙ୍ଗଳବାର ସନ୍ଧ୍ୟାରେ ଯୁବ ସାମାଜିକ କର୍ମୀ ଭଗବାନ ସାହୁ ଏବଂ ବିନ୍ଦୁସାଗର ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାଷ୍ଟରକ୍ୟାଣ୍ଟିନ ଓ ରାମମନ୍ଦିରଠାରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଂକ୍ତି ଭୋଜନ ଦେଇଥିଲେ। ଧଉଳିର ସ୍ୱେଚ୍ଛାସେବୀ ଯୁବକମାନେ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବାବୁ ବାବୁଙ୍କ ନିର୍ଦ୍ଦେଶିତ ୧୦ ମ୍ୟୁଜିକ୍ ଭିଡିଓ ରିଲିଜ୍

ଭୁବନେଶ୍ୱର,୧।୧ (ସୌମ୍ୟରଞ୍ଜନ ରାଉତ)

ବାବୁ ବାବୁଙ୍କ ନିର୍ଦ୍ଦେଶିତ ୧୦ଟି ମ୍ୟୁଜିକ୍ ଭିଡିଓ ବୁଲନ ଭାଇ ସଦନଠାରେ ରିଲିଜ ହୋଇଯାଇଛି। ଏଥିମଧ୍ୟରେ ଇସ୍କ ହେଲା ଧୀରେ ଧୀରେ, ନାକର ନଥିନୀ, ପ୍ରେମର ଗଣିତ, ରଙ୍ଗବତୀ ରଙ୍ଗ ଚଢେଇ, ପୁରୁଣା ଗାଡି, ଖୁଦା ରାଣ ତୋ ପାଇଁ, ତୁମେ ଅସୀମ ଅନନ୍ତ ହେ ଜଗନ୍ନାଥ, ରେ ଜଗା ତୋ ଭକତ ତାଲିକାରେ ଦେ ଟିକେ ଜାଗା, ମୁଁ ପରା କୁନି ଭକତ ତୋର ଏବଂ ବୁଝିବାଟା କଷ୍ଟ ଜଗା ଜୀବନ ଗଣିତ ଆଦି ଭଜନ ଓ ଆଧୁନିକ ଗୀତ ରହିଛି। ସୁମନ୍ତ କୁମାର ଦାଶ, ରାଘବ ସ୍ୱାଇଁ, ସାଲୋନୀ ମ୍ୟୁଜିକ, ରାଜେନ୍ଦ୍ର ମଥନ, ସୁଧାଂଶୁ ଶେଖର, ଅମୃଥତ୍ୱ, କେ. ଡି. କଲ୍ୟାଣୀ ପ୍ରଯୋଜକ ରହିଥିବାବେଳେ ସଂଘମିତ୍ରା ବେହେରା, ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରଯୋଜିକା ଅଛନ୍ତି। ଅଭିନେତା ଅଂଶୁମୋଚନ ମହାନ୍ତିଙ୍କ ସହ ବହୁ ଅଭିନେତା, ଅଭିନେତ୍ରୀ ଏଥିରେ ଅଭିନୟ କରିଛନ୍ତି। ସନ୍ତୋଷ କୁମାର, ଚିନ୍ମୟ ଓ ବିଭୁନ, ଜୟଦେବ ମିଶ୍ର, ରୁଦ୍ର ପ୍ରସାଦ ନାୟକ, ଆଶୁତୋଷ ବେହେରା, ପ୍ରତ୍ୟୁଷ ପ୍ରଭଞ୍ଜନ ଗୀତଗୁଡିକର ସ୍ୱର ଦେଇଛନ୍ତି। କାର୍ଯ୍ୟକ୍ରମରେ ବହୁ ଅଭିନେତା ଓ ଅଭିନେତ୍ରୀ ଉପସ୍ଥିତ ଥିବାବେଳେ ଆଗକୁ ବାବୁ ବଡ଼ ପରଦାରେ କାମ କରିବେ ବୋଲି ସୂଚନା ଦେଇଛନ୍ତି।




ଭୁବନେଶ୍ୱରସ୍ଥିତ ବୁଲନ ଭାଇ ସଦନଠାରେ ବାବୁ ବାବୁଙ୍କ ନିର୍ଦ୍ଦେଶିତ ୧୦ଟି ମ୍ୟୁଜିକ ଭିଡିଓ ରିଲିଜ କରାଯାଉଛି।

# ବାଇକ୍‌କୁ ପିଟିଲା ବସ: ଯୁବକ ମୃତ

ନିମାପଡ଼ା,୧।୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା-ପିପିଲି ମୁଖ୍ୟରାସ୍ତାର ରଚିଲୋ ଛକ ନିକଟରେ ବୁଧବାର ରାତିରେ ବସ୍ ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳର ଗଣେଶ ସେଠୀ (୨୫) ଓ ଗୁରୁତର ଜଣଙ୍କ ହେଲେ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ଆଶିଷ ସାହୁ(୨୪)। ଆଶିଷ ନିମାପଡ଼ା ମେଡିକାଲ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଗଣେଶ ଓ ଆଶିଷ ବାଇକ୍ ଯୋଗେ କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ରଚିଲୋ ଛକ ନିକଟରେ ଏକ ବସ୍ ତାଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ (ଓଡି ୦୫ ଏଏଫ୍ ୯୧୦୩) ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ (ଓଡି ୦୨ ସିଏକ୍ସ ୮୯୯୦)କୁ ଜବତ କରିଛି। ଘଟଣାସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଅନ୍ତା,୧।୧(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସେବା ସମବାୟ ସମିତିର ୫୪ତମ ବାର୍ଷିକ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ନୀଳକଣ୍ଠ ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ସଭାରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ବିପିନ ପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏରିଆ ଅଫିସର ଅମିୟ କୁମାର ଖୁଣ୍ଟିଆ ଓ ତାପସ ଜେନାଙ୍କ ସମେତ ସମିତିର ବହୁ ସଭ୍ୟ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ହେମନ୍ତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ବିଶେଷକରି ଖରିଫ ଧାନ କିଣା ଉପରେ ଆଲୋଚନା ହୋଇଥିଲା। ସମିତି ମାଧ୍ୟମରେ ନାମ ପଞ୍ଜୀକରଣ କରିଥିବା ଚାଷୀମାନେ କିପରି ସୁଚାରୁରୂପେ ଧାନ ବିକ୍ରି କରିପାରିବେ, ସେନେଇ ଉପସ୍ଥିତ ସଭ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ।

# ଗାଡ଼ି ଧକ୍କାରେ ଯୁବକ ଗୁରୁତର

ବାରଙ୍ଗ,୧।୧(ଲିଙ୍ଗରାଜ ରାଉତ)

ତ୍ରିଶୂଳିଆ ଗ୍ରାମ ମୁଣ୍ଡରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ବୁଧବାର ରାତି ୮ଟାରେ ତ୍ରିଶୂଳିଆ ଗାଁ ମୁଣ୍ଡରେ ବାରଙ୍ଗରୁ ତ୍ରିଶୂଳିଆ ଅଭିମୁଖେ ଯାଉଥିବା ଏକ ବାଇକ୍ (ଓଡି ୦୫ ଏଜେଡ୍ ୮୭୯୩)କୁ ପଛପଟୁ ଏକ ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିଲା। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ସେ ରାସ୍ତାକଡ଼ରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ବାରଙ୍ଗ ଥାନା ସହ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ପୋଲିସ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି।

# ବରଗଡ଼ ରୋଡ୍, ନୂଆପଡ଼ା ରୋଡ୍‌କୁ ଯୋଡ଼ିବ ନୂଆ ରେଳ ଲାଇନ

ଭୁବନେଶ୍ୱର,୧।୧ (ଅନୁରାଧା ମହାରଣା)




ଭାରତୀୟ ରେଳପଥ ଓଡିଶାରେ ଏହାର ପ୍ରମୁଖ ଭିତ୍ତିଭୂମି ସମ୍ପ୍ରସାରଣ ଜାରି ରଖିଛି। ଏହିକ୍ରମରେ ବରଗଡ ରୋଡ୍‌ରୁ ନୂଆପଡା ରୋଡ୍‌କୁ ଯୋଡ଼ିବା ପାଇଁ ନୂତନ ରେଳ ଲାଇନ୍ ନିର୍ମାଣ କରାଯାଉଛି। ୧୩୮.୩୨ କି.ମି. ଦୀର୍ଘ ଏହି ନୂତନ ରେଳ ଲାଇନ୍ ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବା ସହ ରୋଜଗାର ସୃଷ୍ଟି କରିବ। ଏଥିସହ ଉଭୟ ଯାତ୍ରୀ ଓ ପଣ୍ୟ ପରିବହନ କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି। ପୂର୍ବତଟ ରେଳପଥର ସୂଚନାନୁସାରେ, ରେଳ ବୋର୍ଡ ଏହି ପ୍ରକଳ୍ପ ପାଇଁ ୨୦୨୪ ସେପ୍ଟେମ୍ବରରେ ୨୬୨୧.୯୨ କୋଟି ଟଙ୍କା ମଞ୍ଜୁର କରିଥିଲା। ସିଭିଲ ଇଞ୍ଜିନିୟରିଂ ପାଇଁ ୨୧୦୭.୩୦ କୋଟି, ଇଲେକ୍ଟ୍ରିକାଲ ପାଇଁ ୩୦୫.୫୫ କୋଟି ଏବଂ ସିଗ୍‌ନାଲ ଓ ଟେଲିକମ୍ ଇଞ୍ଜିନିୟରିଂ ପାଇଁ ୨୦୯.୦୭ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ବିନାମୂଲ୍ୟରେ ଜମି ଯୋଗାଇଦେବା ସହ ୩୦୦ କୋଟି ଟଙ୍କା ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିଲେ।

ନୂତନ ରେଳ ଲାଇନ୍ ବରଗଡ଼ ରୋଡ୍‌ରୁ ନୂଆପଡ଼ା ରୋଡ୍ ପର୍ଯ୍ୟନ୍ତ ବିଦ୍ୟୁତ୍‌କରଣ ସହ ବ୍ରଡ୍‌ଗେଜ୍(ବିଜି) ମେନ୍ ଲାଇନ ହେବ। ଏହା ପଦ୍ମପୁର ଦେଇ ଏକ ବିକଳ୍ପ କ୍ଷୁଦ୍ର ମାର୍ଗ ସୃଷ୍ଟି କରିବ ଏବଂ ଝାରସୁଗୁଡା-ବିଳାସପୁର-ରାୟପୁର ବ୍ୟସ୍ତବହୁଳ ମାର୍ଗର ବିକଳ୍ପ ଭାବେ ପରିଗଣିତ ହେବ। ସମ୍ବଲପୁର-ଝାରସୁଗୁଡ଼ା-ରାୟପୁର ମାର୍ଗ ତୁଳନାରେ ୫୩ କି.ମି. ଏବଂ ସମ୍ବଲପୁର-ଟିଟିଲାଗଡ-ରାୟପୁର ମାର୍ଗ ତୁଳନାରେ ୮୭ କି.ମି. ଦୂରତା ହ୍ରାସ କରି ପଣ୍ୟ ପରିବହନ ସହ ଯାତ୍ରୀଙ୍କ ଶୀଘ୍ର ତଥା ସୁଗମ ଗମନାଗମନରେ ସହାୟକ ହେବ। ଏହି ପ୍ରକଳ୍ପରେ ୧୩ ଷ୍ଟେଶନ ରହିବ, ଯେଉଁଥିରେ ୨ଟି ଷ୍ଟେଶନ ଥିବାବେଳେ ୧୧ଟି ନୂତନ ଷ୍ଟେଶନ ରହିଛି। ପ୍ରସ୍ତାବିତ ଆଲାଇନ୍‌ମେଣ୍ଟ ଓ ଷ୍ଟେଶନଗୁଡ଼ିକ ମଧ୍ୟରେ ବର୍ତ୍ତମାନର ବରଗଡ ରୋଡ୍ ଷ୍ଟେଶନ ସହ ନୂତନ ଭାବେ ନିର୍ମାଣ ହେବାକୁ ଥିବା ୬.୪୯୫ କି.ମି. ବିଶିଷ୍ଟ ସରସରା ଲାଇନ୍, ୧୭.୪୪ କି.ମି. ବିଶିଷ୍ଟ ଡୁମରପାଲି ଲାଇନ୍, ୨୬.୯୭ କି.ମି.ର ବିଜେପୁର ଲାଇନ୍, ୪୦.୧୮୫ କି.ମି.ର ବଡ଼ପାଲି ଲାଇନ୍, ୫୮.୯୨୫ କି.ମି. ବିଶିଷ୍ଟ ଧଉରାମୁଣ୍ଡା ଲାଇନ୍, ୭୨.୪୪୫ କି.ମି.ର ପଦମପୁର ଲାଇନ୍, ୮୭.୩୬୫ କି.ମି. ବିଶିଷ୍ଟ ଭଗବତପୁର ଲାଇନ୍, ୯୪.୯୮ କି.ମି. ବିଶିଷ୍ଟ ମାଝିପଲି ଲାଇନ୍, ୧୦୬.୧୧ କି.ମି. ବିଶିଷ୍ଟ ପାଇକମାଳ ରୋଡ୍ ଲାଇନ୍, ବରତୁଣ୍ଡା ଲାଇନ୍, ୧୧୨.୨ କି.ମି.ର ଅଁଳାଝୁବା ଓ ବର୍ତ୍ତମାନର ୧୩୮.୩୨ କି.ମି. ବିଶିଷ୍ଟ ନୂଆପଡ଼ା ରୋଡ୍ ଲାଇନ୍ ରହିଛି।

# ନାଳ ଖୋଳି ଅଧାପନ୍ତରିଆ ଛାଡ଼ିଦେଲେ

## ଯନ୍ତ୍ରୀ, ଠିକାଦାରଙ୍କ ଅବହେଳା

- ବିନା ସୂଚନାଫଳକରେ ଚାଲିଛି କାମ
- କପିଳେଶ୍ୱର, ଭୀମଟାଙ୍ଗୀବାସୀ ହନ୍ତସନ୍ତ

ପୁରୁଣା ଭୁବନେଶ୍ୱର,୧।୧ (ସୁବାସ ଚନ୍ଦ୍ର ପ୍ରଧାନ)

ନୂତନ ସରକାରଙ୍କ ପକ୍ଷରୁ ଦୁର୍ନୀତିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଏଭଳି ବିଭିନ୍ନ ସଭାସମିତିରେ ବିଧାୟକ ଓ ମନ୍ତ୍ରୀ ଘୋଷଣା କରିଥିଲେ ମଧ ଏକାମ୍ର ନିର୍ବାଚନମଣ୍ଡଳୀର ସତେଯେମିତି କେତେଜଣ ଯନ୍ତ୍ରୀ ଓ ଠିକାଦାରଙ୍କୁ ଏହା ଲାଗୁ ହେଉନି। ଦୀର୍ଘଦିନ ଧରି ଶ୍ରୀଲିଙ୍ଗରାଜ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଭୁବନେଶ୍ୱର ମହାନଗର ନିଗମ



ଡାକ୍ତରଖାନା ନିକଟ ତରସୁନ୍ଦରୀ ଲେନ୍ ନାଳ ଖୋଳି ଏହି କାର୍ଯ୍ୟ ଠିକାଦାର ଓ ଯନ୍ତ୍ରୀ କରୁ ନ ଥିବା ସ୍ଥାନୀୟ ଲୋକଙ୍କ ପାଇଁ ଦୁର୍ଦ୍ଦଶାର କାରଣ ପାଲଟିଛି। ରାସ୍ତା ଓ ନାଳ ନିର୍ମାଣ ସମୟରେ କେଉଁ ବିଭାଗ ଅଧୀନରେ କେତେ ଅଟକଳ ମୂଲ୍ୟରେ ଏହା କରାଯାଉଛି, ଏସବୁ ତଥ୍ୟ ସମ୍ବଳିତ ଫଳକ ଲଗାଯାଇଥାଏ। ମାତ୍ର ଏଠାରେ ସେଭଳି କୌଣସି ଫଳକ ଲାଗିନାହିଁ କିମ୍ବା ବିଭାଗୀୟ କର୍ମଚାରୀ ରହୁନାହାନ୍ତି। ଅଧିକାଂଶ ସମୟରେ ରାତିଅଧରେ ଠିକାଦାର କାର୍ଯ୍ୟ କରୁଛନ୍ତି। ଅଧାପନ୍ତରିଆ କାର୍ଯ୍ୟ ଯୋଗୁ କପିଳେଶ୍ୱର ଓ ଭୀମଟାଙ୍ଗୀ ସମେତ ଅନେକ ଲୋକ ଯୋଗାଯୋଗରେ ସମସ୍ୟା ଭୋଗୁଛନ୍ତି। ନାଳ ନିର୍ମାଣ ସ୍ଥାନକୁ ବ୍ୟାରିକେଡିଂ କରାଯାଇନାହିଁ। ଏଣୁ ଅଧିକାଂଶ ସମୟରେ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା କହିଛନ୍ତି, ବିଏମ୍‌ସି ଅବା ପୂର୍ତ୍ତ ବିଭାଗ ଅଧିକାରୀ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ଆମ ସମୟରେ ଆମେ ଜନପ୍ରତିନିଧି ଭାବେ ୱାର୍ଡ କାର୍ଯ୍ୟ ନିଜେ ତଦାରଖ କରୁଥିଲୁ ବୋଲି ସମର୍ଥା କହିଛନ୍ତି।

**ପାତ୍ରପଡ଼ା ବିଜୟୀ**

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ): କୁରାଡମଲ୍ଲ ମା' ବାଉତି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଥିଲା ଚତୁର୍ଥ ଦିବସ । ଦେଉଳଟାଙ୍ଗୀ ଓ ପାତ୍ରପଡ଼ା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦେଉଳଟାଙ୍ଗୀ ଦଳ ବ୍ୟାଟିଂ କରି ୧୨ଓଭର ଖେଳି ୯ ଉଇକେଟ ହରାଇ ୯୭ ରନ୍ କରିଥିଲା । ଜବାବରେ ବିପକ୍ଷ ଦଳ ୧୨ ଓଭର ଖେଳି ୪ ଉଇକେଟ୍ ହରାଇ ୯୮ ରନ୍ କରି ବିଜୟୀ ହେଇଥିଲା । ସାହିଲ କୁମାର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ମୁଖ୍ୟଅତିଥି ଭାବେ କୁରାଡମଲ୍ଲ ସରପଞ୍ଚ ଶ୍ରୀରାମପ୍ରସାଦ ମହାନ୍ତି, କାଇପଦର ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ସମାଜସେବୀ ପ୍ରସନ୍ନ ସାମନ୍ତରାୟ ଓ ଗୋପିନାଥ ମହାରଥୀ ଯୋଗଦେଇଥିଲେ ।

## ସଂକ୍ଷେପରେ

### ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ ତରେଇ



କୃଷ୍ଣପ୍ରସାଦ,୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଯୁବ ସଙ୍ଗଠକ ଉତ୍ତମ କୁମାର ତରେଇଙ୍କୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ବିଧାୟିକା ଉପାସନା ମହାପାତ୍ରଙ୍କ କୃଷ୍ଣପ୍ରସାଦ ବ୍ଲକ ପ୍ରତିନିଧି ଭାବେ ନିଯୁକ୍ତି ମିଳିଛି । ଲୋକପ୍ରିୟ ଦିବଂଗତ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଏକାନ୍ତ ଅନୁଗତ ଭାବେ ଜଣାଶୁଣା ତରେଇଙ୍କ ଉପରେ ବିଧାୟିକା ଆସ୍ଥା ପ୍ରକଟ କରିଥିବାରୁ ଉତ୍ତମଙ୍କ ଶୁଭେଚ୍ଛୁ ଓ ଅଞ୍ଚଳବାସୀ ଏଥିନିମନ୍ତେ ବିଧାୟିକାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ସେ ଉଦ୍ୟମ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି ।

### ପ୍ରାତଃଭ୍ରମଣରେ ଯାଇ ଛାତ୍ର ନିଖୋଜ

ଖୋର୍ଦ୍ଧା,୧।୧(ପ୍ରଭାତ ପାଣିଗ୍ରାହୀ)

ଶିଶ୍ଵାଞ୍ଚଳ ଥାନା ଅଧୀନ ଗଡ଼ହଳଦିଆ ଗ୍ରାମପଞ୍ଚାୟତ ବଘେଇଟାଙ୍ଗୀ ଗ୍ରାମର ଦଣ୍ଡପାଣି ସାହୁଙ୍କ ପୁଅ ତଥା ଦଶମ ଶ୍ରେଣୀ ଛାତ୍ର ଶୁଭମ୍ ଶୁଭରଞ୍ଜନ(୧୬) ଗତ ଡିସେମ୍ବର ୨୨ରୁ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ସେ ପ୍ରାତଃଭ୍ରମଣରେ ଯାଇ ଆଉ ଘରକୁ ଫେରିନାହାନ୍ତି । ଏନେଇ ପୋଲିସ ଏକ ନିଖୋଜ ମାମଲା (ନଂ.୩୦୨/୨୪) ରୁଜୁକରି ତଦନ୍ତ ଜାରି ରଖିଛି । ଅଭିଯୋଗ ଅନୁଯାୟୀ, ସମ୍ପ୍ରତି ଦଣ୍ଡପାଣିଙ୍କ ପରିବାର ଗଡ଼ଖୋର୍ଦ୍ଧାରେ ରହୁଛନ୍ତି । ତାଙ୍କ ପୁଅ ଶୁଭମ୍ ଡିସେମ୍ବର ୨୨ ସକାଳ ୬ଟାରେ ଘରୁ ପ୍ରାତଃ ଭ୍ରମଣରେ ବାହାରି ଯାଇଥିଲେ । ତେବେ ସେ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଦଣ୍ଡପାଣିଙ୍କ ପରିବାର ସଦସ୍ୟ ଶୁଭମ୍‌ଙ୍କ ଫଟୋ ଧରି ଚାରିଆଡ଼େ ଘୂରିବୁଲୁଛନ୍ତି । କୌଣସି ବ୍ୟକ୍ତି ତାଙ୍କର ସନ୍ଧାନ ପାଇଲେ ଦଣ୍ଡପାଣିଙ୍କ ମୋବାଇଲ ନଂ.୯୩୩୭୫୫୪୭୮୯/୯୮୬୧୧ ୪୧୬୪୬ରେ କିମ୍ବା ସ୍ଥାନୀୟ ପୋଲିସକୁ ଜଣାଇବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି । ସମ୍ପୃକ୍ତ ଛାତ୍ରଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଯାଇଥିବା ପୋଲିସ କହିଛି ।

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ବାଣପୁର,୧।୧(ଦିଲୀପ କୁମାର ସ୍ୱାଇଁ)

ହାତୀ ଆକ୍ରମଣରେ ବୁଧବାର ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ବାଣପୁର ପଞ୍ଚାୟତ ସମିତି ଅଧୀନ ଦାମିଆବରବରା ପଞ୍ଚାୟତ ସିଲିଙ୍ଗିପଡ଼ା ଗ୍ରାମର ବୁଦ୍ଧି ପ୍ରଧାନ(୬୨) । ବୁଦ୍ଧି ନିଜ ବାରିପଟକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ । ହାତୀକୁ ଦେଖି ସେ ଜୀବନ ବିକଳରେ କିଛି ବାଟ ଦୌଡ଼ି ଯାଇ ନିକଟ ଏକ ଗଛରେ ଚଢ଼ି ଯାଇଥିଲେ । ହାତୀଟି ଗଛ ନିକଟକୁ ଯାଇ ଶୁଣ୍ଢ ସାହାଯ୍ୟରେ ବୁଦ୍ଧିଙ୍କୁ ଆକ୍ରମଣ କରିଥିଲା । ଫଳରେ ଗଛର ଡାଳ ଆଘାତରେ ବୁଦ୍ଧିଙ୍କ ବାମପଟ ହାତର ପାପୁଲି ଓ ଆଙ୍ଗୁଠି ଆଘାତପ୍ରାପ୍ତ ହୋଇଛି । ବୁଦ୍ଧିଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଣପୁର ଡାକ୍ତରଖାନରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

# ଚିଲିକା ବୁଲିଲେ, ମା' କାଳିଜାଈଙ୍କୁ ଦର୍ଶନ କଲେ

ବାଲୁଗାଁ/କୃଷ୍ଣପ୍ରସାଦ,୧।୧ (ସଂଗ୍ରାମ ପାଇକରାୟ/ କୈଳାସ ଚନ୍ଦ୍ର ପଟ୍ଟନାୟକ)



ନୂଆବର୍ଷ ଉପଲକ୍ଷେ ବୁଧବାର ସମଗ୍ର ଚିଲିକା ଚଳଚଞ୍ଚଳ ହୋଇଉଠିଛି । ଏହି ଅବସରରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ପର୍ଯ୍ୟଟକ ଚିଲିକା ବୁଲିବା ସହ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଈଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ । ନୌବିହାର, ବିଦେଶାଗତ ରଙ୍ଗବେରଙ୍ଗ ପକ୍ଷୀଙ୍କ ଜଳକ୍ରୀଡ଼ା ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିଥିଲା । ବାଲୁଗାଁ ଚିଲିକାକୁଳ ଜେଟି ଏବଂ ବରକୁଲ ପାନ୍ଥନିବାସରୁ ସରକାରୀ ଲଞ୍ଚ୍ ଏବଂ ଘରୋଇ ଯନ୍ତ୍ରଚାଳିତ ଡଙ୍ଗା ଦ୍ୱାରା ପର୍ଯ୍ୟଟକମାନେ ଚିଲିକା ଭ୍ରମଣ କରି ମଜା ଉଠାଇଥିଲେ । ବାଲୁଗାଁସ୍ଥିତ କାଳିଜାଈ ବୋଟ୍ ଆସୋସିଏଶନ, ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ, ବରକୁଳଠାରେ ମା' କାଳିଜାଈ ଡଙ୍ଗା ମାଲିକ ସଂଘ ଏବଂ ଓଟିଡିସି ପକ୍ଷରୁ ଲଞ୍ଚ୍ ଓ ଡଙ୍ଗାର ବ୍ୟବସ୍ଥା ହୋଇଥିଲା । ନୌଯାତ୍ରାବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ନିମିତ୍ତ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଜେଟି ଏବଂ ବରକୁଳ ପାନ୍ଥନିବାସଠାରେ ପୋଲିସ କର୍ମଚାରୀ ଜଳଯାତ୍ରା ଉପରେ କଡ଼ା ନଜର ରଖିଥିଲେ । ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ମିଶାଇ ମୋଟ ୮ଟି ଟିମ୍ ସ୍ୱତନ୍ତ୍ର ବୋଟ୍ ଯୋଗେ ଚିଲିକା ଜଳରାଶିରେ ଅହରହ ପଇଁତରା ମାରୁଥିଲେ । ଗତବର୍ଷ ତୁଳନାରେ ଚଳିତବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ୧୫ ପ୍ରତିଶତ ବୃଦ୍ଧି ପାଇଥିବା ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କର ପ୍ରକାଶ କରିଛନ୍ତି । କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୀଠ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଜାନୁଆରୀ ୧୪ରେ ମା'ଙ୍କ ପୀଠରେ ମକରମେଳା ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ । ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚିଲିକା ବ୍ୟତୀତ ମା' ନାରାୟଣୀ ପୀଠ, ମା' ଭଗବତୀ, ଶାଳିଆ ଡ୍ୟାମ୍ ଏବଂ ବରବରା ଜଙ୍ଗଲସ୍ଥିତ ମା' ବିରଜାଈ ଓ ମା' ତାରିଣୀ ପୀଠ, ସାତପଡ଼ା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାଗର ଶ୍ରୀକ୍ଷେତ୍ର ଚକାନାସି, ଶ୍ରୀ କମଳେଶ୍ୱର ଦେବ, ଶ୍ରୀ ନୀଳକଣ୍ଠେଶ୍ୱର, ତ୍ରିଲୋଚନେଶ୍ୱର, ତ୍ରୟମ୍ବକେଶ୍ୱର, ଜଗତେଶ୍ୱରଙ୍କ ପୀଠରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ନାଚଗୀତରେ ନୂଆବର୍ଷକୁ ସ୍ୱାଗତ, ମନ୍ଦିରରେ ପୂଜାର୍ଚ୍ଚନା

ଜଟଣୀ,୧।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହର ଓ ଆଖପାଖ ଅଞ୍ଚଳରେ ଲୋକେ ଇଂରାଜୀ ନବବର୍ଷକୁ ବେଶ୍ ଆନନ୍ଦ ଉଲ୍ଲାସର ସହ ସ୍ୱାଗତ କରିଛନ୍ତି । ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଜଟଣୀର ବିଭିନ୍ନ କ୍ଲବ, ସଙ୍ଗଠନ ଏବଂ ଚର୍ଚ୍ଚ ପକ୍ଷରୁ ଜିରୋ ନାଇଟ୍ ଆୟୋଜନ କରାଯାଇଥିଲା । ନାଚଗୀତର ତାଳେ ତାଳେ ରଙ୍ଗବେରଙ୍ଗର ବାଣ ଫୁଟାଇ ଜିରୋ ନାଇଟ୍ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା । ନୂଆବର୍ଷରେ ବୁଧବାର ସକାଳୁ ବିଭିନ୍ନ ମନ୍ଦିରରେ ଲୋକେ ପୂଜାର୍ଚ୍ଚନ କରି ବର୍ଷତମାମ୍ କିପରି ଭଲରେ ଅତିବାହିତ ହେବ ତଥା ନିଜ ପରିଜନଙ୍କ ମଙ୍ଗଳ ମନାସିଥିଲେ । କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସେହିପରି ସେଲିବ୍ରେଶନ ଲାଗି କିଣାକିଣି କରିବାକୁ ଲୋକେ ମିଠା ଓ ଫୁଲ ଦୋକାନ ସମେତ ଆମିଷ ଦୋକାନଗୁଡ଼ିକରେ ଭିଡ଼ ଜମାଇଥିଲେ । ନୂଆବର୍ଷ ବୁଧବାର ପଡ଼ିଥିବାରୁ ଆମିଷ ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷୀରେ ଜଟଣୀ ସୀତାରାମ ଛକସ୍ଥିତ ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ, ଖୋର୍ଦ୍ଧାରୋଡ୍ ଶାଖା ପକ୍ଷରୁ ଅନୁଷ୍ଠାନର ସଭାପତି ଭୈରବ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ନୂଆବର୍ଷ ବନ୍ଧୁମିଳନର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗତ କଲ୍ୟାଣ ଏବଂ ନୂତନ ବର୍ଷ ଭଲରେ କଟିବା ପାଇଁ ପ୍ରାର୍ଥନା କରାଯିବା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀ ତଥା ଅନୁଷ୍ଠାନର ସମ୍ପାଦକ ବି.ଆର୍. ମହାନ୍ତି, ବିଜୟ କୁମାର ମହାନ୍ତି, ସୁରେନ୍ଦ୍ର ନାୟକ, ଗଙ୍ଗାଧର ଦାସ, ପ୍ରଦୀପ୍ତ କୁମାର ପଟନାୟକ, ସୂର୍ଯ୍ୟନାରାୟଣ ପାଢ଼ୀ, ସୌଦାଗର ମହାନ୍ତି, ଅରୁଣ ମହାନ୍ତି, ଅବନୀ ମାଝି, ପୀତବାସ ସାହୁ, ଜଗଦୀଶ ଦାସ, ସୁବାସ ଡାକୁଆ, ଅଶୋକ ମହାରଣା, ନୀଳମଣି ଭୂୟାଁ ପ୍ରମୁଖ ଯୋଗଦେଇଥିଲେ । ବି.ଆର୍. ମହାନ୍ତି ଧନ୍ୟବାଦ ଦେଇଥିଲେ । ଏ ଅବସରରେ ସ୍ଥାନୀୟ ଅଞ୍ଚଳରେ ପଡ଼ିରହିଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା ।

# ମନ୍ଦିର, ପର୍ଯ୍ୟଟନସ୍ଥଳରେ ଭିଡ଼



ବରୁଣେଇ ପୀଠରେ ପର୍ଯ୍ୟଟକ ବୁଲାବୁଲି କରୁଛନ୍ତି ।

ଖୋର୍ଦ୍ଧା୧।୧(ପ୍ରଭାତ ପାଣିଗ୍ରାହୀ)

ଇଂଲିଶ୍ ନୂଆବର୍ଷର ପ୍ରଥମ ଦିନ ବୁଧବାର ଠାକୁରଙ୍କ ଦର୍ଶନ ସହ ପରିବାରର ମଙ୍ଗଳ କାମନା ପାଇଁ ଖୋର୍ଦ୍ଧା ଜିଲାର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଖୋର୍ଦ୍ଧାର ପ୍ରମୁଖ ଶୈବପୀଠ ଶ୍ରୀଧବଳେଶ୍ୱର, ଶ୍ରୀଲୋକେଶ୍ୱର, ସିଦ୍ଧେଶ୍ୱର, ଓମ୍‌କାରେଶ୍ୱର, ଚନ୍ଦ୍ରଶେଖର, ତାରକେଶ୍ୱର, ଲକ୍ଷ୍ମୀନାରାୟଣ, ରାଧାବଲ୍ଲଭ, ଶ୍ରୀରାମଙ୍କ ମନ୍ଦିର ସମେତ ଅଟ୍ରିସ୍ଥିତ ଶ୍ରୀଏକାଦଶ ରୁଦ୍ର ହଟ୍ଟକେଶ୍ୱର, ଗୋଡ଼ା ଲୋକନାଥ, ହରିପୁରଶାସନର ପଶ୍ଚିମାଶମ୍ଭୁ ପ୍ରତାପେଶ୍ୱର, ମା' ଭଗବତୀ, ଉଗ୍ରତାରା, ରାମଚଣ୍ଡୀ, ମହାପ୍ରଭୁଙ୍କ ଲୀଳାକ୍ଷେତ୍ର କାଙ୍କଣ ଶିଖରୀ ଆଦି ପୀଠରେ ଭକ୍ତଙ୍କ ଗହଳି ଲାଗିରହିଥିଲା ।

ସେହିପରି ବରୁଣେଇରେ ମା'ଙ୍କ ଆଶୀର୍ବାଦ ସହ ସପରିବାର, ସାଙ୍ଗସାଥିଙ୍କ ଗହଣରେ ଚାଲିଥିଲା ବଣଭୋଜିର ଆସର । ଖୋର୍ଦ୍ଧା ସମେତ ନୟାଗଡ଼, କଟକ, ପୁରୀ, ଭୁବନେଶ୍ୱର, କଟକ ପ୍ରଭୃତି ଅଞ୍ଚଳରୁ ଲୋକଙ୍କ ସମାଗମ ହୋଇଥିଲା । ଏକାଧିକଙ୍କ ବନ୍ଧୁମିଳନ ଉତ୍ସବ ଚାଲିଥିଲା । ବରୁଣେଇରେ ପ୍ରାୟ ୫୦ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ଜଣାପଡିଛି । ସେହିପରି ମା' ଉଗ୍ରତାରା ଓ ରାମଚଣ୍ଡୀ ପୀଠରେ ମଧ୍ୟ ବଣଭୋଜି ଆୟୋଜନ ହୋଇଥିଲା । ପରସ୍ପରକୁ ନୂତନ ବର୍ଷ ଶୁଭେଚ୍ଛା ଜଣାଇ ସେଲ୍ଫି ନେଇଥିଲେ । ଧବଳେଶ୍ୱର ମନ୍ଦିର କମିଟି ସଦସ୍ୟ ଜିତେନ୍ଦ୍ର ସାହୁ କହିଛନ୍ତି, ମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଉଗ୍ରତାରା ପୀଠ ସେବକ ଯୁଧିଷ୍ଠିର ସାମନ୍ତରାୟ କହିଛନ୍ତି, ଭକ୍ତମାନେ ଲମ୍ବାଧାଡିରେ ଆସି ପୂଜାର୍ଚ୍ଚନା କରିଥିଲେ । ହଟ୍ଟକେଶ୍ୱର ପୀଠ ସେବାୟତ ଦିଲୀପ ପଣ୍ଡା କହିଛନ୍ତି, ଭୋର୍‌ରୁ ନୀତି କରାଯାଇ ସକାଳ ୭ଟାରେ ବାଳଭୋଗ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ମଧ୍ୟାହ୍ନରେ ଠାକୁରଙ୍କ ଅନ୍ନ ଭୋଗ ଲାଗି କରାଯାଇ ଅପରାହ୍ନରେ ପହଡ଼ କରାଯାଇଥିଲା । ଅପରାହ୍ନ ୩ଟାରେ ପହଡ଼ ଖୋଲିବା ପରେ ସିଂହାର କରାଯାଇ ସନ୍ଧ୍ୟା ଆଳତି, ଭୋଗ ଲାଗି ପରେ ରାତ୍ର ପହଡ଼ ହୋଇଥିଲା । ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ କରି ସମସ୍ତ ପ୍ରସ୍ତୁତି କରାଯାଇଥିଲା । ଚିଲିକାର ନୈସର୍ଗିକ ପ୍ରାକୃତିକ ପରିବେଶ ଏବଂ ପକ୍ଷୀଙ୍କ ସମାଗମ ଉପଭୋଗ କରିବାକୁ ରାଜ୍ୟ ତଥା ବାହାରୁ ଶତାଧିକ ପର୍ଯ୍ୟଟକଙ୍କ ଭିଡ ଜମିଥିଲା । ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ବିଭିନ୍ନ କ୍ଲବ, ସାମାଜିକ ଅନୁଷ୍ଠାନ ପକ୍ଷରୁ ବାଣ ଫୁଟାଇ, କେକ କାଟି ନୂତନ ବର୍ଷକୁ ସ୍ୱାଗତ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ ।

## ଆମିଷ ବର୍ଜନ କରି ନୂଆବର୍ଷ ପାଳିଲେ

କୃଷ୍ଣପ୍ରସାଦ,୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ଅଞ୍ଚଳବାସୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଏକ ଭିନ୍ନ ଶୈଳୀରେ ନବବର୍ଷକୁ ସ୍ୱାଗତ ଜଣାଇଛନ୍ତି । ଆମିଷ ଓ ତାମସିକ ଖାଦ୍ୟ ବର୍ଜନ କରି ଦୁଆର ମୁହଁରେ ଶୁଭ କଳସ ସ୍ଥାପନ କରିଥିଲେ । କୃଷ୍ଣପ୍ରସାଦ ଦଳବେହେରା ସାହିସ୍ଥିତ ଶ୍ରୀ ଗାଦିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମାର୍ଫତ୍‌ଦାର ପ୍ରଦୀପ କୁମାର ଜେନା, କର୍ତ୍ତା ସଞ୍ଜୟ କୁମାର ଜେନା, ଗ୍ରାମ କମିଟି ସଭାପତି ରାଜକିଶୋର ଦଣ୍ଡସେନାଙ୍କ ନେତୃତ୍ୱରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଥିଲା । ସେହିପରି ସାନଅଁଳ, ଚିଛିଣି, ଖଟିଆକୁଦି, ଇପିଙ୍ଗ ବାଉରିପଲି, ସିଆଳ, ମାଲୁଦ, ବଜ୍ରକୋଟ, ରାମଲେଙ୍କା, ସିପିଆ, ନୂଆପଡ଼ା, ଜହ୍ନିକୁଦା ଆଦି ଗ୍ରାମରେ ଭୋର୍ ସମୟରୁ ଆରମ୍ଭହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ଚାଲିଥିଲା । ସେହିଭଳି ଗ୍ରୀନ୍ ପାରିକୁଦ ସଙ୍ଗଠନ ପକ୍ଷରୁ ଆବାହକ ପରିବେଶବିତ୍ ହିମାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ଗୁରୁକୁଳ ଆଶ୍ରମ ଟୁବୁକା ପରିସରରେ ବୃକ୍ଷ ପୂଜନ ଓ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ନିମନ୍ତ୍ରିତ ଅତିଥି ଭାବେ ସାମାଜିକ କର୍ମୀ କାଳୁ ଚରଣ ପଲେଇ, ବିଷ୍ଣୁ ଚରଣ ବେହେରା, ବିଦ୍ୟାଧର ପଲେଇ ଯୋଗଦେଇଥିଲେ । ସଙ୍ଗଠନର ବରିଷ୍ଠ ସଦସ୍ୟା ଅମିତା ତରେଇ, ମନୋଜ କୁମାର ଜେନା, ମୀନାରାଣୀ ସାହୁ, ପ୍ରଭାତୀ ପାହାଣ, ନକୁଳ ସୁନ୍ଦରା ପ୍ରମୁଖ ସହଯୋଗ କରିଥିଲେ ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ସ୍ନେହ ମିଳନ




କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଉଦ୍‌ବୋଧନ ଦେଉଛନ୍ତି ।

ଖୋର୍ଦ୍ଧା,୧।୧(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ଗୋଡିପୋଖରୀସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ଇଂଲିଶ୍ ନବବର୍ଷ ଅବସରରେ ଏକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଂଚାଳିକା ଅନୁରାଧାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବବର୍ଷ ଶୁଭେଚ୍ଛା ଜଣାଇଥିଲେ । ସ୍ନେହ ବାଣ୍ଟିଲେ ସ୍ନେହ ମିଳିବ । ତେଣୁ ପରସ୍ପର ମଧ୍ୟରେ ସ୍ନେହ ଓ ଶ୍ରଦ୍ଧାଭାବ ରଖିବାକୁ ସେ ପରାମର୍ଶ ଦେଇଥିଲେ । ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାଶ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ନାବାର୍ଡର ପୂର୍ବତନ ଏଜିଏମ୍ ନନ୍ଦନନ୍ଦନ ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବ୍ରହ୍ମାକୁମାର ଜୟକୃଷ୍ଣ ଓ ବ୍ରହ୍ମାକୁମାରୀ ଗୌରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ବିଭିନ୍ନ ସେବାକେନ୍ଦ୍ର ଓ ପାଠଶାଳାରୁ ଆସିଥିବା ଏକାଧିକ ବ୍ରହ୍ମାକୁମାର ଓ କୁମାରୀ ଯୋଗଦେଇବିଶ୍ୱଶାନ୍ତିପାଇଁପ୍ରାର୍ଥନାକରିଥିଲେ ।

## ହାଇୱା ପଛରେ ପିଟିହେଲା କାର୍, ୩ ଗୁରୁତର

ଯାଁଳା,୧।୧(ବୁଲା ବାରିକ)

୧୬ ନଂ. ଜାତୀୟ ରାଜପଥ ଯାଁଳା ଓଭରବ୍ରିଜ୍ ଉପରେ ବୁଧବାର ଅପରାହ୍ନ ୩ଟା ସମୟରେ ଏକ ହାଇୱା ପଛରେ କାର୍ ପିଟି ହୋଇଛି । ଫଳରେ ୩ ଜଣ ଗୁରୁତର ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ଭୋଳା ଶଙ୍କର ମାଝୀ ଓ ପ୍ରବୀଣ କୁମାର ରାଓ ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିନାହିଁ । ସୂଚନା ଅନୁଯାୟୀ, ଏକ କାର୍‌ରେ ୪ ଜଣ ଯୁବକ ମଙ୍ଗଳବାର ରାତିରେ ବ୍ରହ୍ମପୁରରୁ ପୁରୀ ଯାଇଥିଲେ । ବୁଧବାର ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ସାରିବା ପରେ ବ୍ରହ୍ମପୁର ଫେରୁଥିଲେ । କାର୍‌ଟି ଯାଁଳା ଓଭରବ୍ରିଜ ଉପରେ ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲା । ଫଳରେ କାର୍‌ଟି ଗୋଟିଏ ପାର୍ଶ୍ୱରୁ ଆସି ଅନ୍ୟ ପାର୍ଶ୍ୱରେ ଥିବା ଲୁହା ଡିଭାଇଡରରେ ପିଟି ହୋଇଯାଇଥିଲା । କାରର ସମ୍ମୁଖ ଅଂଶ ଓ ଉପର ଛାତ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଇନ୍‌ଫୋସିଟି ଥାନାକୁ ଖବର ଦେଇଥିଲେ । ପୋଲିସ ଆହତଙ୍କୁ ଚିକିତ୍ସା ପାଇଁ ଏମ୍ସ ଡାକ୍ତରଖାନାକୁ ପଠାଇଥିଲା । ଦୁର୍ଘଟଣା ଯୋଗୁ ପ୍ରାୟ ଘଣ୍ଟାଏ କାଳ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

# ବିଲରେ ଗଜା ଅମଳ ଧାନକୁ ଦଳି ନଷ୍ଟ କଲେ ହାତୀ

ବେଗୁନିଆ,୧।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ସିକୋ ଏବଂ ଶଗଡ଼ଭଙ୍ଗା ପଞ୍ଚାୟତରେ ଚାଷୀମାନେ ଧାନ ଅମଳ କରି ଘରକୁ ଆଣିପାରି ନ ଥିବାବେଳେ ଲଘୁଚାପ ବର୍ଷାରେ ଧାନ ବିଲରେ ଗଜା ହୋଇଯାଇଥିଲା । ଏହାପରେ ହାତୀପଲ ସେହି କ୍ଷେତରେ ପଶି ଧାନ ଖାଇବା ସହି ଦଳିଚକଟି ନଷ୍ଟ କରିଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଧାନ କାଟି ଘରକୁ ଆଣିବା ପୂର୍ବରୁ ଲଘୁଚାପ ବର୍ଷା ଚାଷୀଙ୍କ ଉପରେ ଦାଉ ସାଧିଥିଲା । ଅନେକେ ଧାନ କାଟି କଳେଇ କରି ରଖିଥିଲେ । ବର୍ଷା ଯୋଗୁ ବିଲରେ କଟା ହୋଇ ନ ଥିବା ଧାନଗଛ ଏବଂ କଳେଇ ଗଦାରେ ପାଣି ପଶି ଧାନସବୁ ଗଜା ହୋଇଯାଇଥିଲା । ଲଘୁଚାପଜନିତ ବର୍ଷା କ୍ଷୟକ୍ଷତି ଯୋଗୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଏବେ ହାତୀପଲଙ୍କ ଉପଦ୍ରବ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ସିକୋ ଗ୍ରାମର ପଦ୍ମଚରଣ ମାର୍ଥାଙ୍କ ପ୍ରାୟ ୪ ଏକରରୁ ଉର୍ଦ୍ଧ୍ୱ ଜମିର ଧାନ ଗଜା ହୋଇଯାଇଥିବାବେଳେ ତାକୁ ହାତୀ ଦଳି ନଷ୍ଟ କରିଦେଇଛନ୍ତି । ସମ୍ପୃକ୍ତ ଗ୍ରାମର ବୈକୁଣ୍ଠ ସ୍ୱାଇଁ, ଅପର୍ତ୍ତି ବାହୁବଳେନ୍ଦ୍ର, ଲଡୁ ସ୍ୱାଇଁ, ସୁକାନ୍ତ ସାମନ୍ତରାୟ ଏବଂ ବିନୋଦ ଚନ୍ଦ୍ର ସ୍ୱାଇଁଙ୍କ ଏବଂ ଶଗଡ଼ଭଙ୍ଗା ଗ୍ରାମର ରାଉଳ ସେନାପତି ଏବଂ ବିଜୟ କୁମାର ସାମନ୍ତରାୟଙ୍କ ଏକର ଏକର ଜମିର ଧାନ ଗଜା ହୋଇଯାଇଥିବାବେଳେ ହାତୀପଲ ଦଳିମକଚି ନଷ୍ଟ କରିଦେଇଛନ୍ତି । ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି ।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଫେରାର

ବାଲୁଗାଁ,୧।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ପୋଲିସ ବୁଧବାର ଚଢ଼ାଉ କରି ବେଆଇନ ଭାବେ ଚାଲାଣ ହେଉଥିବା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛି । ତେବେ ସମ୍ପୃକ୍ତ ଡ୍ରାଇଭର ଫେରାର ହୋଇଯାଇଛନ୍ତି । ଏନେଇ ପୋଲିସ ନଂ.୧/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଚୋରା ମାଙ୍କଡ଼ା ପଥର ଚାଲାଣକାରୀଙ୍କ ଉପରେ କଡ଼ା ନଜର ରଖିଥିଲା । ଅପରାହ୍ନ ପ୍ରାୟ ୪ଟାରେ ବେଆଇନ ଭାବେ ପଥର ଚାଲାଣ ହେଉଥିବା ଏକ ଟ୍ରକ୍ (ଓଡି ୦୨ଡକ୍ଯୁ ୦୧୩୦)କୁ ପାଟ୍ରୋଲିଂ ଟିମ୍ ନାଭାଲ ଛକ ନିକଟରେ ଧରିଥିଲା ।

# ଖବରଦାତାଙ୍କୁ ହତ୍ୟା ଧମକ

ଖୋର୍ଦ୍ଧା,୧।୧(ପ୍ରଭାତ ପାଣିଗ୍ରାହୀ)

**■ ଖଣି ଚୋରି ଖବର ପରିବେଷଣ ଘଟଣା**

ଖୋର୍ଦ୍ଧା ତହସିଲ ଅଧୀନ କୁମାରବସ୍ତ ମୌଜାରେ ସରକାରୀ ଜମିରୁ ବେଧଡ଼କ ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ ଚାଲିଛି । ଏ ନେଇ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହାକୁ ନେଇ ଖଣି ମାଫିଆମାନେ ଆକ୍ରୋଶମୂଳକ ମନୋଭାବ ରଖି ଖବରଦାତାଙ୍କୁ ଟାର୍ଗେଟ କରୁଛନ୍ତି । ବୁଧବାର ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ତଥା ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ) ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଖଣିମାଫିଆ ଧମକ ଦେଇଥିବା ଖୋର୍ଦ୍ଧା ଶିଶ୍ଵାଞ୍ଚଳ ଥାନାରେ ଅଭିଯୋଗ ହୋଇଛି । ଖବରଦାତା ପ୍ରକାଶଙ୍କ ପରିବାର ପକ୍ଷରୁ ଏ ସଂକ୍ରାନ୍ତରେ ଏତଲା ଦିଆଯାଇଛି ।

ଅଭିଯୋଗ ଅନୁଯାୟୀ, ପ୍ରକାଶ ତାଙ୍କ ପରିବାର ସହ ନିଜ ପୈତୃକ ଗ୍ରାମ କୁମାରବସ୍ତର ମା' ଭୁଆସୁଣୀ ମନ୍ଦିର ପ୍ରାଙ୍ଗଣରେ ନବବର୍ଷ ଉପଲକ୍ଷେ ଏକ ଭୋଜି ଆୟୋଜନ କରୁଥିଲେ । ଏହି ସମୟରେ ସେହି ଗ୍ରାମର ରିଟୁ ପାଟଶାଣୀ ଓ ତାଙ୍କ ସହଯୋଗୀ ହଠାତ୍ ପହଞ୍ଚି ଚୋରା ଖଣି କାରବାର ସମ୍ପର୍କିତ ଖବର ପରିବେଷଣକୁ ନେଇ ପ୍ରକାଶଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବାବେଳେ ସେଠାରେ ଉପସ୍ଥିତ ଥିବା ତାଙ୍କ ସ୍ତ୍ରୀ ଏବଂ ପରିବାର ସଦସ୍ୟ ପ୍ରତିରୋଧ କରିଥିଲେ । ଏଥିରେ ରିଙ୍କୁ ଓ ତାଙ୍କ ସହଯୋଗୀମାନେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ । ଏ ସଂକ୍ରାନ୍ତରେ ପ୍ରକାଶ ଶିଶ୍ଵାଞ୍ଚଳ ଥାନାକୁ ଜଣାଇଥିଲେ । ପୋଲିସ ପହଞ୍ଚି ତଦନ୍ତ କରିଥିଲା । ପରେ ପ୍ରକାଶଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ତୁରନ୍ତ ମାମଲା ରୁଜୁ ସହ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଦାବି ହୋଇଛି । ଥାନାଧିକାରୀ ଗାୟତ୍ରୀ ମିଶ୍ର କହିଛନ୍ତି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷରେ କିଛିଦିନ ତଳେ ଏକ ସାମ୍ବାଦିକ ସଂଘ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଖବରଦାତାଙ୍କ ସୁରକ୍ଷା ଏବଂ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଖୋର୍ଦ୍ଧା ପୋଲିସ ଏହାକୁ କାର୍ଯ୍ୟକାରୀ ଦିଗରେ ତତ୍ପରତା ଦେଖାଉ ବୋଲି ଓୟୁଡବ୍ଲୁଜେ କର୍ମକର୍ତ୍ତା ଦାବି କରିଛନ୍ତି ।

# ମା' ଭଗବତୀ ୱାରିୟର୍ସ ଚାମ୍ପିୟନ

**ଗୋଲବାଇ ପ୍ରିମିୟର ଲିଗ୍ କ୍ରିକେଟ**

ନିରାକାରପୁର,୧।୧ (ମାନସ ଚନ୍ଦ୍ର ପଟ୍ଟନାୟକ)




ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି ।

ଖୋର୍ଦ୍ଧା ଜିଲା ଗୋଲବାଇ ପଞ୍ଚାୟତରେ ଥିବା ମା' ଭଗବତୀ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ତୃତୀୟ ବାର୍ଷିକ ଗୋଲବାଇ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ବୁଧବାର ଇଂଲିଶ ନବବର୍ଷରେ ଅନୁଷ୍ଠିତ ହୋଇଯାଇଛି । ମହାଦେବ ଫାଇଟର୍ସକୁ ହରାଇ ମା' ଭଗବତୀ ୱାରିୟର୍ସ ଚାମ୍ପିୟନ ହୋଇଛି । ମହାଦେବ ଫାଇଟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା । ଜବାବରେ ମା' ଭଗବତୀ ୱାରିୟର୍ସ ୧୨.୩ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୧୩୨ ରନ୍ ସଂଗ୍ରହକରି ବିଜୟୀ ହୋଇଛି । ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଖବରଦାତା ସଂଘ ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ଖବରଦାତା ଉମେଶ ପଟ୍ଟନାୟକ, ସାମାଜିକ କର୍ମୀ ରମାକାନ୍ତ ଜେନା, ଯୁବ ସଙ୍ଗଠକ ବିଶାଦୀପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଗୌରବ ପ୍ରସାଦ ଦାସ, ସନ୍ତୋଷ କୁମାର ଶ୍ରୀଚନ୍ଦନ, ମନୋଜ କୁମାର ଦାସ, ଗୌତମ କୁମାର, ପ୍ରସାଦ ଦାସ, ଉମେଶ ଦାସ ଏବଂ କମିଟିର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଅଶୋକ କୁମାର ସାହୁ ଏବଂ ଅଭିଷେକ କଳସ ଖେଳ ପରିଚାଳନା କରିଥିଲେ । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ହେମନ୍ତ ବଳିୟାରସିଂ, ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଜୀବନଜ୍ୟୋତି ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶୃଙ୍ଖଳିତ ସଭ୍ୟ ଭାବେ ସତ୍ୟବାନ୍ ଶ୍ରୀଚନ୍ଦନ ଏବଂ ଲିପୁ ମହାପାତ୍ର ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ । କାହ୍ନୁ ଚରଣ ପରିଡ଼ା ଧନ୍ୟବାଦ ଦେଇଥିଲେ ।

**କଟକ ସଦର ବ୍ଲକ ଅଧକ୍ଷାଙ୍କୁ ସମ୍ବର୍ଦ୍ଧନା**

କଟକ ସଦର,(ସୁଶାନ୍ତ କୁମାର ଜେନା): ନବବର୍ଷ ଅବସରରେ କଟକ ସଦର ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ସଂଘ ସଭାପତି ରତ୍ନାକର ରାଉତ, ସମ୍ପାଦକ ଅଶୋକ ପାତ୍ର, ସୁମିତ୍ରା ଗୋଛାୟତ, ସୋନାଲି ପ୍ରଧାନ, ବନମାଳା ବିହାରୀ, ଶିଶିର ରାଉତ, ରାକେଶ ବେହେରା, ପୀତାମ୍ବର ଦାସ, ରବୀନ୍ଦ୍ର ପ୍ରଧାନ, ଶିବଶଙ୍କର ମଲ୍ଲିକ, ସମିତି ସଭ୍ୟ ସନ୍ତୋଷ କୁମାର ରାଉତ, ସଭ୍ୟା ସସ୍ମିତା ଦାଶ, ବିଡିଓ ପ୍ରତୀକ କୁମାର ସାହୁ, କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗତିରାଉତ ପାଟଣାସ୍ଥିତ ବ୍ଲକ ଅଧକ୍ଷାଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଭୋଜି, ଠାକୁର ଦର୍ଶନରେ କଟିଲା ଦିନ

କଟକ,୧ା୧(ଶିଲ୍ପା ପ୍ରିୟଦର୍ଶିନୀ)


ନୂଆବର୍ଷ ଅବସରରେ କଟକଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।

ନୂଆବର୍ଷର ପ୍ରଥମ ଦିନକୁ କଟକ ସହରବାସୀ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ମଙ୍ଗଳବାର ମଧ୍ୟରାତ୍ରିରେ ଜିରୋନାଇଟ୍‌ରୁ ନୂଆବର୍ଷକୁ ସ୍ୱାଗତ କରିବା ସହ ପ୍ରିୟଜନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବୁଧବାର ସକାଳେ ଶ୍ରଦ୍ଧାଳୁମାନେ ମନ୍ଦିର ଯାଇ ଠାକୁର ଦର୍ଶନ କରିବା ସହ ପରିବାରର ମଙ୍ଗଳକାମନା କରି ପୂଜାର୍ଚ୍ଚନା କରିଥିଲେ। କଟକଚଣ୍ଡୀ ମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର ସମେତ ଅନ୍ୟାନ୍ୟ ଶକ୍ତିପୀଠ ଓ ଚର୍ଚ୍ଚରେ ଭିଡ଼ ଲାଗିଥିଲା। ବୁଧବାର ଆମିଷ ବାରରେ ନୂଆବର୍ଷ ପଡିଥିବାରୁ ଲୋକମାନେ ହାଡିଆପଠା, ବାଲିଯାତ୍ରା ପଡିଆ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭୋଜି କରି ସାଙ୍ଗସାଥୀ ଓ ପରିବାର ଲୋକଙ୍କ ସହିତ ଦିନ କାଟିଥିଲେ। ଏହାକୁ ଦୃଷ୍ଟିରେ ରଖି ସହରର ଅନେକ ଆମିଷ ଦୋକାନରେ ଭିଡ଼ ଦେଖିବାକୁ ମିଳିଥିଲା। କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ମଧ୍ୟ ଦର୍ଶକଙ୍କ ଗହଳି ଲାଗିଥିଲା। ଅପରପକ୍ଷରେ ଯୁବପିଢି ସୋସିଆଲ ମିଡିଆରେ ବନ୍ଧୁମାନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏପରି କି ବିଭିନ୍ନ କାର୍ଯ୍ୟାଳୟ ଓ ଅନ୍ୟସ୍ଥାନରେ ଲୋକମାନେ ଫୁଲତୋଡ଼ା ଦେବା ସହ ମିଠା ଖୁଆଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଅପରାହ୍ନରେ ଯୁବଗୋଷ୍ଠୀ ସିଲ୍‌ଭରସିଟି ବୋଟ୍ କ୍ଲବ, ଯୋବ୍ରା ପାର୍କ, ନୌବାଣିଜ୍ୟ ସଂଗ୍ରହାଳୟ, ବାରବାଟୀ ଦୁର୍ଗ, ନରାଜ ହିଲ୍ ଟପ୍ ଭଳି ବିଭିନ୍ନ ସ୍ଥାନ ବୁଲି ଭରପୂର ମଜା ଉଠାଇଥିଲେ। କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ନୂଆବର୍ଷର ପ୍ରଥମ ଦିନରେ ବେଶ୍ ଭିଡ଼ ଜମିଥିଲା। ମଙ୍ଗଳବାର ୨୦୨୪ ଶେଷ ଦିନରେ ୧୨୦୯ ଜଣ ପର୍ଯ୍ୟଟକ ଆସିଥିବାବେଳେ ୮୦, ୪୯୦ ଟଙ୍କା ଆୟ ହୋଇଥିଲା। ସେହିପରି ୨୦୨୫ ପ୍ରଥମ ଦିନରେ ସଂଗ୍ରହାଳୟକୁ ୧୪୬୭ ଜଣ ପର୍ଯ୍ୟଟକ ଆସିଥିବାବେଳେ ୭୬,୫୦୦ ଟଙ୍କା ଆୟ ହୋଇଥିବା ନେଇ ସଂଗ୍ରହାଳୟର ଆସିଷ୍ଟାଣ୍ଟ କ୍ୟୁରେଟର ପବିତ୍ର ମୋହନ ପ୍ରଧାନ କହିଛନ୍ତି।

ନୂଆବର୍ଷରେ ଫୁଲ ବ୍ୟବସାୟ ଜମିଛି। ସକାଳୁ ସକାଳୁ ବ୍ୟବସାୟୀ ଭଳିକି ଭଳି ଫୁଲତୋଡା ପ୍ରସ୍ତୁତ କରି ଦୋକାନ ଆଗରେ ପସରା ମେଲାଇ ବସିଥିଲେ। ବିଭିନ୍ନ ଫୁଲ ମଧ୍ୟରେ ଗୋଲାପର ଚାହିଦା ଅଧିକ ଥିଲା। ଗୋଟିଏ ନାଲି ଗୋଲାପ ଦର ୩୦ ଟଙ୍କା ଓ ରଙ୍ଗିନ ଗୋଲାପ ଦର ୪୦ ଟଙ୍କା ରହିଥିଲା। ଫୁଲ ବୁକେ ଦର ୧୫୦ରୁ ୬୦୦ ଟଙ୍କା ରହିଥିଲା। ଚଳିତବର୍ଷ ଫୁଲ ବ୍ୟବସାୟ ଭଲ ହୋଇଛି। ଗୋଲାପ ଓ ଫୁଲ କୋନ୍ ଅଧିକ ବିକ୍ରି ହୋଇଥିବା ନେଇ କଟକ କଲେଜ ଛକ ଅଞ୍ଚଳର ଫୁଲ ବ୍ୟବସାୟୀ ବସନ୍ତ ବେହେରା କହିଛନ୍ତି।

## ଦେବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ନିଶ୍ଚିନ୍ତକୋଇଲି,୧ା୧(ଅଶୋକ କୁମାର ମହାପାତ୍ର):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ବିଭିନ୍ନ ସ୍ଥାନରେ ମନ୍ଦିର ନବବର୍ଷରେ ଉତ୍ସବମୁଖର ହୋଇଥିଲା। ଏଥିସହ ମଙ୍ଗଳବାର ରାତିରୁ ବିଭିନ୍ନ କ୍ଲବ ଓ ହୋଟେଲରେ ନବବର୍ଷକୁ ସ୍ୱାଗତ ଜଣାଇବା ଲାଗି ଲୋକଙ୍କ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥିଲା। ବୁଧବାର ସକାଳୁ ଦେବଦେବୀ ପୀଠ ଓ ପାର୍କରେ ଲୋକଙ୍କ ଭିଡ଼ ଯେତିକି ହୋଇଥିଲା, ତାହାଠାରୁ ଅଧିକ କଟକ-ଚାନ୍ଦବାଲି ରାସ୍ତାକଡ଼ରେ ଆମିଷ ନେବା ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥିଲା। ଫଳରେ ଟ୍ରାଫିକ ସମସ୍ୟା ଉପୁଜି ଥିଲା। ଏହି ବ୍ଲକର ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ, ସିଦ୍ଧଦେବୀ ପୀଠ, ହରଚଣ୍ଡୀ ପୀଠ, ଅସୁରେଶ୍ୱର ରଘୁନାଥ ମଠ, ଦଧିବାମନ ଜୀଉ ମନ୍ଦିର, ନିଶ୍ଚିନ୍ତକୋଇଲି ସିଦ୍ଧ ହନୁମାନ ମନ୍ଦିର, ବୁହାଳ ଗୋପୀନାଥ ଜୀଉ ମନ୍ଦିର, ଜିଗ୍ନିପୁର ବଳଦେବ ଜୀଉ ମନ୍ଦିର ସମେତ ପ୍ରମୁଖ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ନବବର୍ଷ ପ୍ରଥମଦିନରେ ବହୁ ଲୋକ ଭୋଜିଭାତ ମଉଜରେ ସମୟ ବିତାଇଛନ୍ତି।


ନୂଆବର୍ଷରେ କଟକ ବାଲିଯାତ୍ରା ତଳପଡିଆରେ ଯୁବତୀମାନେ ଭୋଜି କରୁଛନ୍ତି।

## ସୁଖ, ଶାନ୍ତି ଲାଗି ସ୍ୱତନ୍ତ୍ର ନମାଜ ପାଠ, ପ୍ରାର୍ଥନା

**ତିଗିରିଆ,୧ା୧(ଜାଫର ଖାଁ):** ନୂତନ ବର୍ଷକୁ ସ୍ୱାଗତ ପାଇଁ ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଠାରେ ସ୍ୱତନ୍ତ୍ର ନମାଜ ପାଠ ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟାରେ ଜାମା ମସଜିଦଠାରେ ବିଶ୍ୱରେ ୨୦୨୫ ବର୍ଷ ସୁଖ, ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ସ୍ୱତନ୍ତ୍ର ନମାଜ ପାଠ ତହିଜ୍ଜୁଦ ସାମୂହିକ ପାଠ ମହିଳାପୁରୁଷଙ୍କୁ ମୌଲାନା ସେକ ନାସିରୁଦ୍ଦିନ କରାଇଥିଲେ। ସେହିପରି ସକାଳ ୭ଟାରେ ଗ୍ରାମ୍ୟ କବରସ୍ଥାନଠାରେ ପୁରୁଷମାନେ ଏକତ୍ରିତ ହୋଇ ନିରବ ପ୍ରାର୍ଥନା କରିଥିଲେ।

## ବଡ଼ସିଂହାର ବେଶରେ ଦର୍ଶନ ଦେଲେ ଧବଳେଶ୍ୱର



ଖୁଣ୍ଟୁଣୀ,୧ା୧(ସଚ୍ଚିଦାନନ୍ଦ ପଣ୍ଡା)

ନୂଆବର୍ଷ ପାଇଁ ଚଳଚଞ୍ଚଳ ହୋଇଛି କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ। ଭୋର ୪ଟାରୁ ମନ୍ଦିରର ଦ୍ୱାର ଫିଟାଯିବା ପରେ ନୀତି ପାଳିଆ ତ୍ରିନାଥ ପତ୍ରି ଓ ସହଯୋଗୀ ଭୀମସେନ ପତ୍ରି ଠାକୁରଙ୍କ ସ୍ନାନ, ମଙ୍ଗଳଆଳତି ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ କରି ବଡ଼ସିଂହାର ବେଶରେ ସଜ୍ଜିତ କରିଥିଲେ। ମନ୍ଦିର ଦ୍ୱାରା ଫିଟାଯିବା ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ଯାଇ ଠାକୁର ଦର୍ଶନ କରିଥିଲେ। ବିନା ବ୍ୟାରିକେଡ୍‌ରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଠାକୁର ଦର୍ଶନ କରିଥିବା ନେଇ ଧବଳେଶ୍ୱର ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି। ପୂର୍ବାହ୍ନ ୧୦ଟା ପରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ନେଇ ଦେବୋତ୍ତର ସୁପର ଭାଇଜର ଭବାନୀ ଶଙ୍କର ପଣ୍ଡା ଓ ସାଗର ରଞ୍ଜନ ଦାଶ କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୀଠ ନିକଟରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ ମହାନ୍ତିଙ୍କ ସମେତ ଫୋର୍ସ ମୁତୟନ ହୋଇଥିଲେ।

## ଶବରପଲ୍ଲୀରେ ବିଧାୟକଙ୍କ ନବବର୍ଷ ପାଳନ

ତିଗିରିଆ,୧ା୧(ଜାଫର ଖାଁ)

ତିଗିରିଆ ବ୍ଲକ ପୁରୁଣାତିଗିରିଆ ପଞ୍ଚାୟତର ଜଟିଆ ଶବରପଲ୍ଲୀରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବବର୍ଷ ପାଳନ କରିଛନ୍ତି। ବିଧାୟକ ରାତି ୧୨ ଟାରେ ପହଞ୍ଚି ଶବରପଲ୍ଲୀରେ ଲୋକମାନଙ୍କ ସହ ବସି ନବବର୍ଷ ପାଳନ କରିବା ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପୁରୁଣାତିଗିରିଆ ସରପଞ୍ଚ ପ୍ରତାପ ଜେନା, ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମଙ୍କ ସମେତ ଆଠଗଡ଼ ଓ ତିଗିରିଆର ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ଦଳୀୟ ଶୃଙ୍ଖଳା ମଧ୍ୟରେ ରହି ଲୋକଙ୍କ ପାଇଁ କାମ କରିବାକୁ କର୍ମୀଙ୍କୁ ବିଧାୟକ ସ୍ୱାଇଁ କହିଥିଲେ।

## ହାଇୱା ଧକ୍କାରେ ଶିଶୁକନ୍ୟା ମୃତ, ଉତ୍ତେଜନା


ସମ୍ପୂର୍ଣ୍ଣା ରାଉତ।


ଦୁର୍ଘଟଣା ଘଟାଇଥିବା ହାଇୱା।

କଟକ,୧ା୧(କାର୍ତ୍ତିକ ସାହୁ)

କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ ନିକଟବର୍ତ୍ତୀ ରିଂବନ୍ଧରେ ବୁଧବାର ହାଇୱା ଧକ୍କାରେ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁଳସୀପୁର ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ସସ୍ମିତା ରାଉତଙ୍କ ଝିଅ ସମ୍ପୂର୍ଣ୍ଣା ରାଉତ(୬)। ମଙ୍ଗଳାବାଗ ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଘଟଣାସ୍ଥଳରୁ ଜବତ କରିଛି।

ସୂଚନା ଅନୁସାରେ, ସମ୍ପୂର୍ଣ୍ଣା କିଛିଦିନ ତଳେ ଚୌଦ୍ୱାରରେ ରହୁଥିବା ନିଜ ମାଉସୀ ପୁଷ୍ପିତା ସିହ୍ନାଙ୍କ ଘରକୁ ଯାଇଥିଲେ। ବୁଧବାର ସକାଳ ପ୍ରାୟ ୯ଟାରେ ପୁଷ୍ପିତା, ତାଙ୍କ ସ୍ୱାମୀ ସ୍ୱରୂପ, ଝିଅ ଇତିଶ୍ରୀ(୮) ଓ ଝିଆରୀ ସମ୍ପୂର୍ଣ୍ଣା ଏକ ସ୍କୁଟିରେ ରିଂବନ୍ଧରେ କଟକ ତୁଳସୀପୁର ଯାଉଥିବାବେଳେ ପଛରୁ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ସ୍କୁଟି ଆଗ ଭାଗରେ ଛିଡ଼ା ହୋଇଥିବା ସମ୍ପୂର୍ଣ୍ଣା ହାଇୱା ଆଗକୁ ଛିଟିକି ପଡ଼ିଥିଲେ। ଫଳରେ ହାଇୱା ଚକ ତାଙ୍କ ଉପରେ ମାଡ଼ିଯାଇଥିଲା। ସେଠାରେ ଥିବା ପଥଚାରୀ ତୁରନ୍ତ ସମ୍ପୂର୍ଣ୍ଣାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ସ୍ୱରୂପ ମଧ୍ୟ ହାଇୱାର ଦୁଇ ଚକା ମଝିରେ ପଡ଼ି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହେଲେ ତାଙ୍କର ଗୋଟିଏ ହାତ ଭାଙ୍ଗିଯାଇଛି। ଦୁର୍ଘଟଣାକୁ କେନ୍ଦ୍ରକରି ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ୟସ୍ତବହୁଳ ରିଂବନ୍ଧରେ ଟ୍ରାଫିକ ପୋଲିସ ନ ରହିବା ଏବଂ କଟକଣା ସମୟରେ ଭାରିଯାନ ଚଳାଚଳକୁ ବିରୋଧ କରାଯାଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏନେଇ ପୁଷ୍ପିତା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ହାଇୱା ଚାଳକଙ୍କୁ ଗିରଫ କରିଛି। ସେହିପରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଛି।

## ସଂକ୍ଷେପରେ

### ଚକାପଦା ଭୂତନାଥ ମନ୍ଦିର ଉନ୍ନୟନ ପରିଷଦ ସଭାପତିଙ୍କ ପରଲୋକ

ବାଙ୍କୀ,୧ା୧(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଚକାପଦା ଗ୍ରାମର ଭୂତନାଥ ମନ୍ଦିର ଉନ୍ନୟନପରିଷଦରସଭାପତିପ୍ରସନ୍ନକୁମାର ପଣ୍ଡା (୫୫)ଙ୍କ ବାସଭବନରେ ପରଲୋକ ହୋଇଛି। ତାଙ୍କ ପରଲୋକରେ ଉନ୍ନୟନ ପରିଷଦର ଆବାହକ ଅକ୍ଷୟ କୁମାର ସାମଲ, ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କବି ଲଲାଟେନ୍ଦୁ ପଣ୍ଡା, ପଣ୍ଡିତ ମନୋଜ କୁମାର ରାଉତ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଣ୍ଡା ଜଣେ ସାମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ କନ୍ୟା ଉପସ୍ଥିତ ଥିଲେ।

### ଶ୍ରୀ ଶ୍ରୀ ପତିତପାବନଜୀଉ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

କଟକ,୧ା୧(କାର୍ତ୍ତିକ ସାହୁ)

ଶ୍ରୀ ଶ୍ରୀ ପତିତପାବନଜୀଉ ସାଂସ୍କୃତିକ ପରିଷଦର ୨୭ତମ ବାର୍ଷିକ ଉତ୍ସବ ଓ ଦିବାରାତ୍ର ଭଜନ ସମାରୋହ ଦୋଳମୁଣ୍ଡାଇସ୍ଥିତ ପତିତପାବନଜୀଉ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସ୍ଥାୟୀ ସଭାପତି ରବୀନ୍ଦ୍ର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ, ସାମାଜିକ କର୍ମୀ ଡ. ରଞ୍ଜନ ବିଶ୍ୱାଳ, ଆଇନଜୀବୀ ମନୋଜ ମିଶ୍ର, କର୍ପୋରେଟର ଦୀପ୍ତିମୟୀ ମୂଳିଆ, ଡା. ମନୋରଞ୍ଜନ ମହାପାତ୍ର, ଏସିପି ଶାଶ୍ୱତ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ମନ୍ଦିର ଟ୍ରଷ୍ଟି ବ୍ରଜକିଶୋର ପ୍ରଧାନ, ଗୁରୁ ଏ. ମହେଶ୍ୱର ରାଓ, ଗୁରୁ ଆଶାମୁକୁନ୍ଦ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ବରଦାକାନ୍ତ ମହାନ୍ତି ଅତିଥି ପରିଚୟ, ସମ୍ପାଦକ ଅଶୋକ କୁମାର ବେହେରା ବିବରଣୀ ପାଠ, ଆଇନ ଉପଦେଷ୍ଟା ବାମଦେବ ବରାଳ ସଭା ପରିଚାଳନା ଓ କାର୍ଯ୍ୟକାରୀ ସଭାପତି ଇଂ. ସିଦ୍ଧାର୍ଥ ବେହେରା ଧନ୍ୟବାଦ ଦେଇଥିଲେ। ଉଦ୍‌ଘୋଷକ ଜ୍ୟୋତିପ୍ରକାଶ ମିଶ୍ର ଓ ନୀରଦ ଆର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଷଦର ଭିକାରି ବେହୁରା, ନାରାୟଣ ମହାନ୍ତି, ଦେବେନ୍ଦ୍ର ସାହୁ, ଇଂ. ସତ୍ୟଜିତ୍ ମାରାଣ୍ଡି ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାରୁ ଫୁଟ୍‌ବଲ୍ କ୍ଲବ୍ ଚାମ୍ପିୟନ


ଚାମ୍ପିୟନ ଟ୍ରଫି ସହ ମାରୁ ଫୁଟବଲ କ୍ଲବ୍‌ର ଖେଳାଳିମାନେ।

**ଫୁଟ୍‌ବଲ୍ ଟୁର୍ନାମେଣ୍ଟ**

କଣ୍ଟାପଡ଼ା,୧ା୧(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅଧୀନ ଗୁପ୍ତମାଣିକା (ବରାହୀପୁର) ଖେଳପଡିଆରେ ୪୨ ତମ ବରାହୀପୁର ଏକ ଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲା। ଫାଇନାଲ ମ୍ୟାଚ୍‌ରେ ଦହିଗାଁ ଫୁଟ୍‌ବଲ୍ ଟିମ୍‌କୁ ୨-୧ ଗୋଲରେ ହରାଇ କଟକର ମାରୁ ଫୁଟ୍‌ବଲ୍ କ୍ଲବ୍ ଚାମ୍ପିୟନ ହୋଇଛି। ଜଗଦୀଶ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଛବି ମଲିକ, ମୁଖ୍ୟବକ୍ତା ଶରତ ପାଢ଼ୀ, ସମ୍ମାନିତ ଅତିଥି ଭାବେ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଯୋଗଦେଇ ବିଜୟୀ ଓ ରନର ଅପ୍ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବ୍‌ର ଉପଦେଷ୍ଟା ବିଷ୍ଣୁ ନାୟକ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ସତ୍ୟ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ରହ୍ମାନନ୍ଦ ଦାସ, ସଞ୍ଜୀବ ଦାସ, ଚିତ୍ତରଞ୍ଜନ ପ୍ରଧାନ, କୀର୍ତ୍ତିରଞ୍ଜନ ସ୍ୱାଇଁ ଓ ଲକି ହେମ୍ବ୍ରମ ରେଫରି ଦାୟିତ୍ୱ ତୁଲାଇଥିଲେ। ମାରୁ କ୍ଲବର ଅଭିନାଶ ସାମଲ ବେଷ୍ଟ ପ୍ଲେୟର ଓ ଦହିଗାଁର ସଞ୍ଜୟ ଦାସଙ୍କୁ ବେଷ୍ଟ ଗୋଲକିପର ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାଜସ୍ୱ ପର୍ଷଦରେ ଅବସର ସମ୍ବର୍ଦ୍ଧନା

କଟକ,୧ା୧(କାର୍ତ୍ତିକ ସାହୁ)

ରାଜସ୍ୱ ପର୍ଷଦର ବରିଷ୍ଠ ସହାୟକ ଲକ୍ଷ୍ମୀପ୍ରସାଦ ପାଣି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ପର୍ଷଦର ସମ୍ମିଳନୀ କକ୍ଷରେ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପାଣିଙ୍କୁ ରାଜସ୍ୱ ପର୍ଷଦର ସଚିବ ଆଶିଷ ଠାକ୍‌ରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜଣେ ଦାୟିତ୍ୱବାନ ଅଧିକାରୀ ଭାବେ ପାଣି ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କର କର୍ତ୍ତବ୍ୟନିଷ୍ଠା ନୂତନ କର୍ମଚାରୀଙ୍କ ପାଇଁ ଅନୁକରଣୀୟ ହେବ ବୋଲି ଠାକ୍‌ରେ କହିଥିଲେ। ସେହିପରି ପାଣିଙ୍କ ଅବସରକାଳୀନ ଜୀବନ ସୁଖୀ ଓ ନିରାମୟ ହେଉ ବୋଲି ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀବୃନ୍ଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଥ ପରାମର୍ଶଦାତା ସୁବ୍ରତ ଶତପଥି, ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକୋରା, ସଞ୍ଜିତା ଦାସ, ଅତିରିକ୍ତ ସଚିବ ସରୋଜ କୁମାର ସାହୁ, ଯୁଗ୍ମ ସଚିବ ବରେନ୍ଦ୍ରନାଥ ଧଳ, ଅନିତା ପାତ୍ର, ଦେବାଶିଷ ପଟ୍ଟନାଏକ, ଜଗଦୀଶ ପଟ୍ଟନାଏକ, ତୁଷାର କୁମାର ପ୍ରଧାନ, ଗୋପାଳକୃଷ୍ଣ ଦାସଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପଞ୍ଚାୟତର ବିକାଶଧାରାକୁ ତ୍ୱରାନ୍ୱିତ କରାଯିବ

ମାହାଙ୍ଗା,୧ା୧ (ଯଯାତି ସିଂହ)

**ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ନବବର୍ଷରେ ବନ୍ଧୁମିଳନ**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜେ. ଏନ୍. କଲେଜ ପରିସରରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ନବବର୍ଷରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ପଦଯାତ୍ରାରେ ହଜାର ହଜାର କର୍ମୀଙ୍କ ଗହଣରେ ସଭାସ୍ଥଳରେ ପହଞ୍ଚି ଉଦ୍‌ବୋଧନ ଦେଇଥିଲେ। ପଞ୍ଚାୟତଗୁଡ଼ିକରେ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ବିଧାୟକ ପ୍ରଧାନ ସଂକଳ୍ପ ନେଇଥିଲେ। ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରୁ କର୍ମୀମାନଙ୍କର ଲମ୍ବା ଧାଡ଼ି ଲାଗି ରହିଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷା କନକଲତା ବେହେରା, ପୂର୍ବତନ ସରପଞ୍ଚ ଅଶୋକ କୁମାର ବିଶ୍ୱାଳ, ଅଜୟ କୁମାର ନାୟକ, ଅଖିଳେଶପଦ ମହାନ୍ତି, ଡ. ଅଶୋକ କୁମାର ରାଉତ, ସାମାଜିକ କର୍ମୀ ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ନାରୀ ନେତ୍ରୀ ଯାଜ୍ଞସେନୀ ଜେନା, ରବୀନ୍ଦ୍ର ତ୍ରିପାଠୀ, ଜିତେନ୍ଦ୍ର ମହାନ୍ତି, ଆଇନଜୀବୀ ଉମେଶ କୁମାର ଭଞ୍ଜ, ରମେଶ ସ୍ୱାଇଁ, ଯୁବନେତା ଦେବଦତ୍ତ କର, ଡ. ବିଜୟ ରାଉତ, ସନ୍ଦୀପ ସାମନ୍ତରାୟ, ଜିତେନ୍ଦ୍ର ପଣ୍ଡା, ଅଭିନନ୍ଦନ ଖଟୁଆ, ମନୋଜ କୁମାର ନାଥ, ତାରାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ବିଧାୟକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ସମସ୍ତ ପଞ୍ଚାୟତରୁ ଆସିଥିବା ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଧାୟକ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସୁରେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

## 'ଆଧ୍ୟାତ୍ମିକ ପଥରେ ଗଲେ କଲ୍ୟାଣ ହେବ'

କଟକ,୧ା୧(କାର୍ତ୍ତିକ ସାହୁ)



ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ମିଶ୍ରଙ୍କୁ ବିଷ୍ଣୁଚରଣ ଜେନା ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।

**ରାମକୃଷ୍ଣ କୁଟିରରେ କଳ୍ପତରୁ ଉତ୍ସବ**

ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ୧୨୨ତମ କଳ୍ପତରୁ ଉତ୍ସବ କଟକ ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟିରରେ ବୁଧବାର ପାଳିତ ହୋଇଯାଇଛି। ସ୍ୱାମୀ ଗୁରୁକୃପାନନ୍ଦ ଗିରି ଉତ୍ସବକୁ ଉଦ୍‌ଘାଟନ କରି ଆଧ୍ୟାତ୍ମିକ ପଥରେ ଗଲେ ନିଜର ତଥା ସମାଜର କଲ୍ୟାଣ ହେବ ବୋଲି କହିଛନ୍ତି। ମୁଖ୍ୟବକ୍ତା ଅଧ୍ୟାପକ ସର୍ବେଶ୍ୱର ସାହୁ ସମାଜ ଉପରେ ରାମକୃଷ୍ଣଙ୍କ ବାଣୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ରବିନାରାୟଣ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ମିଶ୍ରଙ୍କୁ ବିଷ୍ଣୁଚରଣ ଜେନା ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସହତତ୍ତ୍ୱାବଧାରକ ଲକ୍ଷ୍ମୀନାରାୟଣ ଦାଶ ମାନପତ୍ର ପାଠ କରିଥିଲେ। କୁଟିରର ଉପସଭାପତି ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସହସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଗୋକୁଳାନନ୍ଦ ପଟ୍ଟନାୟକ ବିବରଣୀ ପାଠ ଓ ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧିବାସ କୀର୍ତ୍ତନକୁ ସଭାପତି ପଦ୍ମନାଭ ସାମଲ ଓ ଭଜନ ସମାରୋହକୁ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରିୟରଞ୍ଜନ ମହାପାତ୍ର, ଡ. ଓଁକାର ରାଉତ, ଦିଲୀପ ଦାସ, ପ୍ରଶାନ୍ତ ଜେନା, ଅଭୟ ରାଉତ, ଚିତ୍ତରଞ୍ଜନ ଦାଶ, ମିଳନ ବଡୁଙ୍କ ସମେତ କୁଟିରର ଅନ୍ତେବାସୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧।୧।୨୦୨୫

| | |
|---|---|
| ୧୦,୯୪,୦୭୪ ଟଙ୍କା | |
| ସୁନା | ୦.୩୦୦ ଗ୍ରାମ୍ |
| ରୁପା | ୩୩.୫୦୦ ଗ୍ରାମ୍ |

# ନବବର୍ଷରେ ପର୍ଯ୍ୟଟନସ୍ଥଳୀ ଲୋକାରଣ୍ୟ

କୋଣାର୍କ,୧।୧(ଜ୍ୟୋତିରାଜ ମହାନ୍ତି)

**ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ, ଗମନାଗମନ ବାଧାପ୍ରାପ୍ତ**

ଇଂରାଜୀ ନବବର୍ଷ ଅବସରରେ କୋଣାର୍କ ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠ ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଛି। କୋଣାର୍କଠାରେ ଏନ୍ଏସି ପକ୍ଷରୁ ନିଜସ୍ୱ ପାର୍କିଂ ସ୍ଥାନ ନ ଥିଲାବେଳେ ବେଆଇନ ଭାବେ ୪ଚକିଆ ଓ ୨ଚକିଆ ଯାନ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ରଖୁଛନ୍ତି। ଫଳରେ ନବବର୍ଷ ଅବସରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେହିପରି ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପର୍ଯ୍ୟଟକମାନେ ଗାଡ଼ି ରଖିବା ଯୋଗୁ ଗୁରୁତର ଭାବେ ଟ୍ରାଫିକ୍ ସମସ୍ୟା ଉପୁଜୁଛି।

କୋଣାର୍କ ଥାନା, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା, ଚନ୍ଦ୍ରଭାଗା ଟୁରିଷ୍ଟ ଥାନା ଓ ରାମଚଣ୍ଡୀ ଥାନାଗୁଡ଼ିକରେ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ କୌଣସି ସ୍ୱତନ୍ତ୍ର ଟ୍ରାଫିକ୍ ପୋଲିସ ନିୟୋଜିତ ହୋଇ ନ ଥିବା ବେଳେ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ବିଫଳ ହୋଇଥିବା ପର୍ଯ୍ୟଟକମାନେ ସେମାନଙ୍କ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ନବବର୍ଷ ଅବସରରେ ସୂର୍ଯ୍ୟମନ୍ଦିର ଓ ଇଣ୍ଡିଆନ ଅଏଲ୍ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ କେନ୍ଦ୍ର ପରିସରରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସେହିପରି ଚନ୍ଦ୍ରଭାଗା ଓ ରାମଚଣ୍ଡୀ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ବେଳେ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବଣଭୋଜିର ଆସର ଦେଖିବାକୁ ମିଳିଛି। ଏହି ଅବସରରେ ମା' ରାମଚଣ୍ଡୀଙ୍କ ପୀଠରେ ପର୍ଯ୍ୟଟକମାନେ ପୂଜାର୍ଚ୍ଚନା କରିବା ସହ ରାମଚଣ୍ଡୀ ମୁହାଣରେ ବୋଟିଂର ମଜା ନେଇଥିଲେ। କୋଣାର୍କ ଏନ୍ଏସି ପ୍ରଶାସନ ପକ୍ଷରୁ ପ୍ରଥମେ ନିଜସ୍ୱ ପାର୍କିଂ ନିର୍ମାଣ କରିବା ପରେ ପାର୍କିଂ ଟେଣ୍ଡର ଆହ୍ୱାନ କଲେ କୋଣାର୍କଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ପର୍ଯ୍ୟଟକପ୍ରେମୀ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ଏହି ଘଟଣାକୁ ଗୁରୁତ୍ୱ ଦେଇ ଜିଲାପାଳ ହସ୍ତକ୍ଷେପକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।



ନବବର୍ଷ ଅବସରରେ କୋଣାର୍କକୁ ବୁଲି ଆସିଥିବା ପର୍ଯ୍ୟଟକ।

# ପୀର ଜାହାନିଆରେ ବର୍ଷର ପ୍ରଥମ ସୂର୍ଯ୍ୟ ଉଦୟ ଦେଖିବାକୁ ଭିଡ଼

କାକଟପୁର/ଅସ୍ତରଙ୍ଗ,୧।୧(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ ଦୀକ୍ଷିତ/ ମମତା ଜେନା)

ନୂଆ ଆଶା ସମ୍ଭାବନା ନୂଆ ଉନ୍ମାଦନା ନେଇ ଆସିଛି ୨୦୨୫। ନବବର୍ଷର ପ୍ରଥମ ସୂର୍ଯ୍ୟ ଉଦୟ ଦର୍ଶନ କରିବାକୁ ରାଜ୍ୟର କୋଣ ଅନୁକୋଣରୁ ଅସ୍ତରଙ୍ଗ ପୀର ଜାହାନିଆ ବେଳାଭୂମିରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ ଧାଡ଼ିରେ ଯାଇ ସମସ୍ତେ ମଙ୍ଗଳାଙ୍କୁ ଦର୍ଶନ କରିଛନ୍ତି। ଯଦିଓ ଏହି ନବବର୍ଷକୁ ଇଂଲିଶ ନବବର୍ଷ ବୋଲି କୁହାଯାଇଥାଏ ତଥାପି ଲୋକେ ଏହାକୁ ବର୍ଷର ଆରମ୍ଭ ହିସାବରେ ଗ୍ରହଣ କରିଥାନ୍ତି। ତେଣୁ ମନ୍ଦିର ଯାଇ ନିଜ ପରିବାର ତଥା ସମାଜର ମଙ୍ଗଳ କାମନା କରିଛନ୍ତି। ମଙ୍ଗଳା ମନ୍ଦିର ସହ ଅସ୍ତରଙ୍ଗ ଅଧିଷ୍ଠାତ୍ରୀ ଦେବୀ ଉଜୁଳେଇ, ତାରିଣୀ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଛି। ବୁଧବାର ନବବର୍ଷ ହୋଇଥିବାରୁ ମା'ମଙ୍ଗଳାଙ୍କ ନିକଟରେ ସ୍ୱତନ୍ତ୍ର ପହିଲି ଭୋଗ ଲାଗି କରାଯାଇଥିଲା। ଅନ୍ୟପଟେ ପୀର ଜାହାନିଆ, ଗଙ୍ଗାଦେବୀଙ୍କ ନିକଟରେ ଅନେକ ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସୁସ୍ୱାଦୁ ଭୋଜନ ସହ ବଣଭୋଜିର ନିଆରା ମଜାନେଇ ନବବର୍ଷ ପାଳନ କରିଥିଲେ।

## ଗ୍ରୋସେରି ଦୋକାନରୁ ଚୋରି

ବଳଙ୍ଗା,୧।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ନୂଆସାହି ଗ୍ରାମରେ ଥିବା ଏକ ଗ୍ରୋସେରି ଦୋକାନ ତାଲା ଭାଙ୍ଗି ଟଙ୍କା ଓ ପାଣିକଲ ଚୋରିକରି ନେଇଥିବା ଜଣାପଡ଼ିଛି। ଏନେଇ ଦୋକାନ ମାଲିକ ଧ୍ରୁବଚରଣ ସେଠୀଙ୍କ ପକ୍ଷରୁ ବୁଧବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଧ୍ରୁବଚରଣ ମଙ୍ଗଳବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳେ ଦୋକାନ ଖୋଲିବାକୁ ଯିବାରେ ଦୋକାନ ତାଲା ଭଙ୍ଗାଯାଇଥିବା ଦେଖିଥିଲେ।

## ନୟାହାଟକୁ ବ୍ଲକ ମାନ୍ୟତା ଦାବି

ଯୋଗେଶ୍ୱରପୁର,୧।୧(ରଶ୍ମିରଞ୍ଜନ ସାହୁ)

ବରିଷ୍ଠ ନାଗରିକ ମଞ୍ଚ, ନୟାହାଟ ବ୍ୟବସାୟୀ ସଂଘ, ବିଭିନ୍ନ ଗଣମାଧ୍ୟମ ସଂଘ ସମେତ ରାଜନୈତିକ ଦଳ ପକ୍ଷରୁ ନୟାହାଟକୁ ବ୍ଲକ୍ ମାନ୍ୟତା ଦାବି କରାଯାଇଛି। ନୟାହାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ନୟାହାଟ ଅଞ୍ଚଳର ୭ଟି ପଞ୍ଚାୟତ ଜନସାଧାରଣ ୧୮ କି.ମି. ଦୂର ଗୋପ ବ୍ଲକ୍ ଉପରେ ନିର୍ଭର କରିଥାନ୍ତି। ଗୋପ ଯିବା ପାଇଁ ପ୍ରତ୍ୟକ୍ଷ ଭାବେ ଗାଡ଼ି ନ ଥିବା ବେଳେ ଚାରିଛକରୁ ଗୋପ ଯିବାକୁ ପଡ଼ିଥାଏ। ଏ ବାବଦରେ ଯିବା ଆସିବା ପାଇଁ ଗାଡ଼ି ଭଡ଼ା ଜଣେ ଲୋକକୁ ୬୦ ଟଙ୍କା ଦେବାକୁ ପଡ଼ିଥାଏ। ନୟାହାଟଠାରେ ଫାଣ୍ଡି, ଜଳସେଚନ ବିଭାଗ, ରେଞ୍ଜର ଅଫିସ, ସ୍ୱାସ୍ଥ୍ୟକେନ୍ଦ୍ର, ପଶୁ ଡାକ୍ତରଖାନା, ରାଜସ୍ୱ ବିଭାଗ ଓ ୪ଟି ବ୍ୟାଙ୍କ, ଡାକ ବିଭାଗ, କଲେଜ, ଟେଲିଫୋନ କେନ୍ଦ୍ର, ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟ ଥିବାବେଳେ ଭୌଗୋଳିକ କାରଣ ଦୃଷ୍ଟିରୁ ବିଭିନ୍ନ ଜିଲାକୁ ଗମନାଗମନର ସୁବିଧା ରହିଛି। ୧୯୫୮ରେ ରାଜ୍ୟରେ ୧୨୪ଟି ବ୍ଲକ୍ ଥିଲା। ୧୯୬୧ରେ ଏହାକୁ ବୃଦ୍ଧି କରାଯାଇ ୨୧୪ ବ୍ଲକ୍ ହେଲା। ୧୯୬୩ରେ ବ୍ଲକ୍ ପୁନର୍ଗଠନ କରାଯାଇ ୩୦୪ ଓ ୧୯୮୪ରେ ବ୍ଲକ୍ ସଂଖ୍ୟା ୩୧୪ରେ ପହଞ୍ଚିଛି। ୨୦୧୭ ମସିହାରେ ରାଜ୍ୟରେ ପଞ୍ଚାୟତର ପୁନର୍ଗଠନ ହୋଇଥିଲା। କିନ୍ତୁ ରାଜ୍ୟ ସରକାର ପ୍ରଶାସନର ବିକେନ୍ଦ୍ରୀକରଣ ପାଇଁ ବଡ଼ ବ୍ଲକ୍‌ଗୁଡ଼ିକୁ ଭାଙ୍ଗି ପୁନର୍ଗଠନ କରିବା ଏକାନ୍ତ ଆବଶ୍ୟକ ରହିଛି।

# ପ୍ରଦୀପ ମହାରଥୀଙ୍କ ସ୍ମୃତିରେ ସ୍ମରଣିକା 'ଅମର ପ୍ରଦୀପ' ଲୋକାର୍ପଣ



ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ସ୍ମୃତିରେ ସ୍ମରଣିକା 'ଅମର ପ୍ରଦୀପ' ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ପିପିଲି,୧।୧(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ସ୍ମୃତିରେ ସ୍ମରଣିକା 'ଅମର ପ୍ରଦୀପ' ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଛି। ଏହି ଅବସରରେ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠରେ ଅନୁଷ୍ଠିତ ସ୍ମରଣିକା ଉନ୍ମୋଚନ ସଭାରେ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଧର୍ମପତ୍ନୀ ଡ. ପ୍ରତିଭା ମହାରଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ବିନାୟକ ରଥ, ମୁଖ୍ୟବକ୍ତା ଭାବେ କୃଷି ଓ ବୈଷୟିକ ବିଭାଗର ଡିନ୍ ଡ. ପି.ଏନ୍. ଜଗଦ୍ଦେବ, ସମ୍ମାନିତ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଶକୁନ୍ତଳା ବଳିଆରସିଂହ, କିଟ୍ କଲେଜ ଯୁକ୍ତ୨ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ପିପିଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପଲ୍ଲବୀ ମହାରଥୀ, ବ୍ରହ୍ମାକୁମାରୀ ଉର୍ମିଳା ଯୋଗଦେଇ ମହାରଥୀଙ୍କ ଲୋକପ୍ରିୟତାକୁ ଭୂୟସୀ ପ୍ରଶଂସା କରିଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା 'ଅମର ପ୍ରଦୀପ' ପୁସ୍ତକଟି ଉନ୍ମୋଚନ ହେବା ସହ ସରସ୍ୱତୀପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ୨୪ନଂ. ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଧାମଣୀ ପ୍ରଧାନଙ୍କୁ 'ପ୍ରଦୀପ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଛି। ତତ୍‌ସହିତ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ୧୦ କୃତୀ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ସହ ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ୍ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ଜିଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ଦେବାଶିଷ ନନ୍ଦ, ରଘୁନାଥ ଜେନା, ଅନ୍ନପୂର୍ଣ୍ଣା ଜେନାଙ୍କ ସମେତ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ବ୍ରହ୍ମାକୁମାରୀ ଲାଡ୍‌ଲୀଙ୍କ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ବାଇକ୍‌କୁ ପିଟିଲା ବସ୍, ଜଣେ ମୃତ

ନିମାପଡ଼ା,୧।୧(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)

ନିମାପଡ଼ା-ପିପିଲି ମୁଖ୍ୟରାସ୍ତାର ରଟିଲୋ ଛକ ନିକଟରେ ବୁଧବାର ରାତିରେ ବସ୍ ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳର ଗଣେଶ ସେଠୀ (୨୫) ଓ ଗୁରୁତର ଜଣଙ୍କ ହେଲେ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ଆଶିଷ ସାହୁ(୨୪)। ଆଶିଷ ନିମାପଡ଼ା ମେଡିକାଲ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ଗଣେଶ ଓ ଆଶିଷ ବାଇକ୍ ଯୋଗେ କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ରଟିଲୋ ଛକ ନିକଟରେ ଏକ ବସ୍ ତାଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଖସି ପଳାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ (ଓଡି ୦୫ ଏଏଫ୍ ୯୧୦୩) ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ (ଓଡି ୦୨ ସିଏକ୍ସ ୮୯୯୦)କୁ ଜବତ କରିଛି। ଘଟଣାସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ମନକୁ ଭଗବାନଙ୍କଠାରେ ନିବଦ୍ଧ କରିବା ହିଁ ପ୍ରାର୍ଥନା



ପୁରୀ,୧।୧(ଅଜିତ୍ କୁମାର ମହାନ୍ତି)

ନୂଆବର୍ଷ ଅବସରରେ ବୁଧବାର ଶରଧାବାଲିସ୍ଥିତ ଦଶଅବତାର ମଠ ସମ୍ମୁଖରେ ଦିବ୍ୟ ଜୀବନ ସଂଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ବିଶ୍ୱ ଶାନ୍ତି ପ୍ରାର୍ଥନା ଦିବସ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଶ୍ରୀମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ, ପରମହଂସ ପ୍ରଜ୍ଞାନାନନ୍ଦ ଗିରି ଯୋଗଦାନ କରି ପ୍ରାର୍ଥନାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପୂଜ୍ୟାମା କହିଥିଲେ, ବର୍ତ୍ତମାନ ବିଶ୍ୱର ଅବସ୍ଥା ଦେଖି ଜଣେ ସଚେତନ ବ୍ୟକ୍ତି ଧୈର୍ଯ୍ୟ ଧରିପାରିବେ ନାହିଁ। ଆମର ଏକମାତ୍ର ବଳ ହେଉଛି ବ୍ୟାକୁଳ ଭାବେ ପ୍ରଭୁଙ୍କୁ ପ୍ରାର୍ଥନା କରିବା। ତାଙ୍କ ବିଶ୍ୱକୁ ସେ ରକ୍ଷା କରନ୍ତୁ। ବିଶ୍ୱରେ ଶ୍ରଦ୍ଧା, ପ୍ରେମ, ଶାନ୍ତି ପ୍ରତିଷ୍ଠିତ ହେଉ। ସମସ୍ତଙ୍କ ପ୍ରତି ଭଲ ପାଇବା ବଢୁ। ତା'ହେଲେ ବିଶ୍ୱ ଶାନ୍ତିମୟ ହେବ। ପ୍ରାର୍ଥନା ହେଉଛି ଭଗବତ ସାନ୍ନିଧ୍ୟ। ମନକୁ ଭଗବତ ଭାବରେ ସଂଯୋଜିତ କରିଦେବା ହିଁ ପ୍ରାର୍ଥନା । ମନକୁ ଭଗବାନଙ୍କ ଠାରେ ନିବଦ୍ଧ କରିବାର ନାମ ପ୍ରାର୍ଥନା। ଭଗବତ ଧ୍ୟାନର ନାମ ପ୍ରାର୍ଥନା । ଭଗବାନଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଦେବା ହିଁ ପ୍ରାର୍ଥନା। ମନ ଓ ଅହଂଭାବକୁ ନୀରବରେ ଭଗବାନଙ୍କ ପାଦରେ ଲୀନ କରାଇ ଦେବାକୁ ପ୍ରାର୍ଥନା କୁହାଯାଏ। ପ୍ରାର୍ଥନା ହେଉଛି ଭଗବାନଙ୍କ ସହିତ ଅହଂ ଚେତନାର ପ୍ରତ୍ୟେକ୍ଷ ଯୋଗ ସୂଚାଉଥିବା ଅତୀନ୍ଦ୍ରିୟ ସ୍ଥିତିର ଏକ ନିଦର୍ଶନ ବୋଲି ସେ ମତବ୍ୟକ୍ତ କରିଥିଲେ। ସଂଘର ସମ୍ପାଦକ ହେମନ୍ତ କୁମାର ପରିଡ଼ା, ବ୍ରହ୍ମଚାରୀ ନୃସିଂହ ଦାସ, ବଳଦେବ ସେନାର ମୁଖ୍ୟ ପୁପୁନ ସ୍ୱାଇଁ, ମନମୋହନ ଦାସ ପ୍ରମୁଖ ପ୍ରାର୍ଥନା ଦିବସ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସାଧୁସନ୍ଥ ଯୋଗଦେଇ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ଦିବ୍ୟ ଜୀବନ ସଂଘ ସହ ପ୍ରଜ୍ଞାନ ମିଶନ ହରିହରାନନ୍ଦ ଗୁରୁକୁଳ ଆଶ୍ରମର ସାଧୁସନ୍ଥ ଉପସ୍ଥିତ ଥିଲେ।

## ଓଡ଼ିଶା ଟି-୧୦ ଟେନିସ୍ କ୍ରିକେଟ ଦଳର ବନାରସ ଯାତ୍ରା

ପୁରୀ, ୧।୧(ଅଜିତ୍ କୁମାର ମହାନ୍ତି)

ବନାରସ ବିଶ୍ୱବିଦ୍ୟାଳୟଠାରେ ଚଳିତ ମାସ ୩ରୁ ୬ତାରିଖ ପର୍ଯ୍ୟନ୍ତ ଜାତୀୟ ଟି-୧୦ ଟେନିସ୍ କ୍ରିକେଟ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ୧୭ ଜଣିଆ ଓଡ଼ିଶା ପୁରୁଷ ଦଳ ଅଂଶଗ୍ରହଣ କରିବ। ଏଥିଲାଗି ବୁଧବାର ଭୁବନାନନ୍ଦ ଛାଟୋଇଙ୍କ ନେତୃତ୍ୱରେ ଓଡ଼ିଶା କ୍ରିକେଟ୍ ଦଳ ପୁରୀଠାରୁ ବନାରସ ଅଭିମୁଖେ ଯାତ୍ରା କରିଛି। ଏହି ଚାମ୍ପିୟନଶିପ୍‌ରେ ବିଭିନ୍ନ ରାଜ୍ୟର ୨୦ଟି ଦଳ ଭାଗ ନେବେ। ଓଡ଼ିଶା ଦଳକୁ ସମ୍ପାଦକ ବ୍ରଜ କିଶୋର ଦାଶ, କୃଷ୍ଣଚନ୍ଦ୍ର ପଣ୍ଡା, ସଭାପତି ବେଣୁଧର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ଦାସ, ହରିହର କର, ରାମକୃଷ୍ଣ ପ୍ରତିହାରୀ, କୃଷ୍ଣଚନ୍ଦ୍ର ଜେନା, ନରସିଂହ ପ୍ରତିହାରୀ, ଅନନ୍ତ ତିଆଡ଼ି, ଜମ୍ବେଶ୍ୱର ସୁବୁଦ୍ଧି, ରଞ୍ଜନ ବର୍ଦ୍ଧନ, ମହେଶ କୁମାର ମଲ୍ଲ, ଲିପ୍ସା ମିଶ୍ର, ସବିତା ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଭୂତକୋଠି ପାଲଟିଛି ଏଏନ୍‌ଏମ୍ ସେଣ୍ଟର

ଯୋଗେଶ୍ୱରପୁର,୧।୧(ରଶ୍ମିରଞ୍ଜନ ସାହୁ)



ନୟାହାଟ ଫାଣ୍ଡି ଅଧୀନ ଦେସ୍ଥଳୀଠାରେ ଥିବା ଏଏନ୍‌ଏମ୍ ସେଣ୍ଟର ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଗଲାଣି। ଦୀର୍ଘ ୫ ବର୍ଷ ହେବ ନିର୍ମାଣ ହୋଇଥିବା ଏଏନ୍‌ଏମ୍ ସେଣ୍ଟରର ନିମ୍ନମାନର କାର୍ଯ୍ୟ ଯୋଗୁ କବାଟ, ଝରକା ସବୁ ଉଇ ଖାଇ ନଷ୍ଟ ହୋଇଗଲାଣି। ଏଏନ୍‌ଏମ୍ ସେଣ୍ଟର ନିର୍ମାଣ ହେବା ଦିନରୁ ଏହା ଖୋଲାଯାଉ ନ ଥିବାବେଳେ ଦିନରାତି ଚାବି ପଡ଼ିରହୁଛି। ଏଠାରେ ନିଯୁକ୍ତ କର୍ମଚାରୀ କେବେ ଏଠାକୁ ଆସନ୍ତିନାହିଁ ବୋଲି ଦେସ୍ଥଳୀ ସରପଞ୍ଚ ରିପ୍ସା ସ୍ୱାଇଁ ପ୍ରକାଶ କରିଛନ୍ତି। ସେଣ୍ଟର ଚତୁଃପାର୍ଶ୍ୱରେ ଅନାବନା ଗଛ ଉଠିବା ସହ କୋଠରିଗୁଡ଼ିକ ସାପଙ୍କ ବାସସ୍ଥାନ ପାଲଟିଲାଣି। ନିର୍ମାଣାଧୀନ କୋଠରିରେ ଏଏନ୍‌ଏମ୍ ସେଣ୍ଟର ବୋଲି ଲେଖାଯାଇନାହିଁ, ଫଳରେ ଦେସ୍ଥଳୀ ପଞ୍ଚାୟତବାସୀ ଆଶୁ ଚିକିତ୍ସା ଅଭାବରୁ ବଞ୍ଚିତ ହେଉଛନ୍ତି ବୋଲି ସରପଞ୍ଚ ସ୍ୱାଇଁ ଅଭିଯୋଗ କରିଛନ୍ତି। ନିଯୁକ୍ତି ପାଇଥିବା କର୍ମଚାରୀ ଏଠାକୁ ନ ଆସିବା ଓ ସେଣ୍ଟର ଖୋଲାଯାଉ ନ ଥିବାରୁ ଦେସ୍ଥଳୀ ଲୋକେ ଅନ୍ୟ କେନ୍ଦ୍ର ଉପରେ ଚିକିତ୍ସା ପାଇଁ ନିର୍ଭର କରୁଥିବା ପଞ୍ଚାୟତ ବିଜେଡି ନେତା ମକରଧ୍ୱଜ ସ୍ୱାଇଁ ପ୍ରକାଶ କରିଛନ୍ତି। ଏ ଦିଗରେ ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ସରପଞ୍ଚ ଦାବି କରିଛନ୍ତି।

# ତୃଣମୂଳସ୍ତରରୁ ଦଳକୁ ମଜଭୁତ ପାଇଁ ଆହ୍ୱାନ

ଡେଲାଙ୍ଗ,୧।୧(ରଶ୍ମିରଞ୍ଜନ ପ୍ରଧାନ)

**ବିଜେଡିର କର୍ମୀ ସମ୍ମିଳନୀ**

ଡେଲାଙ୍ଗ ବ୍ଲକ୍‌ର ସିଂହବ୍ରହ୍ମପୁର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ବିଗତ ଦିନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚାୟତସ୍ତରରେ ପ୍ରତ୍ୟେକ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବା ଓ ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ।

ସେହିପରି ବିଜେଡି ବ୍ଲକ୍ ସଭାପତି ବୈରାଗୀ ଜେନା ବିଭିନ୍ନ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ କରିବା ପାଇଁ ସମସ୍ତେ ଏକଜୁଟ ହୋଇ ହକ୍ ପାଇଁ ଲଢ଼େଇ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ନବବର୍ଷ ଅବସରରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମହାରଥୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏହାସହ ଅଦିନିଆ ବର୍ଷାରେ ଚାଷୀଙ୍କ ଫସଲହାନି ନେଇ ଦୁଃଖ ପ୍ରକାଶ କରିଥିବା ବେଳେ ବିଭିନ୍ନ ଧାନକ୍ଷେତ ମଧ୍ୟ ପରିଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ସରପଞ୍ଚ ରଶ୍ମିତା ବେହେରା, ମାର୍କଣ୍ଡ ମଙ୍ଗରାଜ, ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, ଲଲାଟ କେଶରୀ ସାମନ୍ତରାୟ, ପୂର୍ବତନ ସରପଞ୍ଚ ଭାଗୀରଥି ପ୍ରଧାନ, ସୁଧାକର ମାର୍ଥା, ରୋହିତ ପ୍ରଧାନ, ନାରାୟଣ ସ୍ୱାଇଁ, କିଶୋର ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।

## ବାହାରଣା ନୀଳାଚଳ ସାରସ୍ୱତ ସଂଘର ପ୍ରତିଷ୍ଠା ଦିବସ



ଚାରିଛକ,୧।୧(ଶିଶିର ସ୍ୱାଇଁ)

ଚାରିଛକସ୍ଥିତ ବାହାରଣାଠାରେ ନୀଳାଚଳ ସାରସ୍ୱତ କୁଞ୍ଜର ୪୪ତମ ପ୍ରତିଷ୍ଠା ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୀଳାଚଳ ସାରସ୍ୱତ ସଙ୍ଗଠନ ସଂଯୋଜକ ବ୍ରହ୍ମାନନ୍ଦ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। ମଣିଷ ଭିତରେ କିପରି ଆଧ୍ୟାତ୍ମିକ ଭାବ ବିଚାର ରହିବ ଏହି ପ୍ରତିଷ୍ଠା ଦିବସର ମୂଳଲକ୍ଷ୍ୟ। କାର୍ଯ୍ୟକ୍ରମରେ ବାଗଲପୁରର ହେମନ୍ତ ଭାଇ ଭାବବିନିମୟ କରିଥିବା ବେଳେ ବିଭୁଦତ୍ତ ଲେଙ୍କା, ସମ୍ମାନିତ ଅତିଥି ଭାବେ ବିଜୟ ଭାଇ, ପ୍ରଭୁ ଭାଇ, ଛବି ଭାଇ, ଶରତ ଭାଇ, ପ୍ରଫୁଲ୍ଲ ଭାଇ ଉପସ୍ଥିତ ଥିବାବେଳେ ବାହାରଣା ସଂଘର ସଭାପତି ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୪୪ତମ ପ୍ରତିଷ୍ଠା ଦିବସରେ ସକାଳ ପୂଜା କରିବା ପରେ ୧୦ ଟାରେ ସତ୍‌ସଙ୍ଗ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉତ୍ସବରେ ପ୍ରମେଶ କୁମାର ରାଉତ, ଅଲେଖ ଭାଇ, ସଞ୍ଜୟ ଭାଇ, ବିଜୟ ଭାଇ, ବନମାଳୀ ଭାଇ, ଆଶୁତୋଷ ଭାଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଅସ୍ତରଙ୍ଗ ଅଞ୍ଚଳରେ ୪ରୁ ଊର୍ଦ୍ଧ୍ୱ ଦୁର୍ଘଟଣା

ଅସ୍ତରଙ୍ଗ,୧।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

- ଗୁରୁତର ଅବସ୍ଥାରେ ୩ଜଣ ସ୍ଥାନାନ୍ତର
- ନିଶା ସେବନ ପାଇଁ ଦୁର୍ଘଟଣା

ନବବର୍ଷକୁ ନେଇ ସବୁଠି ଉତ୍ସାହ ଓ ଆନନ୍ଦ। ଅସ୍ତରଙ୍ଗରେ ବୁଧବାର ସନ୍ଧ୍ୟାରେ ୪ଟି ଦୁର୍ଘଟଣା ଘଟିଛି। ଏଥିରେ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ନୂଆଗଡ଼ରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ବିଲୁଆମଣ୍ଡୁଳି ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ୩ ଗୁରୁତର ହେଲେ, ଶରତ ମହାନ୍ତି (୫୫), ବିକାଶ ବେହେରା (୨୫), ଦୁର୍ଯ୍ୟୋଧନ ଦାସ (୨୫) ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନ୍ୟ ମେଡିକାଲ ସ୍ଥାନାନ୍ତର କରାଯାଇଛି। ୩ଜଣ ଗୁରୁତର ବ୍ୟକ୍ତି ଅତ୍ୟଧିକ ନିଶା ସେବନ କରି ଦ୍ରୁତଗତିରେ ଗାଡ଼ି ଚଳାଇ ଧକ୍କା ହୋଇଥିଲେ। ଶରତଙ୍କ ମୁହଁ, ମୁଣ୍ଡରେ ଆଘାତ ହୋଇଥିବା ବେଳେ ଆଖିରେ ଗଭୀର ଆଘାତ ଲାଗିଛି। ସେହିପରି ବିକାଶଙ୍କ ମୁଣ୍ଡ ସହ ଶରୀରର ଅନେକ ସ୍ଥାନରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବା ବେଳେ ଦୁର୍ଯ୍ୟୋଧନ ଆହତ ହୋଇଛନ୍ତି। ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି।



## ୧୦୮ ହନୁମାନ ଚାଳିଶା ପାଠ

କଣାସ,୧।୧(ବିଭୁତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବଡ଼ାସ ପଞ୍ଚାୟତ ବଡ଼ାସ ଗ୍ରାମର ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ବୁଧବାର ବିଶ୍ୱର ମଙ୍ଗଳ ପାଇଁ ୧୭ତମ ବାର୍ଷିକ ୧୦୮ ହନୁମାନ ଚାଳିଶା ପଠନ ହେବା ସହ ରାମକଥା ଶ୍ରବଣ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ସାନମଠ ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ, ଚମ୍ପାଧର ମଠ ମହନ୍ତ ପର୍ଶୁରାମ ଦାସ ମହାରାଜ, ବାଦଲପୁର ମଠ ମହନ୍ତ ସନାତନ ଦାସ ମହାରାଜ, ଗଡ଼ବଳଭଦ୍ରପୁର ମଠ ମହନ୍ତ ଜଗବନ୍ଧୁ ଦାସ ମହାରାଜ, ବେନୁପଡ଼ା ମଠ ଅଧିକାରୀ କାଳୁଚରଣ ଦାସ ମହାରାଜ, ପଣ୍ଡିତ ସନ୍ତୋଷ କୁମାର ବାହିନୀପତି, ମାନସ ରାଜହଂସ ରାମାୟଣୀ ପଣ୍ଡିତ ନାରାୟଣ ଦାସ, ଦୀପକ କୁମାର ବାହିନୀପତି, ବ୍ରଜବନ୍ଧୁ ଦାସ ମହାରାଜ ଏବଂ ବଡ଼ାସ, ବୈଦ୍ୟନାଥପାଟଣା, କଖାରୁବସ୍ତ ଗ୍ରାମର ହନୁମାନ ଭକ୍ତମାନେ ଉପସ୍ଥିତ ଥିଲେ। ବୈଦ୍ୟନାଥ ସେବା ପରିଷଦ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ନିମାପଡ଼ା ପାଇଁ ମୋହନ ଦାସଙ୍କ ଅବଦାନ ଅତୁଳନୀୟ

ନିମାପଡ଼ା,୧।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ମୋହନ ଦାସ ସ୍ମୃତି କମିଟି, ଶହୀଦ ସ୍ମୃତି ସଂସଦ ଓ ପତିତପାବନ ସେବାସଂଘ ପକ୍ଷରୁ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ମୋହନ ଦାସଙ୍କ ୩୦ତମ ଶ୍ରାଦ୍ଧ ବାର୍ଷିକୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚଅଁରପଦା ପତିତପାବନ ସେବାସଂଘଠାରେ ଆୟୋଜିତ ସମାରୋହରେ ସଂଘ ସମ୍ପାଦକ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ସ୍ମୃତି ସଂସଦ ସମ୍ପାଦକ ଶିକ୍ଷାବିତ୍ ଡ. ବେଣୁଧର ସେନାପତି, ବରିଷ୍ଠ ସିପିଆଇ ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ମୋହନ ଦାସ ଓଡ଼ିଶାର ଅମ୍ଳାନ୍ ପ୍ରତିଭା, ଚାଷୀ ଆନ୍ଦୋଳନର ମହାନାୟକ ଅପ୍ରତିଦ୍ୱନ୍ଦ୍ୱୀ ସାମ୍ୟବାଦୀ ନେତା ଥିଲେ। ନିମାପଡ଼ା ପାଇଁ ସ୍ୱର୍ଗତ ଦାସଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଛନ୍ତି। ଦୋଳବେଦି ଛକଠାରେ ମୋହନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହ ଦାସଙ୍କ ପ୍ରତିମୂର୍ତ୍ତିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମସୁଧା ଓ ଦାସଙ୍କ ପ୍ରତି ଅପମାନକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସମାରୋହରେ ଅତିଥିମାନେ କହିଥିଲେ। ବରିଷ୍ଠ ନେତା ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ଆଦର୍ଶ ଦାଶ, ସମୀର ରଞ୍ଜନ ରାଉତରାୟ, ଦେବାଶିଷ ଦାଶ, ଜଗନ୍ନାଥ ବେହେରା ପ୍ରମୁଖ ସଭା ସଂଯୋଜନା ଓ ପରିଚାଳନା କରିଥିଲେ। ସଭାରେ ପ୍ରାୟ ୩୦୦ରୁ ଅଧିକ ଲୋକ ଯୋଗଦେଇଥିଲେ।



ପୂର୍ବତନ ବିଧାୟକ ମୋହନ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିକଟରେ ସଂଘର କର୍ମକର୍ତ୍ତାମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କମିଲା କମର୍ସିଆଲ ଗ୍ୟାସ୍ ଦର



**ନୂଆଦିଲ୍ଲୀ,୧।୧**

ବର୍ଷ ଆରମ୍ଭରୁ କମର୍ସିଆଲ ଗ୍ୟାସ୍ ବ୍ୟବହାରକାରୀଙ୍କୁ ଖୁସି ଖବର ମିଳିଛି। କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦରରେ ୧୬ ଟଙ୍କା ହ୍ରାସ ହୋଇଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.)ର ଦର ପୂର୍ବପରି ସ୍ଥିର ରହିଛି।

ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦରସୂଚୀ (ନୂଆ ଦର) ବୁଧବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୧୬ ଟଙ୍କା କମି ୧୯୫୦.୫୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଡିସେମ୍ବର) କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୧୯୬୬.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କେ.ଜି) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି।

ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୧୪.୫୦ ଟଙ୍କା ହ୍ରାସ ପାଇ ୧୮୦୪ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କିଗ୍ରା) ଦର ୮୦୩ ଟଙ୍କାରେ ରହିଛି।

ଅପରପକ୍ଷରେ କୋଲାକାତା, ଚେନ୍ନାଇ ଏବଂ ମୁମ୍ବାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ୍ (୧୯କେଜି) ଦର ଯଥାକ୍ରମେ ୧୯୧୧ ଟଙ୍କା, ୧୭୫୬ ଟଙ୍କା ଏବଂ ୧୯୬୬ ଟଙ୍କାରେ କାରାବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୨୯ ଟଙ୍କା, ୮୧୮.୫୦ ଟଙ୍କା ଏବଂ ୮୦୨.୫୦ ଟଙ୍କାରେ ବିକ୍ରି ହେଉଛି।

ସେହିପରି ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ନୂଆଦିଲ୍ଲୀରେ ପ୍ରାୟ ୧୪୦୧ ହ୍ରାସ ଘଟି ୯୦,୪୫୫.୪୭ ଟଙ୍କା ଥିଲାବେଳେ କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ମହାନଗରରେ ବିମାନ ଇନ୍ଧନ ଦର ପ୍ରତି କିଲୋଲିଟର ପିଛା ଯଥାକ୍ରମେ ୯୩,୭୫୨.୩୫ ଟଙ୍କା, ୮୪,୬୬୧.୦୨ଟଙ୍କା ଏବଂ ୯୩,୫୫୭.୧୦ ଟଙ୍କାରେ କାରବାର ହେଉଛି।

# ରେକର୍ଡ ପରିମାଣର ଟିକସ ଆଦାୟ

**ନୂଆଦିଲ୍ଲୀ,୧।୧ (ଅଭୟ ଦାଶ)**

- ବାର୍ଷିକ ଭିତ୍ତିରେ ୭.୩ % ବୃଦ୍ଧି
- ଡିସେମ୍ବରରେ ୧,୭୬,୮୫୭ କୋଟିର ଜିଏସ୍‌ଟି ସଂଗ୍ରହ



ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସରେ ମଧ୍ୟ ରେକର୍ଡ ପରିମାଣର ଟିକସ ଆଦାୟ କରାଯାଇଛି। ଏପରିକି ପ୍ରତି ଥର ପରି ଚଳିତ ଥର ମଧ୍ୟ ୧,୭୬,୮୫୭ (ପ୍ରାୟ ୧.୭୭ ଲକ୍ଷ କୋଟି ) କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୯ମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୭୬,୮୫୭ କୋଟିଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷ କରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣଠାରୁ ଏହା ୭.୩% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ଡିସେମ୍ବର ମାସରେ ସଂଗୃହୀତ ଟିକସ ପରିମାଣ ୧,୬୪,୮୮୨ କୋଟିଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଡିସେମ୍ବର ମାସରେ ୧,୭୬,୮୫୭ କୋଟିର ଟିକସ ସଂଗୃହୀତ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସେହିଭଳି ଚଳିତ ଆର୍ଥିକ ବର୍ଷର ଡିସେମ୍ବରରେ ମୋଟ ୧,୭୬,୮୫୭ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୨,୮୩୬କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୦,୪୯୯ କୋଟି ଆଦାୟ ହୋଇଛି। ସେହିପରି ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି (ଆଇଜିଏସ୍‌ଟି) ବାବଦକୁ ମୋଟ ୯୧,୨୨୧ କୋଟି ଟଙ୍କା ଏବଂ ସେସ୍ ବାବଦରେ ୧୨,୩୦୧ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସରେ ମଧ୍ୟ ଓଡ଼ିଶାରୁ ୪୮୪୧ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୪୩୫୧ କୋଟିଟଙ୍କାର ଟିକସ ଆଦାୟ ହୋଇଥିଲା।

ଏପରିକି ଗତ ଆର୍ଥିକ ବର୍ଷର ଡିସେମ୍ବର ମାସରେ ସଂଗ୍ରହ କରାଯାଇଥିବା ଟିକସ ତୁଳନାରେ ଚଳିତ ଆର୍ଥିକ ବର୍ଷର ସମାନ ମାସ ମଧ୍ୟରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୧% ଅଧିକ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

# ଡିସେମ୍ବରରେ ୩୨୦ ୟୁନିଟ୍ ଡିପିଭି ବିକ୍ରି

- ବର୍ଷକରେ ୩୨୦,୦୦୦ ୟୁନିଟ
- ବାର୍ଷିକଭିତ୍ତିରେ ୧୧% ଅଭିବୃଦ୍ଧି

**ନୂଆଦିଲ୍ଲୀ,୧।୧**



କ୍ରମାଗତ ଭାବେ ଘରୋଇ ବଜାରରେ ଡୋମେଷ୍ଟିକ୍ ପାସେଞ୍ଜର ଭେଇକିଲ(ଡିପିଭି)ର ଖୁଚୁରା ବିକ୍ରି ପରିମାଣ ବୃଦ୍ଧି ପାଉଛି। ଏପରିକି ୨୦୨୪ ଡିସେମ୍ବର ମାସରେ ଡିପିଭିର ଖୁଚୁରା ବିକ୍ରି ବାର୍ଷିକ ଭିତ୍ତିରେ ପ୍ରାୟ ୧୧% ବୃଦ୍ଧି ପାଇ ୩,୨୦,୦୦୦ ୟୁନିଟ୍‌ରେ ପହଞ୍ଚିଛି। ଅପରପକ୍ଷରେ ଭାରତୀୟ ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହା ଏକ ଭଲ ଅଭିବୃଦ୍ଧି ହୋଇଥିଲାବେଳେ ଏସ୍‌ୟୁଭି ଓ ସିଏନ୍‌ଜି କାରଗୁଡ଼ିକର ବିକ୍ରି ପରିମାଣ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ହୋଇଛି।

ସେହିଭଳି ୨୦୨୪ରେ ମୋଟ ଘରୋଇ ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରି ୪.୩ ମିଲିୟନ ୟୁନିଟ୍ ହୋଇଥିଲାବେଳେ ବାର୍ଷିକ ଭିତ୍ତିରେ ଏହାର ପରିମାଣ ୪.୭% ବୃଦ୍ଧି ଘଟିଛି ବୋଲି ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ୍ସ ମାନ୍ୟୁଫାକଚର୍ସ (ଏସ୍‌ଆଇଏଏମ୍) ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତରେ ଶକ୍ତି ଚାହିଦା ବୃଦ୍ଧି

**ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)**

ଶକ୍ତି ଉତ୍ପାଦନ, ପରିବହନ ଏବଂ ବିତରଣ ସହିତ ୨୦୨୪ ବର୍ଷ ଭାରତର ଶକ୍ତି କ୍ଷେତ୍ର ପାଇଁ ଏକ ଐତିହାସିକ ସମୟ ଭାବେ ଉଭା ହୋଇଛି। ରେକର୍ହ ପରିମାଣର ୨୫୦ ଜିଜା ୱାଟ୍ ରେକର୍ଡ ଶକ୍ତି ଚାହିଦା ପୂରଣ କରିବା ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ଶକ୍ତି ଅଭାବକୁ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୦.୧ ପ୍ରତିଶତକୁ ହ୍ରାସ କରିବା ପର୍ଯ୍ୟନ୍ତ ଏହି କ୍ଷେତ୍ର ନିରନ୍ତର ବିକାଶ ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ସର୍ବଭାରତୀୟ ବିଦ୍ୟୁତିକରଣ, ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଉପଲବ୍ଧତା ବୃଦ୍ଧି ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଭଳି ପଦକ୍ଷେପ ସହିତ ବିଶ୍ୱରେ ଶକ୍ତି କ୍ଷେତ୍ରରେ ଭାରତ ଅଗ୍ରଣୀ ହେବାର ପଥରେ ଅଛି। ସୂଚନା ଥାଉକି, ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତ ୨୫୦ ଗିଗା ୱାଟର ସର୍ବକାଳୀନ ସର୍ବାଧିକ ଶକ୍ତି ଚାହିଦା ପୂରଣ କରିବାରେ ସଫଳ ହୋଇଛି। ସେହିପରି ଉତ୍ପାଦନ ଏବଂ ପ୍ରସାରଣ କ୍ଷମତାର ଉଲ୍ଲେଖନୀୟ ବୃଦ୍ଧି ହେତୁ ଜାତୀୟ ସ୍ତରରେ ଶକ୍ତି ନିଅଣ୍ଟ ୨୦୨୪-୨୫ ଆର୍ଥିକ ବର୍ଷରେ ମାତ୍ର ୦.୧ ପ୍ରତିଶତକୁ ହ୍ରାସ ପାଇଛି। ଏହା ୨୦୧୩-୧୪ ଆର୍ଥିକ ବର୍ଷରେ ୪.୨% ରହିଥିଲା। ଅନ୍ୟପଟେ ୨୦୨୩-୨୪ ବର୍ଷରେ ଭାରତରେ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ୧,୩୯୫ କିଲୋୱାଟକକୁ ବୃଦ୍ଧି ପାଇଛି। ୨୦୧୩-୧୪ ବର୍ଷରେ ଏହା ୯୫୭ କିଲୋୱାଟ୍ ଥିବାବେଳେ ୧୦ ବର୍ଷରେ ୪୫.୮% ଅର୍ଥାତ୍ ୪୩୮ କିଲୋ ୱାଟ୍ ବୃଦ୍ଧି ହୋଇଛି। ମିଳିଥିବା ସୂଚନାନୁସାରେ ସମଗ୍ର ଦେଶରେ ଗ୍ରାମକୁ ବିଦ୍ୟୁତକରଣ କରାଯାଇଛି, ଯାହା ଭାରତର ଶକ୍ତି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି।


## Classified Everyday
0674-2580101, 9692975378


REAL ESTATE

### SALE

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - **9437581914.** D-76223

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373

**4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399.** D-2395

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - **7008052921.** D-76228

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-2452

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 31.12.2024, I, Udaya Hikoka, Address: At-Diasil, P.O.- Toyaput, P.S.- Laxmipur, Dist.- Koraput, Odisha - 765013 declare that I have changed my son's name from Ganesh Hikoka to Nila Madhab Hikoka. Henceforth, he shall be known as Nila Madhab Hikoka for all purposes. (Udaya Hikoka) D-2451

Your classified advertisement published in Dharitri will be listed free in Dharitri online edition: **dharitriepaper.in**



**ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ**
କାର୍ଯ୍ୟକାରୀ ସଭାପତି, ବରିଷ୍ଠ ନାଗରିକ ସଂଘ
ଆଜିର ଏହି ନବ ବର୍ଷରେ ଆପଣ ୮୪ ବର୍ଷରେ ପଦାର୍ପଣ କରିଥିବାରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ, ସୁସ୍ଥ ଓ ସୁରକ୍ଷିତ ରଖନ୍ତୁ।
ଶୁଭେଚ୍ଛା ସହ : ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା ଅଗ୍ରଣୀ ସିନିୟର ସିଟିଜେନ୍ସ ଓ ୱେଲଫେୟାର ଫୋରମ୍, ବମିଖାଲ ସଦସ୍ୟ ବୃନ୍ଦ।
ଧ-୨୪୪୩

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**୰ସତ୍ୟ ରଞ୍ଜନ ନାୟକ**
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।
-:ଶୋକସନ୍ତପ୍ତ:-
ମାମା, ବାବା, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୨୪୫୦

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।"



**୰ପଣ୍ଡିତ ଗୌରୀ ଶଙ୍କର ରଥ**
ବିଶିଷ୍ଟ ଶିକ୍ଷାବିତ୍
ଜେନାସାହି, ଆସ୍କା ରୋଡ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ: ୦୩।୦୭।୧୯୫୮
ତିରୋଧାନ: ୨୨।୧୨।୨୦୨୪
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ : ଅଶୋକ କୁମାର ରଥ, ସତ୍ୟ ନାରାୟଣ ରଥ ଦୁଇ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୨୪୫୪


# ମୁଥୁଟ ପରିବାର ପକ୍ଷରୁ ମୂଲ୍ୟବାନ୍ ଜମି ଦାନ

**ନୂଆଦିଲ୍ଲୀ,୧।୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ମୁଥୁଟ ଗ୍ରୁପର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଜର୍ଜ ଥୋମାସ ମୁଥୁଟ ନିକଟରେ ଏକ ମୂଲ୍ୟବାନ୍ ଜମିକୁ ଚର୍ଚ୍ଚ ନିର୍ମାଣ ପାଇଁ ଦାନ କରି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କେରଳର କୋଡୁଙ୍ଗାଲୁର ନିକଟସ୍ଥ ପେରିୟାର ନଦୀ କୂଳବର୍ତ୍ତୀ ଅଞ୍ଚଳର ଏକ ମୂଲ୍ୟବାନ୍ ୬୦ ସେଣ୍ଟସ ଜମିକୁ ମୁଥୁଟ ପରିବାର ପକ୍ଷରୁ ମାଲାନଙ୍କର ଅର୍ଥୋଡକ୍ସ ସିରିଆନ ଚର୍ଚ୍ଚକୁ ବିଧିବଦ୍ଧ ଭାବେ ପ୍ରଦାନ କରାଯାଇଛି। ଏପରିକି ସମ୍ପ୍ରଦାୟର ମଙ୍ଗଳ ଓ କମ୍ୟୁନିଟି ସର୍ଭିସ ଉଦ୍ଦେଶ୍ୟରେ ଏହି ମୂଲ୍ୟବାନ ଜମିକୁ ସ୍ୱର୍ଗତ ଏମ.ଜି. ଜର୍ଜ ମୁଥୁଟଙ୍କ ସ୍ମୃତିରେ ଦିଆଯାଇଛି। ସେହିଭଳି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହେବାକୁ ଥିବା ଏହି ନୂତନ ଚର୍ଚ୍ଚର କାର୍ଯ୍ୟ ପରମ୍ପରା ଓ ସମ୍ପ୍ରଦାୟର ସଦଭାବନା ଉଦ୍ଦେଶ୍ୟରେ ଆରମ୍ଭ କରାଯାଉଛି।



ଚର୍ଚ୍ଚ କର୍ତ୍ତୃପକ୍ଷଙ୍କୁ ମୁଥୁଟ ପରିବାର ପକ୍ଷରୁ ଜମି ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏହି ଅବସରରେ ମୁଥୁଟ ପରିବାରର ସଦସ୍ୟଙ୍କ ସମେତ ଚର୍ଚ୍ଚ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ରେକର୍ଡ ପରିମାଣରେ ତମାଖୁ ରପ୍ତାନି

- ବର୍ଷକରେ ୧୩,୦୦୦ କୋଟିର କାରବାର
- ବାର୍ଷିକ ଭିତ୍ତିରେ ୮% ଅଭିବୃଦ୍ଧି

**ନୂଆଦିଲ୍ଲୀ,୧।୧**



କ୍ରମାଗତ ଭାବେ ଭାରତୀୟ ଧୂମପାନ ବା ତମାଖୁ ଉତ୍ପାଦଗୁଡ଼ିକର ଚାହିଦା ବିଦେଶରେ ବହୁଳ ଭାବେ ବୃଦ୍ଧି ପାଉଛି। ଏହାର ପ୍ରଭାବ ତମାଖୁ କାରବାର ଓ ରପ୍ତାନି କ୍ଷେତ୍ରରେ ଦେଖିବାକୁ ମିଳିଛି। ଏପରିକି ୨୦୨୪ରେ ଭାରତ ପ୍ରାୟ ୧୩,୦୦୦ କୋଟି ଟଙ୍କାର ତମାଖୁ ସାମଗ୍ରୀ ବିଦେଶକୁ ରପ୍ତାନି କରିଛି। ଫଳରେ ରେକର୍ଡ ପରିମାଣର ତମାଖୁ ସାମଗ୍ରୀ ସରକାର ରପ୍ତାନି କରିଥିବାବେଳେ ବାର୍ଷିକ ଭିତ୍ତିରେ ୮% ବୃଦ୍ଧି ହୋଇଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହିଭଳି ଗତ କିଛି ବର୍ଷ ହେବ ତମାଖୁ ବୋର୍ଡ ଚାଷୀମାନଙ୍କର ହିତ ପାଇଁ ଭିନ୍ନ ଭିନ୍ନ ପ୍ରକାର ଯୋଜନା ଓ ସରକାରୀ ସହାୟତା ସହ ଆବଶ୍ୟକ ସୁବିଧା ଏବଂ ସହଯୋଗ ଯୋଗାଇ ଦେଇଛନ୍ତି। ଏପରିକି ଭାରତ ବିଶ୍ୱର ୨ୟ ସର୍ବବୃହତ୍ ତମାଖୁ ସାମଗ୍ରୀ ଉତ୍ପାଦନକାରୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲାବେଳେ ଚାଇନା ପରେ ଭାରତ ବିଶ୍ୱର ଏକ ପ୍ରମୁଖ ରପ୍ତାନିକାରୀ ଭାବେ ନିଜର ପ୍ରଭାବ ବିସ୍ତାର କରିଛି। ଅପରପକ୍ଷରେ ଭାରତ ବିଶ୍ୱର ୪ର୍ଥ ପ୍ରମୁଖ ଓ ଶ୍ରେଷ୍ଠ ଏଫସିଭି (ଫ୍ଲୁ କର୍ଡ ଭର୍ଜିନିଆ) ବର୍ଗର ତମାଖୁ ଉତ୍ପାଦନକାରୀ ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏପରିକି ଚାଇନା, ବ୍ରାଜିଲ ଏବଂ ଜିମ୍ବାୱେ ପରେ ଭାରତ ଏହି ବର୍ଗର ତମାଖୁ ଉତ୍ପାଦନ କରିଥାଏ। ସେହିପରି ଭାରତ ବିଶ୍ୱର ୨ୟ ସର୍ବବୃହତ୍ ଅନ୍‌ମାନ୍ୟୁଫ୍ୟାକଚର୍ଡ ତମାଖୁ (କ୍ୱାଣ୍ଟିଟି ଟର୍ମ) ରପ୍ତାନିକାରୀ ଭାବେ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ବର୍ଗରେ ବ୍ରାଜିଲ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ ରପ୍ତାନିକାରୀ ହୋଇପାରିଛି।

ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ମୋଟ ୧୨,୦୦୫.୮୯ କୋଟି ଟଙ୍କାର ତମାଖୁ ସାମଗ୍ରୀକୁ କଟବାଉଣ୍ଡ ଶିପ୍‌ମେଣ୍ଟ କରିଥିଲା। ଏପରିକି ବର୍ତ୍ତମାନ ଦେଶର ୮୦ ରୁ ୮୫,୦୦୦ ଚାଷୀ ବୋର୍ଡ ନିକଟରେ ପଞ୍ଜୀକୃତ ହୋଇଥିଲାବେଳେ ସରକାରୀ ସୁବିଧା ଓ ସହାୟତା ବୋର୍ଡ ପଞ୍ଜୀକୃତ ତମାଖୁ ଚାଷୀମାନଙ୍କୁ ବିଭିନ୍ନ ସମୟରେ ସହାୟତା କରିଥାଏ।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୧।୧**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୮ (୩୬୮.୪୦) ପଏଣ୍ଟ ବଢ଼ି ୭୮,୫୦୭ (୭୮,୫୦୭.୪୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୮(୯୮.୧୦) ପଏଣ୍ଟ ବୃଦ୍ଧି ଘଟି ୨୩,୭୪୩ (୨୩,୭୪୨.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଯୁବକଙ୍କୁ ୫୦ଖଣ୍ଡ କରି ଗାଁ ଦାଣ୍ଡରେ ଫିଙ୍ଗିଲେ

**କ୍ରୋଧ ଏବଂ ଶତ୍ରୁତା ମଣିଷକୁ କେତେ ଯେ, ଭୟଙ୍କର କରିପକାଏ, ତା'ର ଏକ ଉଦାହରଣ ନୂଆବର୍ଷରେ ଦେଖିବାକୁ ମିଳିଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ହତ୍ୟା କରିବା ପରେ ମୃତ ଶରୀରକୁ ୫୦ରୁ ଉର୍ଦ୍ଧ୍ୱ ଖଣ୍ଡ କରି ଗାଁ ଦାଣ୍ଡରେ ଏଣେତେଣେ ପକାଇ ନିଜର ବୀଭତ୍ସ ମାନସିକତାକୁ ପଦାରେ ପକାଇଛନ୍ତି।**

ପରଜଙ୍ଗ,୧।୧
(ନିଗମାନନ୍ଦ ଦଳବେହେରା)

ନୂଆବର୍ଷର ପ୍ରଥମ ଦିନରେ ରକ୍ତରଞ୍ଜିତ ହୋଇଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ବାସୋଇ ଗାଁ। ବୁଧବାର ମଧ୍ୟାହ୍ନରେ ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ହାଣି ହତ୍ୟା କରାଯାଇଛି। ପ୍ରଥମେ ଠେଙ୍ଗାରେ ଆକ୍ରମଣ କରିବା ପରେ ଯୁବକଜଣଙ୍କୁ ଗାଁ ଚଉପାଢ଼ିରେ ଥିବା ଠାକୁରାଣୀଙ୍କ ପଣାଖୁଣ୍ଟି ନିକଟରେ ମାରଣାସ୍ତ୍ରରେ ହତ୍ୟା କରିଛନ୍ତି। ସେଠାରୁ ତାଙ୍କର ମୃତଦେହକୁ ଘୋଷାରି ନେଇ ପ୍ରାୟ ୫୦ ଖଣ୍ଡ କରି ହାଣିବା ପରେ ଗାଁ ଦାଣ୍ଡରେ ଏଣେତେଣେ ଫିଙ୍ଗି ଦେଇଛନ୍ତି ରକ୍ତମୁଖା ଯୁବକ। ଏଭଳି ବୀଭତ୍ସ ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ରାକେଶ ସେଠୀ। ତାଙ୍କ ଘର ସ୍ଥାନୀୟ ବାସୋଇ ଗ୍ରାମରେ। ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା କୁହାଯାଉଥିବାବେଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ ବାସୋଇ ଗାଁର ରାକେଶ ସେଠୀ ଓ ସରୋଜ ବିଶ୍ୱାଳ ଓରଫ ମକୁଙ୍କ ମଧ୍ୟରେ ବହୁଦିନରୁ ଶତ୍ରୁତା ଲାଗି ରହିଥିଲା। ତେଣୁ ରାକେଶଙ୍କୁ ଜୀବନରୁ ହଟାଇଦେବାକୁ ସରୋଜ ଯୋଜନା କରୁଥିଲେ। ବୁଧବାର ମଧ୍ୟାହ୍ନରେ ରାକେଶ ଚାଲି ଚାଲି ଚିକେନ ଆଣିବାକୁ ଯାଉଥିବାବେଳେ ତାଙ୍କୁ ପଛପଟୁ ଏକ ଠେଙ୍ଗାରେ ସରୋଜ ପିଟି ଦେଇଥିଲେ। ରାକେଶ ତଳେ ପଡ଼ିଯିବା ପରେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ।


ହତ୍ୟା କରାଯାଇଥିବା ପଣାଖୁଣ୍ଟି ନିକଟରେ ପୋଲିସ ତଦନ୍ତ କରୁଛି।


ରାକେଶ ସେଠୀ

ଖବର ପାଇ ରାକେଶଙ୍କ ବଡ଼ପୁଅ ଓ ସ୍ତ୍ରୀ ସୁଭଦ୍ରା ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ତେବେ ରକ୍ତମୁଖା ସରୋଜ ମା' ପୁଅଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ପରେ ରାକେଶଙ୍କୁ ଘୋଷାରି ଘୋଷାରି ନେଇ ବଡ଼ଚଉପାଢ଼ିଠାରେ ଥିବା ଠାକୁରାଣୀଙ୍କ ପଣାଖୁଣ୍ଟି ନିକଟରେ ହତ୍ୟା କରିଥିଲେ ସରୋଜ। ସେଠାରୁ ମୃତଦେହକୁ ଆଣି ଏକ ଟାଙ୍ଗିଆରେ ପ୍ରାୟ ୫୦ ଖଣ୍ଡରୁ ଉର୍ଦ୍ଧ୍ୱ କରି ଗାଁ ଦାଣ୍ଡରେ ଫୋପାଡ଼ି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶରୀରର ଅନେକ ଖଣ୍ଡ ବିଖଣ୍ଡିତ ଅଂଶ ଗାଁ ଦାଣ୍ଡରେ ଏଣେତେଣେ ପଡ଼ିଥିଲା। ସରୋଜଙ୍କ

**ଭୟରେ ତାଟିକବାଟ ପକାଇଲେ ଲୋକେ**

**ଅଭିଯୁକ୍ତ ଫେରାର ପରେ ପୋଲିସର ତନାଘନା**

ଉଗ୍ରରୂପ ଦେଖି ଗାଁ ଲୋକମାନେ ଘର ତାଟି କବାଟ ପକାଇ ଦେଇଥିଲେ। କେହି ବିରୋଧ କରିବାକୁ ସାହସ ଜୁଟାଇ ପାରି ନ ଥିଲେ। ଖବରପାଇ ଏସ୍‌ପି ଅଭିନବ ସୁନାକର, ପରଜଙ୍ଗ ଥାନାଧିକାରୀ ପ୍ରିୟବ୍ରତ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସାଇଣ୍ଟିଫିକ ଟିମ୍ ହତ୍ୟାକାଣ୍ଡ ସ୍ଥାନରୁ ନମୁନା ସଂଗ୍ରହ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ପି ସୁନାକର କହିଛନ୍ତି। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ରାକେଶଙ୍କ ସ୍ତ୍ରୀ ସୁଭଦ୍ରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

# ଜିରୋନାଇଟ୍ ସେଲିବ୍ରେଶନରେ ଛୁରାମାଡ଼, ୪ ଗୁରୁତର

ଗଞ୍ଜାମ,୧।୧(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ଗଣ୍ଡାପଲ୍ଲୀ ଓଡିଆର୍‌ପି କଲୋନୀରେ ମଙ୍ଗଳବାର ଜିରୋନାଇଟ୍ ସେଲିବ୍ରେଶନ୍ ବେଳେ ଗୁଳି ଫୁଟିବା ସହ ଛୁରାମାଡ଼ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା ଏହି ଆକ୍ରମଣ ପ୍ରତିଆକ୍ରମଣରେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ଓଡିଆର୍‌ପି କଲୋନୀରେ ଏକ ଭଡ଼ାଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ଗୋଷ୍ଠୀ ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ନାଚଗୀତରେ ମସଗୁଲ ଥିଲେ। ଏହି ସମୟରେ ଆଉ କେତେଜଣ ଯୁବକ ପହଞ୍ଚି କୌଣସି କଥାକୁ ନେଇ ଗାଳିଗୁଲଜ କରିଥିଲେ। ପରେ ଏହା ଉଗ୍ରରୂପ ନେଇଥିଲା। ସେଠାରେ ବ୍ଲାଙ୍କ ଫାୟାରିଂ ହେବା ସହ ଛୁରାମାଡ଼ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୪ ଜଣ ଆହତ ହୋଇଥିଲେ। ଖବରପାଇ ରମ୍ଭା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ରମ୍ଭା ଥାନା ପକ୍ଷରୁ ନଂ.୧/୨୫ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ସତ୍ୟବ୍ରତ ଭୂତିୟା ସୂଚନା ଦେଇଛନ୍ତି।

# ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କେନ୍ଦ୍ରାପଡ଼ା,୧।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଓସ୍ତପୁର ପଞ୍ଚାୟତ ବୀରସ୍ୱତୀ ଗ୍ରାମର କାହ୍ନୁଚରଣ ନାଥ(୫୦)ଙ୍କର ମୃତଦେହ ଗ୍ରାମ ପୋଖରୀରୁ ବୁଧବାର ପୋଲିସ ଜବତ କରିଛି । ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ତାଙ୍କ ପୁତୁରା ମହେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏନେଇ ଅପମୃତ୍ୟୁ ମାମଲା (ନଂ.୧/୨୫) ରୁଜୁ କରି ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମହେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ କାହ୍ନୁଚରଣ ଗ୍ରାମରେ ଥିବା ଧାନ ଗୋଦାମକୁ ଯାଇଥିଲେ । ବୁଧବାର ସକାଳେ ତାଙ୍କ ମୃତଦେହ ନିକଟସ୍ଥ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖିଥିଲେ । ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ଏହି ଘଟଣାରେ ନିର୍ଦ୍ଦିଷ୍ଟ କେତେଜଣ ସାମିଲ ହୋଇଥିବା ପରିବାର ଲୋକମାନେ ସନ୍ଦେହ କରିଛନ୍ତି । ଏସମ୍ପର୍କରେ ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ କହିଛନ୍ତି, ସାଇଣ୍ଟିଫିକ ଟିମ୍ ସହିତ ପୋଲିସ ତଦନ୍ତ ଜାରି ରହିଛି । ପୋଷ୍ଟମର୍ଟମ ରିପୋର୍ଟରେ ବିଭିନ୍ନ ପ୍ରଶ୍ନର ଉତ୍ତର ମିଳିପାରିବ ବୋଲି ସେ ଆଶା କରିଛନ୍ତି ।

# ଗହୀରମଥା ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ




ରାଜନଗର,୧।୧(ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନବିଭାଗ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିଛି । ସେହି ଟ୍ରଲରରେ ଥିବା ୧୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନବିଭାଗର ପାଟ୍ରୋଲିଂ ଟିମ ଗହୀରମଥା ନିଷିଦ୍ଧାଞ୍ଚଳରେ ପଇଁତରା ମାରୁଥିବା ସମୟରେ ବରୁଣେଇ ନିକଟରେ ମା'ଭୁବନେଶ୍ୱରୀ ନାମକ ଟ୍ରଲରକୁ ଜବତ କରିଥିଲେ। ଏଥିରେ ଥିବା ଜିତେନ୍ଦ୍ର ମଲିକ, ନିମାଇଁ ମଣ୍ଡଳ, ଅଶୋକ ମଣ୍ଡଳ, ଜଗନ୍ନାଥ ମଣ୍ଡଳ, ବନଚରଣ ମଣ୍ଡଳ, ନଟ ବାହିନୀ, ମଙ୍ଗଳ ମୋହନ ସୋରେନ, ଝାଡେଶ୍ୱର ଗଙ୍ଗେଇ, ରମେଶ ମଳିକ, ପ୍ରଦୀପ ସର୍ଦ୍ଦାର, ଉତ୍ପଳ ନାସ୍କର, ପୂର୍ଣ୍ଣଚନ୍ଦ୍ର ବେହେରା, କରୁଣାକର ମହାକାଳିକ, ରାକେଶ ମଳିକ, ଭନେଶ୍ୱର ମୁଣ୍ଡା, ଅଭିଜିତ୍ ସର୍ଦ୍ଦାର ପ୍ରମୁଖ ୧୭ ଜଣ ମତ୍ସ୍ୟଜୀବୀଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଧାରା ୨୭, ୨୯, ୩୧ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୫ ଭିଏଚ୍‌ଏଫ୍, ଗୋଟିଏ ଜିପିଏସ୍, ଗୋଟିଏ ଫିସ୍ ଫାଇଣ୍ଡର, ଟର୍ନନେଟ ୫ ହଜାର ଫୁଟ, କର୍ଡ ନେଟ ୫ ହଜାର ଫୁଟ, ଲାଡେଜ ନେଟ୍ ୫ ହଜାର ଫୁଟ, ଇଲିସି ନେଟ୍ ୪ ହଜାର ଫୁଟ, ସାମୁଦ୍ରିକ ମାଛ ୫୦ କେଜି ଓ ୨ଟି ମୋବାଇଲ ଫୋନ ଜବତ କରାଯାଇଛି ବୋଲି ବନବିଭାଗ ସୂଚନା ଦେଇଛି।

# ମେଡିସିନ ରିପ୍ରେଜେଣ୍ଟେଟିଭଙ୍କୁ ଆକ୍ରମଣ କରି ଲୁଟ୍, ୩ ଗିରଫ

ଭୁବନେଶ୍ୱର,୧।୧
(ସୂର୍ଯ୍ୟକାନ୍ତ ବେହେରା)

ନୂଆବର୍ଷରେ ଅପରାଧ ଘଟଣାକୁ ଏଡ଼ାଇବାକୁ କମିଶନରେଟ ପୋଲିସ ରାତିସାରା ପାଟ୍ରୋଲିଂ କରୁଥିବା ବେଳେ କିଛି ନିଶାସକ୍ତ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ମେଡିସିନ ରିପ୍ରେଜେଣ୍ଟେଟିଭ ଓ ତାଙ୍କ ସାଙ୍ଗଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ରାସ୍ତାରେ ଅଟକାଇ ନିଶାସକ୍ତ ଯୁବକମାନେ ଟଙ୍କା ମାଗିବା ସହ ଆକ୍ରମଣ କରି ଲୁଟ୍ କରିଛନ୍ତି। ଏନେଇ ଆକ୍ରମଣର ଶିକାର ହୋଇଥିବା ଶାନ୍ତନୁ ରଣସିଂହ ଥାନାରେ ଅଭିଯୋଗ କରିବା ପରେ ବଡ଼ଗଡ଼ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଞ୍ଚଳର ମହେଶ ହାତୀ, ଅଭିଜିତ ଜେନା ଓ ଦୀନେଶ ମହାନ୍ତି। କୋର୍ଟରେ ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଫେରାର ଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାକୁ ଉଦ୍ୟମ ଜାରି ରଖିଛି।

## ବାଇକ୍ କିଣିବାକୁ ଟଙ୍କା ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

ପାଟଣା,୧।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଦାଶରଥିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ମା' ବାଇକ୍ କିଣିବାକୁ ଟଙ୍କା ନ ଦେବାରୁ ଜଣେ ୧୭ ବର୍ଷର ନାବାଳକ ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳକ ଉକ୍ତ ଗ୍ରାମର ବୋଲି ଜଣାପଡ଼ିଛି। ନାବାଳକ ମଙ୍ଗଳବାର ତାଙ୍କ ମା'ଙ୍କୁ ବାଇକ୍ କିଣିବାକୁ ଟଙ୍କା ମାଗିଥିଲେ। ମା' ଅସହାୟତା ପ୍ରକାଶ କରି ମନା କରିଦେଇଥିଲେ। ଏଥିରେ ପୁଅ ଉତ୍କ୍ଷିପ୍ତ ହୋଇ ବିଳମ୍ବିତ ରାତିରେ ଶୋଇବା ଘରର ରୁଅରେ ଗାମୁଛାରେ ଫାଶୀ ଲଗାଇ ଦେଇଥି ବା ତଦନ୍ତ ବେଳେ ଜଣାପଡ଼ିଥିବା ଏଏସ୍ଆଇ ବୀରେନ୍ଦ୍ର କିଶୋର ବେହେରା କହିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୧/୨୫) ରୁଜୁ ହୋଇଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି।

# ଜିରୋନାଇଟ୍ ସେଲିବ୍ରେଶନ ବେଳେ ବୁଲିଲା ଖଣ୍ଡା, ୨ ଗୁରୁତର

ବଲାଙ୍ଗୀର,୧।୧
(ବୀରେନ୍ଦ୍ର କୁମାର ଝାଙ୍କର)

ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ବଲାଙ୍ଗୀର ସହର ତୁଳସୀନଗରପଡାରେ ମଙ୍ଗଳବାର ରାତିରେ ଜିରୋନାଇଟ୍ ସେଲିବ୍ରେଶନରେ ସମସ୍ତେ ମସ୍‌ଗୁଲ ଥିବାବେଳେ ଏକ ତୁମୁଳ କାଣ୍ଡ ଘଟିଛି। ଏହି କାର୍ଯ୍ୟକ୍ରମରେ କେତେଜଣ ଯୁବକ ଓ କିଶୋର ଡ୍ୟାନ୍ସ କରୁଥିବା ବେଳେ ଦୁଇଜଣ ଯୁବକ ବାଇକ୍‌ରେ ଆସି ଖଣ୍ଡାରେ ଆକ୍ରମଣ କରିବା ଯୋଗୁ ଦୁଇଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆକ୍ରମଣକାରୀ ଦୁଇ ଯୁବକ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ସହରର ତୁଳସୀନଗରପଡା ଗଳି ରାସ୍ତାରେ କିଶୋର ଏବଂ


ଆହତ ମଧୁସୂଦନ ବଗର୍ତ୍ତି।


ଅଗ୍ନି କୁମାର ବିଶି ।

ତାଙ୍କ ସାଙ୍ଗମାନେ ଜିରୋନାଇଟ ସେଲିବ୍ରେଶନ କରୁଥିଲେ। ଏହି ସମୟରେ ଦୁଇଜଣ ଯୁବକ ଏକ ବାଇକ୍‌ରେ ଦ୍ରୁତଗତିରେ ଆସି ପିଲାମାନେ ନାଚୁଥିବା ସ୍ଥାନକୁ ଧସେଇ ପଶିଥିଲେ। ସେମାନଙ୍କ ବାଇକ୍ ଧକ୍କାରେ ନୃତ୍ୟରତ ଜଣେ ଯୁବକ ଛିଟିକି ପଡି ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଯୁବକମାନେ ବାଇକ୍ ଆରୋହୀ ଦୁଇ ଯୁବକଙ୍କୁ ଠେଲାପେଲା କରିବା ସହ ଯୁକ୍ତିତର୍କ କରି ଦ୍ରୁତ ଗତିରେ ବାଇକ୍ ଚଳାଇବାକୁ ବାରଣ କରିଥିଲେ। ଏହାପରେ ସେଠାରୁ ସମ୍ପୃକ୍ତ ଦୁଇ ଯୁବକ ଚାଲି ଯାଇଥିଲେ। ତେବେ କିଛି ସମୟ ପରେ ସେମାନେ ପୁଣି ସେଠାକୁ ବାଇକ୍‌ରେ ଆସି ଧରିଥିବା ଖଣ୍ଡାରେ ସେଠାରେ ନାଚୁଥିବା ଯୁବକଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏଭଳି ଅତର୍କିତ ଆକ୍ରମଣରେ ତୁଳସୀନଗରପଡାର ମଧୁସୂଦନ ବଗର୍ତ୍ତି ଏବଂ ଅଗ୍ନି କୁମାର ବିଶି ଗୁରୁତର ଆହତ ହୋଇଥିଲେ। ମଧୁସୂଦନଙ୍କ ହାତରେ ଏବଂ ଅଗ୍ନି କୁମାରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି। ଆକ୍ରମଣକାରୀ ଦୁଇ ଯୁବକଙ୍କ ମଧ୍ୟରୁ ଜଣକର ନାଁ ବି. ଷାଣ୍ଢ ବୋଲି ଅଭିଯୋଗ ହୋଇଛି। ଅନ୍ୟଜଣଙ୍କର ନାଁ ଜଣାପଡ଼ିନାହିଁ। ବଲାଙ୍ଗୀର ଟାଉନ ପୋଲିସ ଘଟଣାର ତଦନ୍ତ ଚଳାଇଛି ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାଲ ଛିଣ୍ଡା ମାଛକୁ ଟୋକେଇ କୁଦାଏ ।**

ଯିଏ ଜଟିଳ ପରିସ୍ଥିତି ଦେଇ ଗତି କରି ଜାଣେ ସିଏ କୌଣସି ପରିସ୍ଥିତିରେ ଦବିଯାଇ ନ ଥାଏ ବା ହାର୍ ମାନି ନ ଥାଏ। ଯେଉଁ ମାଛ ଜାଲ ଛିଣ୍ଡାଇ ପଳାଇଥାଏ ତା' ପକ୍ଷେ ଟୋକେଇରୁ ଡେଇଁ ପଳାଇବା ଅତି ସାମାନ୍ୟ କଥା ହୋଇଥିବା ସ୍ଥଳେ ଅତି ଚତୁର ବା ସିଆଣିଆ ବ୍ୟକ୍ତି ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଡ଼ା ତେଲ ମେଣ୍ଢା ବାଳ ।**

ଜଡ଼ା ତେଲ ଭାରି ଅଠାଳିଆ। ମେଣ୍ଢା ବାଳ ଛୋଟ ଓ ଫୁରୁଫୁରିଆ ହୋଇଥିବା ବେଳେ ସେଠାରେ ଜଡ଼ା ତେଲ ଲାଗିଲେ ଅଠା ଧରି ବସିଯାଏ, ମୋଟେ ଛାଡ଼େ ନାହିଁ। ପରୋକ୍ଷରେ ଅଭେଦ ପ୍ରୀତି ବା ଘନିଷ୍ଠ ବନ୍ଧୁତା। କେହି କାହାକୁ ଦଣ୍ଡେ ଛାଡ଼ି ରହି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ବୁଧବାର ଅପରାହ୍ଣ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଉପକୂଳବର୍ତ୍ତୀ ଅଞ୍ଚଳରେ ବଢ଼ିବ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୧।୧(ସୂର୍ଯ୍ୟକାନ୍ତ ବେହେରା)

ରାଜ୍ୟରେ ବଢୁଥିବା ସାଇବର କ୍ରାଇମ୍‌କୁ ରୋକିବାକୁ ଉଦ୍ୟମ କରାଯିବା ସହ ଲୋକଙ୍କୁ ସଚେତନ କରାଯିବ। ସେହିପରି ଲୋକଙ୍କୁ କିଭଳି ଭଲ ସେବା ଦିଆଯାଇ ପାରିବ ସେ ନେଇ ଚେଷ୍ଟା କରାଯିବ। ଏନେଇ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନୂତନ ବର୍ଷରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଜଣାଇ କହିଛନ୍ତି, ଓଡ଼ିଶା ପୋଲିସ ବିଗତ ଦିନ ଅପେକ୍ଷା ଆଗାମୀ ଦିନରେ ବହୁତ ଭଲ କାମ କରିବ। ଏହାସହ ୨୦୨୬ ସୁଦ୍ଧା ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡ଼ିଶାରୁ ମାଓବାଦୀ ସଫା କରିବାକୁ ଯେଉଁ ଆହ୍ୱାନ ଦେଇଛନ୍ତି ତାକୁ ସଫଳ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଉପକୂଳବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯିବା ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ଏବଂ ନୂଆ ବୋଟ୍ ଅଣାଯିବ। ଏହାସହ ସେଠାରେ ଅଧିକ ସଂଖ୍ୟକ ପୋଲିସ ମୁତୟନ କରାଯିବ ବୋଲି ଡିଜିପି କହିଛନ୍ତି।

# ସୁକ୍‌ମାରୁ ୨ ମାଓବାଦୀ ଗିରଫ

ମାଲକାନଗିରି,୧।୧(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ସୁକ୍‌ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ସୋଡି ମୁକା ଓ ସୋଡି ଭୀମା। ସୂଚନାଯୋଗ୍ୟ, କୁନ୍ଦେଡ ଗ୍ରାମ ନିକଟରେ ମାଓବାଦୀମାନେ ଥିବା ଖବର ପାଇ ଜଗରଗୁଣ୍ଡା ଥାନା ୧୬୫ ସିଆର୍‌ପିଏଫ୍ ବାହିନୀର ଏକ ଟିମ୍ ଉକ୍ତ ଅଞ୍ଚଳ ଅଭିମୁଖେ ଯାଇଥିଲେ। କୁନ୍ଦେଡ ଗ୍ରାମ ନିକଟ ଜଙ୍ଗଲରେ ସୋଡି ମୁକା ଓ ୧ ଲକ୍ଷ ପୁରସ୍କାର ଘୋଷିତ ସୋଡି ଭୀମାଙ୍କୁ ଦେଖି ଗିରଫ କରିଥିଲେ । ୨୦୧୬ରେ ରାଜପେଣ୍ଟା ନିକଟରେ ଆଇଇଡି ବିସ୍ଫୋରଣ ଘଟଣାରେ ଏହି ୨ ଜଣ ସାମିଲ ଥିଲେ। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟ୍ୱିନ୍‌ସିଟିରେ ବଢ଼ିଛି ୧୧.୩୪% ଅପରାଧ

**ଭୁବନେଶ୍ୱରରେ ବଢ଼ିଲା ହତ୍ୟା, କଟକରେ କମିଲା ଲୁଟ୍**

ଭୁବନେଶ୍ୱର,୧।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ୨୦୨୪ ବର୍ଷର ଅପରାଧ ତାଲିକା ପ୍ରକାଶ କରାଯାଇଛି। କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ବୁଧବାର ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଦେଇଥିବା ତଥ୍ୟ ଅନୁସାରେ ୨୦୨୩ ତୁଳନାରେ ୨୦୨୪ରେ ଭୁବନେଶ୍ୱରରେ ହତ୍ୟା ମାମଲାବର୍ଷକରେ ଭୁବନେଶ୍ୱରରୁ ସାଇବର ଠକ ନେଇଗଲେ ୮୨.୫୩ କୋଟି ଟଙ୍କା ପଞ୍ଜୀକୃତ ହୋଇଛି। ତେବେ ଦ୍ୱୈତ ନଗରୀରେ ଗତବର୍ଷ ୧୩,୯୨୮ ମାମଲା ବନ୍ଦ କରାଯାଇଥିବାବେଳେ ୨୦୨୩ରେ ୫,୮୩୭ ମାମଲାର ତଦନ୍ତ ସମ୍ପୂର୍ଣ୍ଣ କରାଯାଇ ବନ୍ଦ କରାଯାଇଛି। ତେବେ ଦୁଇ ସହରର ରିପୋର୍ଟ ଦେଖିଲେ, ୨୦୨୪ରେ ଭୁବନେଶ୍ୱରରେ ୨୦୨୩ ବର୍ଷ ଅପେକ୍ଷା ହତ୍ୟା ମାମଲା ୨୬.୯୨ ପ୍ରତିଶତ ବୃଦ୍ଧି ପାଇ ୬୬ରେ




ପହଞ୍ଚିଛି। ୨୦୨୩ରେ ଭୁବନେଶ୍ୱରରେ ଡକାୟତି ୧୪, ଲୁଟ୍ ୫୮୭, ସିନ୍ଧିଚୋରି ୪୬୫, ଚୋରି ୧୯୪୩, ଠକେଇ ୧୦୦୫, ଗଣ୍ଡଗୋଳ ୫୬, ବଳାତ୍କାର ୧୩୫, ମୋଟର ଭେଇକିଲ୍ ଆକ୍ଟ ସମ୍ବନ୍ଧୀୟ ୭୮୨ ଓ ଅନ୍ୟାନ୍ୟ ୬,୯୨୬ ମାମଲା ରୁଜୁ ହୋଇଛି। ସେହିପରି ୨୦୨୪ରେ ଡକାୟତି ୬, ଲୁଟ୍ ୩୯୨, ସିନ୍ଧିଚୋରି ୩୬୯, ଚୋରି ୧,୮୧୯, ଠକେଇ ୧୩୧୪, ଗଣ୍ଡଗୋଳ ୪୪, ବଳାତ୍କାର ୧୩୭, ଏମ୍‌ଭି ଆକ୍ଟରେ ୮୬୬ ଓ ଅନ୍ୟାନ୍ୟ ୯, ୩୭୯ ମାମଲା ପଞ୍ଜୀକୃତ ହୋଇଛି। କଟକରେ ୨୦୨୩ରେ ହତ୍ୟା ୨୬, ଡକାୟତି ୪, ଲୁଟ୍ ୯୫, ସିନ୍ଧିଚୋରି ୧୭୩, ଚୋରି ୭୦୪, ଠକେଇ ୪୬୬, ଗଣ୍ଡଗୋଳ ୧୦, ବଳାତ୍କାର ୯୭, ଏମ୍.ଭି ଆକ୍ଟରେ ୪୪୮ ଓ ଅନ୍ୟାନ୍ୟ ୫୪୧୨ ମାମଲା ରୁଜୁ ହୋଇଛି। ସେହିପରି ୨୦୨୪ରେ ଯଥାକ୍ରମେ ହତ୍ୟା ୨୩, ଡକାୟତି ୫, ଲୁଟ୍ ୮୦, ସିନ୍ଧିଚୋରି ୧୬୬, ଚୋରି ୭୮୬, ଠକେଇ ୪୧୫, ଗଣ୍ଡଗୋଳ ୯, ବଳାତ୍କାର ୮୬, ଏମ୍‌ଭି ଆକ୍ଟରେ ୪୧୩ ଓ ଅନ୍ୟାନ୍ୟ ୭୨୨୧ ମାମଲା ରହିଛି। ଭୁବନେଶ୍ୱରରେ ସମ୍ପତ୍ତିଗତ ଅପରାଧ ମାମଲାରେ ବିଭିନ୍ନ ଥାନାର ପିଓପିଡି ଓ ଟିମ୍-୬୦ର ମିଳିତ ଉଦ୍ୟମରେ ୨୦୨୪ରେ ୧୧୨୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ୭୭୯ଟି ମୋବାଇଲ ଜବତ ହୋଇଛି। ଏଥିସହ ୫ କେଜି ୫୧୫ ଗ୍ରାମ ୪୯୬ ମିଲି.ଗ୍ରା ଚୋରି ସୁନା ଅଳଙ୍କାର ଓ ୧୫ କେଜି ୭୦୪ ଗ୍ରାମ ୪୨ ମିଲି.ଗ୍ରା ରୁପା ଅଳଙ୍କାର ଜବତ ହୋଇଛି।

**ବର୍ଷକରେ ଭୁବନେଶ୍ୱରରୁ ସାଇବର ଠକ ନେଇଗଲେ ୮୨.୫୩ କୋଟି ଟଙ୍କା**

ଭୁବନେଶ୍ୱରରେ ଏକ ବର୍ଷରେ ସାଇବର ଠକ ବିଭିନ୍ନ କୌଶଳ ଆପଣାଇ ୮୨ କୋଟି ୫୩ ଲକ୍ଷ ୫୬ ହଜାର ୨୫୧ କୋଟି ଟଙ୍କା ଠକି ନେଇଛନ୍ତି। ୨୦୨୪ରେ ମୋଟ ୩୮ ଜଣ ସାଇବର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଏମାନଙ୍କ ମଧ୍ୟରୁ ୨୦ଜଣ ରାଜ୍ୟ ବାହାରର ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ୩ବର୍ଷର ରିପୋର୍ଟ ଦେଖିଲେ, ସହରରେ ୨୦୨୩ରେ ସାଇବର ଠକେଇ ଅଭିଯୋଗ ସଂଖ୍ୟା ୪,୮୩୨ ଥିବା ବେଳେ ୨୦୨୨ରେ ୩,୬୧୪ ଥିଲା। ୨୦୨୨ରେ ୧୩.୯୯ କୋଟି, ୨୦୨୩ରେ ୪୨.୬୧ କୋଟି ଟଙ୍କା ଠକେଇ ହୋଇଥିଲା। ସେହିପରି ଯଥାକ୍ରମେ ୨୦୨୨ରେ ୧.୨୮ କୋଟି, ୨୦୨୩ରେ ୧୮.୨୩ କୋଟି ଓ ୨୦୨୪ରେ ୨୩.୬୦ କୋଟି ଅଚଳ(ଫ୍ରିଜ୍) ହୋଇଥିଲା। ୨୦୨୨ରେ ସହରରେ ୧.୧୭ କୋଟି, ୨୦୨୩ରେ ୯୫.୭୬ ଲକ୍ଷ ଓ ୨୦୨୪ରେ ୨.୫୦ ଲକ୍ଷ ଟଙ୍କା ଫେରାଇ ଅଣାଯାଇଛି। ତେବେ କେବଳ ୨୦୨୪ରେ ୭ ହଜାର ୨୬୩ ସାଇବର ଅଭିଯୋଗ ସଂକ୍ରାନ୍ତୀୟ ରିପୋର୍ଟ ହୋଇଥିବା ବେଳେ ସେଥିମଧ୍ୟରୁ ୩୨୨ଟି ମାମଲା ରୁଜୁ କରାଯାଇଛି। ଏହାମଧ୍ୟରେ ୨,୬୫୩ ଫାଇନାନ୍‌ସିଆଲ୍ ଫ୍ରଡ୍, କ୍ରେଡିଟ୍/ଡେବିଟ୍ କାର୍ଡ ସମ୍ବନ୍ଧୀୟ ୭୮୧, ୟୁପିଆଇ ୧୮୭୨, ସୋସିଆଲ୍ ମିଡିଆ ୧୦୭୬ ଓ ଫ୍ରଡ୍ କଲ୍ ଯୋଗେ ୮୮୧ ଘଟଣା ରହିଛି।

## ପରଦାରେ ୱାଇଫ୍


ବର୍ଷା ପ୍ରିୟଦର୍ଶିନୀ

ଓଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ବିଜୟ କାନ୍ଦୋଇ ଭିନ୍ନ ଧରଣର କାହାଣୀକୁ ନେଇ ଏବେ ଏକ ନୂଆ ସିନେମା ନିର୍ମାଣ କରିଛନ୍ତି । ଏହି ଫିଲ୍ମଟିର ଟାଇଟଲ ରହିଛି 'ୱାଇଫ୍' । ଏହି ଚିତ୍ରଟି ଚଳିତ ମାସ ୩ ତାରିଖରେ ଏବର୍ଷର ପ୍ରଥମ ସିନେମା ଭାବରେ ରିଲିଜ ହେବାକୁ ଯାଉଛି । ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଲୋକପ୍ରିୟ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ । ଖାସ୍ କଥା ହେଲା ଉକ୍ତ ଚିତ୍ରର କ୍ରିଏଟିଭ ହେଡ୍ ରହିବା ସହ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ନିଜେ ବର୍ଷା । ଆଉ ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ସଂଳାପ ଲେଖିଛନ୍ତି ବିଶିଷ୍ଟ ସଂଳାପକାର ବିଜୟ ମଲ୍ଲ । ବିବାହ ହେଉଛି ଏକ ପବିତ୍ର ବନ୍ଧନ । ବାହାଘର ପରେ ଜଣେ ସ୍ତ୍ରୀର ବୈବାହିକ ଜୀବନର ମହତ୍ତ୍ୱ ରହିଛି । ଏହା ଉପରେ ପର୍ଯ୍ୟବସିତ କାହାଣୀକୁ ଆଧାରକରି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି । ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ମଳୟ ମିଶ୍ର । ଏଥିରେ ବର୍ଷାଙ୍କ ନାୟକ ସାଜିଛନ୍ତି ଜୟଜିତ ଦାସ । ଏମାନଙ୍କ ବ୍ୟତୀତ ଶଙ୍କର, ବିଜୟିନୀ ମିଶ୍ର, ରବି ମିଶ୍ର, ହୃଷି, ସ୍ମିତା ତ୍ରିପାଠୀ, କୁନୁରି, ଶୋଭା ରାଉତ, ପିହୁ ଏବଂ ପାୟଲ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ଏହାର ନିର୍ଦ୍ଦେଶନା ଦେଇଛନ୍ତି ସୁଧାକର ବସନ୍ତ ।

## ଜ୍ୟାକ୍ଲିନ୍‌ଙ୍କ ଡିନର ପାର୍ଟି


ଜ୍ୟାକ୍ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍ଲିନ୍ ଫର୍ନାଡିଜ୍ ଯାହା କହିଥିଲେ ତାହା ପୂରଣ କରିଛନ୍ତି । 'ଫତେ' ଫିଲ୍ମର ଶୁଟିଂ ଶେଷହେବା ସମୟରେ ସେ ୟୁନିଟ୍ ସଦସ୍ୟଙ୍କୁ ଏକ ଡିନର ପାର୍ଟି ଦେବାକୁ ସୂଚନା ଦେଇଥିଲେ । ଏବେ ତ ଏହାର ଶୁଟିଂ ପୂରା ଦମ୍‌ରେ ଚାଲୁ ରହିଛି । ନିକଟରେ ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି ହଠାତ୍ ଡିନର ପାର୍ଟିକୁ ଆମନ୍ତ୍ରଣ କରିଥିଲେ । ଏକଥା ଶୁଣିବା ପରେ କେତେକେ 'ଏହା ପଛରେ କାରଣ କ'ଣ ଅଛି' ବୋଲି ପ୍ରଶ୍ନ କରିଥିଲେ । ଏ ନେଇ ଜ୍ୟାକଲିନ୍ କହନ୍ତି, ''ଆପଣମାନେ ହୁଏତ ଗୋଟିଏ କଥାକୁ ମନେରଖିନାହାନ୍ତି । କିଛି ମାସ ପୂର୍ବରୁ ଏହି ଫିଲ୍ମର ସମସ୍ତ ସଦସ୍ୟଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିବେ ବୋଲି କହିଥିଲି । ଆଜି ବାସ୍ ସେହି କଥାକୁ ପୂରଣ କରୁଛି ।'' ସେଦିନ ସମସ୍ତେ ଏହି ଡିନର ପାର୍ଟିର ଭରପୂର ମଜା ଉଠାଇଥିଲେ । ଏହି ସମୟରେ ଜ୍ୟାକ୍ଲିନ୍ ଏହି ଫିଲ୍ମର ଶୁଟିଂ ସମୟରେ ସ୍ମରଣୀୟ ଘଟଣାଗୁଡ଼ିକୁ ବଖାଣିବାକୁ ଭୁଲି ନ ଥିଲେ । ତା' ସହ ନିଜ ଅଭିନୟ ଜୀବନର କେତେକ ରୋଚକ କଥାକୁ ସେଠାରେ ମଧ୍ୟ ପ୍ରକାଶ କରିଥିଲେ । ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସୋନୁ ସୁଦ୍ । ଚିତ୍ରଟି ଚଳିତ ମାସ ୧୦ରେ ରିଲିଜ ହେବାର ଯୋଜନା ରହିଛି ।

## ଆଶାରେ ଜୟ ସେନ

ଛୋଟ ଗାଆଁରୁ ସେ ପାଦ ଥାପିଛନ୍ତି ଫିଲ୍ମ ଜଗତରେ । ମନରେ ନୂତନ ଆଶା, ଉଦ୍ଦୀପନା, ଦୃଢ଼ ଇଛା, ଅସୀମ ସାହସ । ଜଣେ ସ୍କ୍ରିପ୍ଟ ଲେଖକ ତଥା ନିର୍ଦ୍ଦେଶକ ଭାବରେ ସେ ସାଉଁଟି ଚାଲିଛନ୍ତି ସଫଳତା । ଏଭଳି ପ୍ରତିଭାର ଅଧିକାରୀ ହେଉଛନ୍ତି ଜୟ ସେନ୍ । ବାଣିଜ୍ୟ, ଗଣମାଧ୍ୟମ, ଏମ.ବି. ଏ ଓ ଯୋଗରେ ସ୍ନାତକୋତ୍ତର ଏବଂ ପରେ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି । ଏବେ ସେ ନିଜକୁ ଚଳଚ୍ଚିତ୍ର ସହ ଜଡିତ ରଖିଛନ୍ତି । କିଛି ବର୍ଷ ନୃତ୍ୟ ସହ ନିଜକୁ ସାମିଲ କରିବା ପରେ ଆସାମ, ତାମିଲ୍‌ନାଡୁ, କେରଳ ଓ ପଶ୍ଚିମବଙ୍ଗରେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିଲେ ସେ । କୋରାପୁଟରେ ରହୁଥିବା ଜୟ କହନ୍ତି, 'ଓଡ଼ିଶାରେ ଐତିହାସିକ ପୃଷ୍ଠଭୂମି ଉପରେ ଚଳଚ୍ଚିତ୍ର ନିର୍ମାଣ କରିବା ହେଉଛି ମୋର ମୂଳ ଲକ୍ଷ୍ୟ । ଓଡ଼ିଶାର କଳା ସଂସ୍କୃତିକୁ ନେଇ ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ । ଦକ୍ଷିଣ ଭାରତୀୟ ସିନେମା ସହ ଜଡିତ ରହିବା ବେଳେ ମୁଁ ଏ ନେଇ ଅନେକ କିଛି ଶିଖିଛି । ମୋ ନିର୍ଦ୍ଦେଶିତ 'ଜୟୀ ରାଜଗୁରୁ ରିଲିଜ ଅପେକ୍ଷାରେ ରହିଛି । ଏଭଳି ଏକ ବିଷୟବସ୍ତୁକୁ ନେଇ ସିନେମାଟିଏ ନିର୍ମାଣ କରିବା ସହଜ କଥା ନୁହେଁ । ଏହା ମୋ ପାଇଁ ଏକ ବଡ ଚ୍ୟାଲେଞ୍ଜ ଥିଲା । ତେବେ ଭବିଷ୍ୟତରେ ଆହୁରି ଭଲ ଭଲ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଯୋଜନା ରଖିଛି ।'' ତେବେ ନିର୍ଦ୍ଦେଶନା କ୍ଷେତ୍ରରେ ଜୟ ବଡ ପରଦାରେ କେତେ କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।


ଜୟ ସେନ୍

## ଘମାଘୋଟ


ଶୈଳେନ୍ଦ୍ର

ଏକ ଭିନ୍ନ ଧରଣର କାହାଣୀକୁ ଆଧାରକରି ନିର୍ମିତ ହୋଇଛି ଏକ ନୂଆ ଓଡ଼ିଆ ସିନେମା । ଏହାର ଟାଇଟଲ ରହିଛି 'ଘମାଘୋଟ' । କୌଶିକ ଦାସ ଏହାକୁ ପ୍ରଯୋଜନା କରିଥିବା ବେଳେ ସହ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ରାମ ପଟ୍ଟନାୟକ ଏବଂ କୌସ୍ତବ ଦାସ । ଉକ୍ତ ସିନେମା ବିଷୟରେ ପ୍ରଯୋଜକ କହନ୍ତି, ''ଏହାର କାହାଣୀକୁ ଯେତେବେଳେ ଚୁଡାନ୍ତ ରୂପରେଖ ଦିଆଗଲା, ସେତେବେଳେ ସବୁ ଦିଗକୁ ଦୃଷ୍ଟି ଦିଆଯାଇଥିଲା । କେବଳ ସେତିକି ନୁହେଁ, ଶୁଟିଂ ସମୟରେ ବିଷୟବସ୍ତୁକୁ କିପରି ଠିକ୍ ଭାବରେ ଅବତାରଣା କରାଯାଇପାରିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି । ସଂଳାପ ଏବଂ ଗୀତକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇଛି । ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ଆକର୍ଷଣୀୟ ହେବ ସେ ନେଇ ଏହା ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷ ଚେଷ୍ଟା କରିଛନ୍ତି । ନିଜ ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ କଳାକାରମାନେ ପ୍ରୟାସ କରିଛନ୍ତି । ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ । ବର୍ତ୍ତମାନ ଏହାକୁ ଓଡ଼ିଆ ଭାଷାରେ ନିର୍ମାଣ କରାଯାଇଛି । ଖୁବ୍ ଶୀଘ୍ର ଏହାକୁ ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲୟାଲମ ଭାଷାରେ ଡବିଂ କରାଯିବ ।'' ଉକ୍ତ ଚିତ୍ରର କାହାଣୀରେ ଲଭ୍, ଇମୋଶନ, କମେଡି, ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି । ଫିଲ୍ମଟି ସବୁ ବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ରାଜ ଡି । କୌସ୍ତବ ଡ୍ରିମ୍‌ୱାର୍କସ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ, ଅନୁରାଗ ପଟ୍ଟନାୟକ ଏବଂ ସୂର୍ଯ୍ୟଜୀ । ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ହୋତା , ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ, କ୍ରିଷ୍ଣା କର, ରାଜେଶ ସାହୁ, ଜୋଣ୍ଟି, ଏମୋନ ପ୍ରଧାନ ଏବଂ ବିଭାସ ପ୍ରମୁଖ କଳାକାର ।


ଦିଶା ପଟାନି

## ବୋର୍ ଲାଗିଲେ..


ପୂଜା ହେଗ୍‌ଡେ

ୟାମିଙ୍କୁ ଯେତେବେଳେ ବୋର୍ ଲାଗେ ତାଙ୍କୁ ଗୋଟିଏ ଜିନିଷ ଦରକାର ପଡିଥାଏ । ତାହା ହେଲା କପେ ଚା' । ଏପରି କି ଶୁଟିଂ ପାଇଁ ଯେତେବେଳେ ସେ ବାହାରକୁ ଯାଆନ୍ତି ସାଙ୍ଗରେ ମନ ପସନ୍ଦର ଚା' ନେଇଯାଆନ୍ତି । ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟରୁ କିଣିନେବାକୁ ପଛାଇ ନ ଥାନ୍ତି । ହେଲେ ସେ ଜିନିଷଟି କ'ଣ ଜାଣିବେନି ? ଚା' ପ୍ୟାକେଟ୍ । ଏ ନେଇ ୟାମି ଗୌତମ କହନ୍ତି, ''ମୋ ଭ୍ୟାନିଟ୍‌ରେ ସବୁବେଳେ ୩-୪ ପ୍ୟାକେଟ ଚା' ଥାଏ । ପୁଣି ଚା' ପ୍ରସ୍ତୁତ କରିବାକୁ ସରଞ୍ଜାମ ସାଙ୍ଗରେ ନେବାକୁ ଭୁଲି ନ ଥାଏ । ବୋରିଂ ଲାଗିଲେ କପେ ଚା' ପିଇଦେଲେ ମୋତେ ଆରାମ ଲାଗେ ।' ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିଥିବା ୟାମି ପାଠ ପଢ଼ିବା ସମୟରେ କଦାପି ଅଭିନେତ୍ରୀ ହେବେ ବୋଲି ଭାବି ନ ଥିଲେ । ସେତେବେଳେ ତାଙ୍କର ଇଚ୍ଛା ଥିଲା ଜଣେ ପ୍ରଶାସନିକ ଅଧିକାରୀ ହେବାକୁ । ପରେ ଓକିଲ ହେବାକୁ ମଧ୍ୟ ଚାହିଁଥିଲେ, ହେଲେ ଏଗୁଡିକ କେବଳ ଆଶାରେ ହିଁ ରହିଯାଇଥିଲା । ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ । 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ । କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ।

## ଅବସର ମିଳିଲେ...

କଥାରେ ଅଛି ବସିବାଠାରୁ କାଶିବା ଭଲ । ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି । ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି । ସେ କିଏ ଜାଣନ୍ତି ? ଦିଶା ପଟାନି । ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଗାର୍ଡେନିଂରେ ମନୋନିବେଶ କରିଛନ୍ତି । ଏ ବିଷୟରେ ସେ କହନ୍ତି, ''ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା । କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି । ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି । ନୂଆ ଫୁଲଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି ।'' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରୁଛନ୍ତି । ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି । ଅନ୍ୟପକ୍ଷରେ ଏବେ ତାଙ୍କ ହାତରେ ୨-୩ଟି ଅଫର ରହିଛି । ତେବେ ସେଗୁଡ଼ିକୁ ଭଲ ଭାବରେ ତର୍ଜମାକରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ ।

## ଏବେ ବି ମନେପଡ଼େ...

ଥରେ ମନେପକାନ୍ତୁ ନା ଅନୀଲ ଶର୍ମାଙ୍କୁ ସୁପରହିଟ୍ ଫିଲ୍ମ 'ଗଦ୍ଦର-ଏକ ପ୍ରେମ କଥା'କୁ । ଏଥିରେ ସନି ଦେଓଲଙ୍କ ଅଭିନୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି । ଦେଶପ୍ରେମଭିତ୍ତିକ ଏହି ଫିଲ୍ମରେ ସନିଙ୍କ ନାୟିକା ସାଜିଥିଲେ ଅମିଷା ପଟେଲ । ହେଲେ ଏହି ଫିଲ୍ମ ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା । ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବେ ସେ ନେଇ ଏକ ଅଡିସନ୍ ହୋଇଥିଲା । ଏଥିର ୫୦୦ ଜଣ ନବାଗତ ଅଂଶଗ୍ରହଣ କରିଥିଲେ । ହେଲେ ଶେଷରେ ହାତୀ ଅମୀଷାଙ୍କୁ ମୁଣ୍ଡରେ ହିଁ ସୁନା କଳସ ଢାଳିଥିଲା । ଖାସ୍ କଥା ହେଲା, ଅମୀଷାଙ୍କ ଅଡିସନ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା । ମଡେଲିଂରୁ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ ସେ । ପ୍ରଥମେ ସେ କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ । ତା'ସହ କେତେକ ନାମୀ ବ୍ରାଣ୍ଡ୍ ବିଶିଷ୍ଟ କମ୍ପାନୀର ବିଜ୍ଞାପନ ପାଇଁ କାମ କରିଥିଲେ ଅମୀଷା । ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ । ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ' । ହେଲେ ନିଜର ବଲିଉଡ୍ କ୍ୟାରିୟରରେ ବେଶ୍ ଉତ୍‌ଥାନ ପତନ ଦେଇ ଗତିକରିଥିଲେ ଅମୀଷା । ବଲିଉଡ୍‌ରେ ତାଙ୍କୁ ଯେଉଁ ସ୍ନେହ ଶ୍ରଦ୍ଧା ମିଳିଛି ତାହାକୁ ସେ କଦାପି ଭୁଲିପାରିବେ ନାହିଁ । ଦର୍ଶକମାନଙ୍କ ପାଖରେ ସବୁବେଳେ ଋଣୀ ହୋଇ ରହିବେ ସେ ବୋଲି କହନ୍ତି ।

## ଇମୋଶନାଲ ଶ୍ରଦ୍ଧା


ଶ୍ରଦ୍ଧା କପୁର

ଶ୍ରଦ୍ଧା କପୁର କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା । କିଛି ସପ୍ତାହ ପୂର୍ବରୁ ତାଙ୍କୁ ଏକ ନୂଆ ଅଫର ମିଳିଥିଲା । ନୂଆ ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ତାଙ୍କୁ ସହଯୋଗ କରିଥିଲେ । ହେଲେ କାହାଣୀର କ୍ଲାଇମାକ୍ସ ସମୟରେ ଶ୍ରଦ୍ଧାଙ୍କ ଆଖି ଛଳଛଳ ହୋଇଯାଇଥିଲା । ହଠାତ୍ କ'ଣ ହେଲା ତାହା ମଧ୍ୟ ପ୍ରଯୋଜକ ଜାଣିପାରିଲେ ନାହିଁ । ଏ ସମ୍ପର୍କରେ ସେ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି । ହେଲେ ମୁଁ କାହାଣୀ ସହ ଏପରି ମଜ୍ଜିଯାଇଥିଲି ଯେ ମୁଁ ହଠାତ୍ ଇମୋଶନାଲ ହୋଇପଡିଥିଲି । ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ । ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ । ତା'ସହ ଏପରି ଭୂମିକା ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ ।'' ତେବେ ଏହି ନୂଆ ଫିଲ୍ମର ଟାଇଟଲ ଏବଂ ଅବଶିଷ୍ଟ କାଷ୍ଟିଂ ଫାଇନାଲ ହୋଇନାହିଁ ।

## ପୂଜାଙ୍କ ଅବସୋସ

ପୂଜା ହେଗ୍‌ଡେ ବଡ଼ ପରଦା ପାଇଁ ନୂଆ ନୁହନ୍ତି । ଦକ୍ଷିଣ ଭାରତୀୟ ସିନେମା ଅବା ବଲିଉଡ୍- ବେଶ୍ କେତୋଟି ଚଳଚ୍ଚିତ୍ରରେ ସେ ଅଭିନୟକରି ସାଉଣ୍ଟି ସାରିଛନ୍ତି ଅନେକ ପ୍ରଶଂସା । ହେଲେ ତାଙ୍କ ମନରେ ଏକ ଅବସୋସ ରହିଯାଇଛି । କଥା କ'ଣ କି, ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା । ଏହି ଫିଲ୍ମର ନାୟକ ସାଜିଥିଲେ ହ୍ରିତିକ୍ ରୋଶନ । ଯଦିଓ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା, ହେଲେ ଏହାର ନିର୍ଦ୍ଦେଶକ ତାଙ୍କୁ ପୁଣି ଥରେ ରିପିଟ୍ କରିବେ ବୋଲି ସେ ଆଶା ରଖିଛନ୍ତି । ଏ ନେଇ ପୂଜା କୁହନ୍ତି, ''ମୁଁ ଶୁଣିବାକୁ ପାଉଛି ଯେ ଆଶୁତୋଷ ସାର୍ କୁଆଡ଼େ ପୁଣି ଗୋଟିଏ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି । ଆଶା, ତାଙ୍କ ଶୁଭଦୃଷ୍ଟି ମୋ ଆଡ଼କୁ ପଡ଼ିବ । ଯଦି ସେ ମୋତେ ପୁଣି ଥରେ ତାଙ୍କ କ୍ୟାମ୍ପରେ ସାମିଲ କରନ୍ତି ତେବେ ଆଖିବୁଜି ହିଁ ଭରିବି । ଏହାବ୍ୟତୀତ ହ୍ରିତିକ୍ ରୋଶନଙ୍କ ସହ ପୁଣି ଥରେ କ୍ୟାମେରା ସାମ୍ନା କରିବାକୁ ମଧ୍ୟ ଆଶା ରଖିଛି । ତେବେ ମୋର ଏହି ଆଶାଦ୍ୱୟ କେବେ ପୂରଣ ହେବ ତାହା ଆଗାମୀ ସମୟ ହିଁ କହିବ ।'' ବର୍ତ୍ତମାନ ଦକ୍ଷିଣ ଭାରତୀୟ ସିନେମାରେ ପୂଜା ଏତେ ବ୍ୟସ୍ତ ଅଛନ୍ତି ଯେ ନିକଟରେ ଭଲ ଭଲ ଦୁଇଟି ଅଫର ସେ ହାତଛଡ଼ା କରିଛନ୍ତି ।

# ଭାଜପାକୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ଅଖିଳେଶ



ରାଜସ୍ଥାନର ଅଜମେର ଶରିଫ୍ ଦରଘା ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବୁଧବାର ଲକ୍ଷ୍ନୌସ୍ଥିତ ଦଳୀୟ ମୁଖ୍ୟାଳୟରୁ ଚାଦର ପଠାଉଛନ୍ତି।

**ଲକ୍ଷ୍ନୌ,୧।୧**

ଉତ୍ତର ପ୍ରଦେଶରେ ୨୦୨୭ରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଶାସକ ଭାଜପାକୁ ଗାଦିଚ୍ୟୁତ କରିବା ସମାଜବାଦୀ ପାର୍ଟି (ଏସ୍‌ପି)ର ଲକ୍ଷ୍ୟ ବୋଲି ବୁଧବାର ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ ସ୍ପଷ୍ଟ କରିଛନ୍ତି। ନୂଆବର୍ଷରେ ଖବରଦାତାମାନଙ୍କୁ ସମ୍ବୋଧିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ କହିଛନ୍ତି, ଏସ୍‌ପିର ଉଦ୍ଦେଶ୍ୟ ହେଉଛି ଆଗାମୀ ବିଧାନସଭା ନିର୍ବାଚନରେ ଭାଜପାକୁ ହଟାଇ ୟୁପିରେ ନ୍ୟାୟ ଓ ବିକାଶର ପଥ ସୁଗମ କରିବା। କୃଷକ, ଯୁବ, ମହିଳାଙ୍କ ସହ ପିଡିଏ (ପଛୁଆବର୍ଗ, ଦଳିତ ଓ ସଂଖ୍ୟାଲଘୁ)ଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ଏସ୍‌ପି ଉଦ୍ୟମ ଜାରି ରଖିବ। ଏସ୍‌ପି ନେତା ଓ କର୍ମୀ ଏକାଠି ହୋଇ ପିଡିଏ ସରକାର ଗଠନ କରିବେ। ନୂଆ ସରକାରରେ କେହି ସେମାନଙ୍କ ଅଧିକାରକୁ ଛଡ଼ାଇ ନେଇପାରିବେ ନାହିଁ। ଅଖିଳେଶ ଅହୁରି କହିଛନ୍ତି, ଏସ୍‌ପି ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ସମ୍ବିଧାନକୁ ଅନୁସରଣ କରିବା ଏବଂ ରାମମନୋହର ଲୋହିଆ ଓ ଦଳର ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ଆଦର୍ଶର ଅନୁପାଳନ ଜାରି ରଖିବ। ଏହି ଅବସରରେ ସେ ଭାଜପାକୁ ଟାର୍ଗେଟ କରି କହିଛନ୍ତି, ଗୈରିକ ଦଳ ଷଡ଼ଯନ୍ତ୍ରରେ ଲିପ୍ତ ରହିଛି। ଭାଜପା ସମ୍ବିଧାନକୁ ମାନୁନାହିଁ। ଏପରି କି ଗଣତାନ୍ତ୍ରିକ ନିୟମଗୁଡ଼ିକର ଉଲ୍ଲଂଘନ କରିବାକୁ ଯାଇ ପୋଲିସର ବଳକୁ ପ୍ରୟୋଗ କରୁଛି। ଭାଜପା କେବଳ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଭାଜନ ସୃଷ୍ଟି କରି ଘୃଣା ବିସ୍ତାର କରିବାରେ ଲାଗିଛି। ଏସ୍‌ପିର ନୀତିଗୁଡ଼ିକ ପ୍ରତି ଲୋକଙ୍କ ଆସ୍ଥା ରହିଛି। ପିଡିଏଙ୍କ ଶକ୍ତିବୃଦ୍ଧିକୁ ଦେଖି ଭାଜପା ବିଚଳିତ ହୋଇଯାଇଛି ବୋଲି ଅଖିଳେଶ ସମାଲୋଚନା କରିଛନ୍ତି।

# କେଜ୍‌ରିୱାଲଙ୍କୁ ଭାଜପାର ପରାମର୍ଶ 'ସୁଧୁରିଯାଅ'

## ମୋହନ ଭାଗବତଙ୍କୁ ଭାଜପା ବିରୋଧରେ ଏଏପି ମୁଖ୍ୟଙ୍କ ଚିଠିର ଜବାବ

**ନୂଆଦିଲ୍ଲୀ,୧।୧**

ନିକଟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍) ସରସଂଘଚାଳକ ମୋହନ ଭାଗବତଙ୍କ ନିକଟକୁ ଏଏପି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଭାଜପା ନାଁରେ କିଛି ଅଭିଯୋଗ ଆଣିଥିବା ବେଳେ ସେସବୁକୁ ଆରଏସ୍‌ଏସ୍ କିଭଳି ନଜରରେ ଦେଖୁଛି ବୋଲି ମୋହନ ଭାଗବତଙ୍କୁ ପ୍ରଶ୍ନ କରିଛନ୍ତି। ତେବେ ଏହାକୁ କାଉଣ୍ଟର କରି ଦିଲ୍ଲୀ ଭାଜପା ପକ୍ଷରୁ ବୁଧବାର କେଜ୍‌ରିୱାଲଙ୍କ ନିକଟକୁ ଏକ ଚିଠି ଲେଖାଯାଇଛି। ଏଥିରେ ନୂଆ ବର୍ଷରେ ୫ଟି ସଂକଳ୍ପ ନେବା ସହ ସୁଧୁରିଯିବା ଲାଗି କେଜ୍‌ରିୱାଲଙ୍କୁ ପରାମର୍ଶ ଦିଆଯାଇଛି।

ମୋହନ ଭାଗବତଙ୍କ ନିକଟକୁ ସୋମବାର ପଠାଇଥିବା ଚିଠିରେ କେଜ୍‌ରିୱାଲ ଲେଖିଛନ୍ତି, ଗଣମାଧ୍ୟମରୁ ସୂଚନା ମିଳୁଛି ଯେ, ଦିଲ୍ଲୀ ନିର୍ବାଚନରେ ଭାଜପା ପାଇଁ ଆରଏସ୍‌ଏସ୍ ଭୋଟ ମାଗିବ। ଆଉ ଭାଜପା ନେତାମାନେ ଟଙ୍କା ଦେଇ ଭୋଟ କିଣୁଛନ୍ତି। ଏହା କେତେ ଠିକ୍? ଆରଏସ୍‌ଏସ୍ କ'ଣ ଏହାକୁ ସମର୍ଥନ କରୁଛି? ବହୁ ସଂଖ୍ୟକ ଗରିବ, ଦଳିତ, ପୂର୍ବାଞ୍ଚଳ ଲୋକ ଓ ବସ୍ତିବାସିନ୍ଦା ଯେପରି ଭୋଟ ନଦେଇ ପାରିବେ, ସେଥିନେଇ ଭାଜପା ଚେଷ୍ଟା ଚଳାଇଛି । ବହୁ ବର୍ଷ ଧରି ସେମାନେ ଦିଲ୍ଲୀରେ ରହୁଥିଲେ ହେଁ ସେମାନଙ୍କ ଅଧିକାର ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରାଯାଉଛି। ଆରଏସ୍‌ଏସ୍‌କୁ କ'ଣ ଲାଗୁଛି, ଏଭଳି କରିବା ଭାରତୀୟ ଗଣତନ୍ତ୍ର ପାଇଁ ଉଚିତ୍? ଆପଣଙ୍କୁ କ'ଣ ଲାଗୁନି ଯେ ଭାଜପା ଏହିଭଳି ଭାବେ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରି ଦେଉଛି।



ଅରବିନ୍ଦ କେଜ୍‌ରିୱାଲ



ମୋହନ ଭାଗବତ

ଅପରପକ୍ଷେ କେଜ୍‌ରିୱାଲଙ୍କ ଏହି ଚିଠିର ଜବାବରେ ଦିଲ୍ଲୀ ଭାଜପା ପକ୍ଷରୁ ତାଙ୍କ ନିକଟକୁ ଏକ ଚିଠି ପଠାଯାଇଛି। ଦିଲ୍ଲୀ ଭାଜପା ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଥିବା ଚିଠିରେ ନୂଆ ବର୍ଷରେ ୫ଟି ସଂକଳ୍ପ ନେବାକୁ ପରାମର୍ଶ ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ମୋର ବିଶ୍ୱାସ ଅଛି ଯେ ଆପଣ ଆଉ କେବେ ବି ଆପଣଙ୍କ ଛୁଆଙ୍କ ନାଁ ନେଇ ମିଛ ଶପଥ ନେବେ ନାହିଁ। ଆପଣ ମିଛ ପ୍ରତିଶ୍ରୁତି ଦେଇ ଦିଲ୍ଲୀର ମହିଳା, ବରିଷ୍ଠ ନାଗରିକ ଓ ଧାର୍ମିକ ବ୍ୟକ୍ତିଙ୍କ ଭାବନା ସହ ଖେଳିବେ ନାହିଁ। ଦିଲ୍ଲୀରେ ମଦ ବିକ୍ରିକୁ ପ୍ରୋତ୍ସାହିତ କରିଥିବାରୁ ଦିଲ୍ଲୀବାସୀଙ୍କୁ କ୍ଷମା ମାଗିବେ। ଯମୁନା ନଦୀକୁ ସଫା କରିବା ନାଁରେ ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ଓ ଏଥିରେ ହୋଇଥିବା ଦୁର୍ନୀତି ପାଇଁ ଆପଣ ସର୍ବସାଧାରଣରେ କ୍ଷମା ମାଗିବେ। ରାଜନୈତିକ ସ୍ୱାର୍ଥ ପାଇଁ ବିରୋଧୀଙ୍କ ସହିତ ଏକାଠି ନ ହେବା ଏବଂ ଚାନ୍ଦା ନ ନେବା ପାଇଁ ସଂକଳ୍ପ ନେବେ। ସଚଦେବ ଆହୁରି ଲେଖିଛନ୍ତି, ଆଶା କରୁଛି, ଆପଣ ମୋର ଏହି ପରାମର୍ଶକୁ ଗ୍ରହଣ କରି ମିଥ୍ୟା ଓ କପଟରୁ ଦୂରେଇ ରହିବେ। ଆଉ ନିଜକୁ ସୁଧାରିବା ଲାଗି ଚେଷ୍ଟା କରିବେ।

# ବିକଶିତ ଓଡ଼ିଶା, ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା

## ନବବର୍ଷରେ ସମୃଦ୍ଧି କାମନା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



**ଭୁବନେଶ୍ୱର, ୧।୧(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ବର୍ଷରେ ନୂଆଦିଲ୍ଲୀ ସ୍ଥିତ ହଉଜ୍‌ଖାସ୍ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ନବବର୍ଷ-୨୦୨୫ର ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି, ଇଂରାଜୀ ନବବର୍ଷ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଦିନ ଆରମ୍ଭ କରିବା ମୋର ସୌଭାଗ୍ୟ। ଆମେ ସମସ୍ତେ ୨୦୨୫ରେ ପ୍ରବେଶ କରିଛେ। ଏହି ସମୟରେ ଆମେ ସମସ୍ତେ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ପରିଶ୍ରମ କରିବା ଦରକାର। ସମାଜରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦେବା ପାଇଁ ବଦ୍ଧପରିକର ହେବା। ଏହି ଅବସରରେ ଧର୍ମେନ୍ଦ୍ର ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଅଧିକ ପରିଶ୍ରମ କରିବା ଲାଗି ସେ ଆହ୍ୱାନ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ସମଲେଇଙ୍କ ପାଖରେ ଧର୍ମେନ୍ଦ୍ର ଦେଶବାସୀଙ୍କ ସୁଖ, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଛନ୍ତି।







# ନୂଆବର୍ଷ: ଜରାନିବାସରେ ସୂର୍ଯ୍ୟବଂଶୀ



ପିଲାମାନଙ୍କ ସହ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଧାମନଗର,୧।୧(ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗରସ୍ଥିତ ଜରାନିବାସରେ ଅସହାୟ ବୃଦ୍ଧାବୃଦ୍ଧ ତଥା ଶାରୀରିକ ବିକଳାଙ୍ଗ ଅନ୍ତେବାସୀଙ୍କ ସହ ନିରାଡ଼ମ୍ବର ଭାବେ ନୂତନ ବର୍ଷ ପାଳନ କରି ଆଶୀର୍ବାଦ ନେଇଛନ୍ତି। ସେହି ପରିସର ମଧ୍ୟରେ ଥିବା ଦୃଷ୍ଟିହୀନ, ମୂକ, ବଧିର ଅନ୍ତେବାସୀମାନଙ୍କ ସହ ଅନ୍ତରଙ୍ଗ ଭାବେ କିଛି ସମୟ ବିତାଇଥିଲେ। ପରେ ଦଳୀୟ କର୍ମୀ, ସରକାରୀ ଅଧିକାରୀଙ୍କ ସହ ଜରାନିବାସ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ମହାପାତ୍ର, ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଏନ୍‌ଏସି କାଉନସିଲର ଉତ୍ତମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।







# ବିଧାୟକଙ୍କ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟର ଚିରିଦେଲେ



ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ନବ ବର୍ଷର ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ପୋଷ୍ଟରକୁ ଚିରି ଦିଆଯାଇଛି।

**ପାଟଣା,୧।୧ (ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ନବ ବର୍ଷର ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ପୋଷ୍ଟରକୁ ଦୁର୍ବୃତ୍ତ ମଙ୍ଗଳବାର ବିଳମ୍ବିତ ରାତିରେ ଚିରି ଦେଇଛନ୍ତି। ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବିଧାୟକଙ୍କ ଶୁଭେଚ୍ଛା ବାର୍ତ୍ତା ଲେଖାଥିବା ପୋଷ୍ଟର ଲାଗିଥିଲା। ଦୁର୍ବୃତ୍ତ ଏହାକୁ ଚିରି ଦେଇଥିବାରୁ ସମର୍ଥକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ବିଧାୟକଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ପୋଷ୍ଟର ଚିରାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।









ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨/୨୦୨୫ Bhubaneswar, Thursday, January 2/ 2025



ସିଡ୍‌ନୀରେ ୟୁନାଇଟେଡ କପ୍ ମିକ୍ସଡ ଟେନିସ ଟୁର୍ନାମେଣ୍ଟରେ ଚେକ୍ ରିପବ୍ଲିକ୍‌ର କରୋଲିନା ମୁଚୋଭାଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ।

# ‘ଏଚ୍‌ଆଇଏଲ୍‌ରୁ ବିଶ୍ୱ ହକିକୁ ଫାଇଦା’

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ବିଶ୍ୱସ୍ତରରେ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତି ଟାୟବ ଇକ୍ରାମ ମଧ୍ୟ ଏହାର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ସେ ନିଜେ ଏହି ଲିଗ୍‌କୁ ଫଲୋ କରୁଥିବା ବୁଧବାର ରାଉରକେଲାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ‘‘ହକି ଇଣ୍ଡିଆ ଲିଗ୍ ମୋର ଅତି ପ୍ରିୟ ଇଭେଣ୍ଟ ହୋଇଯାଇଛି। ଏହା ଆଥଲେଟ୍‌ଙ୍କୁ ଉପକୃତ କରୁଥିବା ଏକ ଇଭେଣ୍ଟ। ବିଶ୍ୱସ୍ତରରେ ଆମେ ଏଭଳି ଅନେକ ପ୍ଲାଟଫର୍ମ ଆବଶ୍ୟକ କରୁଛୁ, ଯେଉଁଥିରେ କି ଖେଳାଳିମାନେ ନିଜ ଦକ୍ଷତା ଦେଖାଇବାର ସୁଯୋଗ ପାଇବା ସହିତ ଉପଯୁକ୍ତ ସମ୍ମାନ ପାଇପାରିବେ। ଏଚ୍‌ଆଇଏଲ୍ ଏକ ବିରଳ ପ୍ରତିଯୋଗିତା। ଯେଉଁଥିପାଇଁ ଏଫ୍‌ଆଇଏଚ୍ ସ୍ୱତନ୍ତ୍ରଭାବେ ୱିଣ୍ଡୋ ବାହାର କରିଛି। ଏଥିରେ ଖେଳାଳିମାନେ ବିଭିନ୍ନ ସ୍ଥାନରୁ ଆସି ଏକାଠି ହୋଇ ପ୍ରଦର୍ଶନର ସୁଯୋଗ ପାଉଛନ୍ତି। ତେଣୁ ଏହା କେବଳ ଏକ ହକି ପ୍ରତିଯୋଗିତାର ଊର୍ଦ୍ଧ୍ୱରେ ରହିଛି। ଏହା କେବଳ ଭାରତୀୟ ହକିକୁ ନୁହେଁ ବିଶ୍ୱ ହକିକୁ ମଧ୍ୟ ଫାଇଦା ଦେଉଛି। ଅନ୍ତର୍ଜାତୀୟ ତାରକାଙ୍କ ସହ ଘରୋଇ ଖେଳାଳିମାନେ ମିଶି ଖେଳୁଛନ୍ତି। ଫଳରେ ହକିର ମାନ ବଢ଼ିବା ସହ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ବିର୍ସା ମୁଣ୍ଡା ଷ୍ଟାଡିୟମ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଭେନ୍ୟୁ। ଏଠାରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନଙ୍କୁ ଆକ୍ସନରେ ଦେଖିବାକୁ ମିଳିବା ସହିତ ଏହା ବିଶ୍ୱବ୍ୟାପୀ ପ୍ରସାରିତ ମଧ୍ୟ ହେଉଛି। ରାଉରକେଲାରେ ଏହି ଲିଗ୍ ପ୍ରତି ଭରପୂର ଦର୍ଶକ ସମର୍ଥନରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ଏଠାକାର ଲୋକମାନେ ଗେମ୍‌କୁ ଭଲଭାବେ ବୁଝିଛନ୍ତି ଏବଂ ଏହାର ଏକ ଅଂଶବିଶେଷ ହୋଇଯାଇଛନ୍ତି। ଓମାନରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କଂଗ୍ରେସରେ ପୁନଃନିର୍ବାଚିତ ହୋଇଥିବା ଇକ୍ରାମ କହିଛନ୍ତି ଯେ, ‘‘ଆମେ ଓମାନରେ ହକି ୫ଏସ୍ ବିଶ୍ୱକପ ସହିତ ୨୦୨୪ କ୍ୟାଲେଣ୍ଡର ବର୍ଷ ଆରମ୍ଭ କରିଥିଲୁ। ଏହା ସ୍ୱପ୍ନ ସତ ହେବାପରି କଥା ଥିଲା। କାରଣ ଏହା ସେଠାରେ କେବଳ ପ୍ରତିଯୋଗିତା ଆୟୋଜନ ପାଇଁ ନୁହେଁ ଭାରତ, ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ ପରି ପାୱାର ହାଉସ୍ ଦେଶସହ ନାମ୍ବିଆ, କେନିୟା, ଓମାନ ଓ ପାରାଗୁଏ ଆଦି ହକିର ଇମର୍ଜିଂ ଦେଶର ଅଂଶଗ୍ରହଣ ଯୋଗୁ ହୋଇଥିଲା। ପ୍ରତିଯୋଗିତାରେ ଏକାଠି ଭାଗନେବାଦ୍ୱାରା ଖେଳକୁ ନେଇ ଦେଶ ଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଇଥିଲା’’।



ଏଫ୍‌ଆଇଏଚ୍ ସଭାପତି ଟାୟବ ଇକ୍ରାମ।

# ୟୁନାଇଟେଡ କପ୍ ସେମିଫାଇନାଲରେ କାଜାଖସ୍ତାନ

**ପର୍ଥ, ୧।୧ (ଏପି)**

କାଜାଖସ୍ତାନ ଏଠାରେ ଚାଲିଥିବା ୟୁନାଇଟେଡ କପ୍ ମିକ୍ସଡ ଟେନିସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଜର୍ମାନୀ ଦଳକୁ ୨-୧ରେ ହରାଇ କାଜାଖସ୍ତାନ ଏହି ସଫଳତା ପାଇଛି। ଆହତ ସମସ୍ୟା ଯୋଗୁ ଆଲେକଜାଣ୍ଡର ଜେଭରେଭ ଶେଷ ମୁହୂର୍ତ୍ତରେ ଓହରିଯିବା ଜର୍ମାନୀ ପାଇଁ ମହଙ୍ଗା ପଡ଼ିଥିଲା। ଏଲିନା ରିବକିନା ୬-୩, ୬-୧ ସେଟ୍‌ରେ ଲୌରା ସିଗ୍‌ମୁଣ୍ଡଙ୍କୁ ହରାଇବାରୁ କାଜାଖସ୍ତାନ ୧-୦ରେ ଅଗ୍ରଣୀଲାଭ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଜେଭରେଭଙ୍କ ବଦଳ ଖେଳାଳି ଡାନିଏଲ ମାସୁରଙ୍କୁ କାଜାଖସ୍ତାନର ଆଲେକଜାଣ୍ଡର ଶେଭଚେଙ୍କୋ ୬-୭(୫), ୬-୨, ୬-୨ ସେଟ୍‌ରେ ହରାଇବାରୁ ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଯାଇଥିଲା। ଜେଭରେଭ କୋର୍ଟ ବାହାରେ ଜର୍ମାନୀ ପରାଜୟର ପ୍ରତ୍ୟକ୍ଷଦର୍ଶୀ ରହିଥିଲେ। ପରେ ଜର୍ମାନୀ ମିକ୍ସଡ ଡବଲ୍ସ ଜିତିଥିଲେ ହେଁ ଆଗକୁ ବଢ଼ିପାରି ନ ଥିଲା।

ସିଡ୍‌ନୀରେ ଇଗା ସ୍ୱିଟେକ ଓ ହୁବର୍ଟ ହୁର୍କାଜ ନିର୍ଣ୍ଣାୟକ ମିକ୍ସଡ ଡବଲ୍ସ ମ୍ୟାଚ ଜିତି ଚେକ୍ ରିପବ୍ଲିକ୍ ବିପକ୍ଷରେ ପୋଲାଣ୍ଡକୁ କ୍ୱାର୍ଟର ଫାଇନାଲରେ ପହଞ୍ଚାଇଛନ୍ତି। ସ୍ୱିଟେକ-ହୁର୍କାଜ ଯୋଡ଼ି ୭-୬(୩), ୬-୩ ସେଟ୍‌ରେ ଚେକ୍ ରିପବ୍ଲିକର ଟୋମାସ ମାଚାକ୍ ଓ କରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ ସିଙ୍ଗଲ୍ସରେ ମାଚାକ ୭-୫, ୩-୬, ୬-୪ରେ ହୁର୍କାଜଙ୍କୁ ହରାଇ ଚେକ୍ ରିପବ୍ଲିକ୍‌କୁ ଅଗ୍ରଣୀ କରିଥିଲେ। ମାତ୍ର ସ୍ୱିଟେକ ୬-୩, ୬-୪ରେ ମୁଚୋଭାଙ୍କୁ ହରାଇବାରୁ ସ୍ଥିତି ୧-୧କୁ ଚାଲିଆସିଥିଲା।

# ବେଙ୍ଗଲ ଟାଇଗର୍ସର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରୁପିନ୍ଦର ପାଲ୍ ସିଂଙ୍କ ଡବଲ ଗୋଲ ବଳରେ ଏହି ଦଳ ବୁଧବାର ଅନୁଷ୍ଠିତ ମ୍ୟାଚରେ ଟିମ୍ ଗୋନାସିକାକୁ ୨-୧ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରୁପିନ୍ଦର ୩୧ ଓ ୪୮ତମ ମିନିଟରେ ଗୋଲ ୨ଟି ଦେଇଥିଲେ। ଗୋନାସିକାର ମନପ୍ରୀତ ସିଂ ୩୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହା ପୂର୍ବରୁ ହାଇଦ୍ରାବାଦ ତୋଫାନ୍ସକୁ ୩-୨ ଗୋଲରେ ହରାଇଥିବା ବେଙ୍ଗଲ ଟାଇଗର୍ସ ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟ ପକ୍ଷରେ ଗୋନାସିକା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚରେ ଏହି ଦଳ ଦିଲ୍ଲୀ ଏସ୍‌ଜି ପାଇପର୍ସଠାରୁ ପେନାଲ୍ଟି ଶୁଟ୍‌ଆଉଟ ୨-୪ ଗୋଲରେ ପରାଜିତ ହୋଇଥିଲା।

# ବୈଶାଳୀ ଜିତିଲେ ୱାର୍ଲ୍ଡ ବ୍ଲିଜ୍ ବ୍ରୋଞ୍ଜ

**ନ୍ୟୁୟର୍କ, ୧।୧ (ପି.ଟି.)**

ଭାରତର ଆର୍. ବୈଶାଳୀ ୱାର୍ଲ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ର ମହିଳା ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାପିଡ ଇଭେଣ୍ଟରେ କୋନେରୁ ହମ୍ପି ଟାଇଟଲ ଜିତିଥିବାବେଳେ ବୈଶାଳୀଙ୍କ ଏହି ସଫଳତା ଯୋଗୁ ଭାରତ ପାଇଁ ଟୁର୍ନାମେଣ୍ଟ ସ୍ମରଣୀୟ ହୋଇଛି। କ୍ୱାର୍ଟର ଫାଇନାଲରେ ଚାଇନାର ଝୁ ଜିନେରଙ୍କୁ ବୈଶାଳୀ ୨.୫-୧.୫ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ସେଥିରେ ଅନ୍ୟତମ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ଜୁ ୱେନଜୁନଙ୍କଠାରୁ ୦.୫-୨.୫ରେ ପରାଜିତ ହୋଇଥିଲେ। ଅଲ୍ ଚାଇନିଜ୍ ଫାଇନାଲରେ ୱେନଜୁନ ୩.୫-୨.୫ରେ ଲେଇ ଟିଙ୍ଗଜିଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ। ବୈଶାଳୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ୫ ଥର ବିଶ୍ୱ ଚାମ୍ପିୟନ ଏବଂ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ଉପସଭାପତି ବିଶ୍ୱନାଥନ ଆନନ୍ଦ। ଚମତ୍କାର ପ୍ରଦର୍ଶନ କରି ବୈଶାଳୀ ଆମ ସମସ୍ତଙ୍କୁ ଗର୍ବିତ କରିଛନ୍ତି ବୋଲି ଆନନ୍ଦ କହିଛନ୍ତି। ପୁରୁଷ ବିଭାଗରେ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ ଓ ରୁଷିଆର ଇଆନ ନେପୋମନିଆଚି ଯୁଗ୍ମ ବିଜେତା ଘୋଷିତ ହୋଇଛନ୍ତି। ସଡନ୍‌ଡେଥ୍ ପର୍ଯ୍ୟାୟରେ ୩ଟି ଗେମ୍ ପରେ ମଧ୍ୟ ଫଳାଫଳ ନ ମିଳିବାରୁ ଏଫରି ନିଷ୍ପତ୍ତି ନିଆଯାଇଥିଲା। ପ୍ରତିଯୋଗିତା ଇତିହାସରେ ପ୍ରଥମଥର ପାଇଁ ୨ ଜଣ ଖେଳାଳିଙ୍କୁ ବିଜେତା ଘୋଷଣା କରାଯାଇଛି। ଫିଡେର ଡ୍ରେସ୍ କୋଡ୍ ଉଲ୍ଲଂଘନ ଅଭିଯୋଗରେ କାର୍ଲସେନଙ୍କୁ ରାପିଡ୍ ଚାମ୍ପିୟନଶିପ୍ ଅଧାରୁ ବିଦା ହେବାକୁ ପଡ଼ିଥିଲା। କାର୍ଲସେନ ଜିନ୍ ପିନ୍ଧି ଖେଳିବାକୁ ଆସିଥିଲେ। ଫର୍ମାଲ ଟ୍ରାଉଜର ପିନ୍ଧି ଖେଳିବାକୁ କୁହାଯାଇଥିଲେ ହେଁ ତାହା ସେ ମାନି ନ ଥିଲେ। ଫଳରେ ଫିଡେ ତାଙ୍କୁ ଅଯୋଗ୍ୟ ଘୋଷିତ କରିଥିଲା। ତେବେ ବ୍ଲିଜ୍ ଟୁର୍ନାମେଣ୍ଟରେ ତାଙ୍କୁ ଜିନ୍ ପିନ୍ଧିବାକୁ ଅନୁମତି ମିଳିଥିଲା।



ବ୍ରୋଞ୍ଜ ପଦକ ସହ ଆର. ବୈଶାଳୀ।

# ସିଡ୍‌ନୀ ଟେଷ୍ଟ ପୂର୍ବରୁ ଭାରତୀୟ ଖେଳାଳିଙ୍କୁ ଭେଟିଲେ ଅଲବାନିଜ

**ସିଡ୍‌ନୀ, ୧।୧ (ପି.ଟି.)**

ସିଡ୍‌ନୀରେ ହେବାକୁ ଯାଉଥିବା ଅନ୍ତିମ କ୍ରିକେଟ ଟେଷ୍ଟ ପୂର୍ବରୁ ବୁଧବାର ଭାରତ ଓ ଅଷ୍ଟ୍ରେଲିଆ ଖେଳାଳିଙ୍କ ସହ ଭାବ ବିନିମୟ କରିଛନ୍ତି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଅଲବାନିଜ। ଚଳିତ ଟେଷ୍ଟ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ସେ ପ୍ରଶଂସା କରିଛନ୍ତି। ଏହି ଅବସରରେ ସେ ଉଭୟ ଦଳର ଖେଳାଳିଙ୍କ ସହ ଫଟୋ ଉଠାଇଛନ୍ତି। ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆ ଏବେ ୨-୧ରେ ଅଗ୍ରଣୀଲାଭ କରିଛି। ସିଡ୍‌ନୀ ଟେଷ୍ଟର ଫଳାଫଳ ପରେ ବର୍ଡର-ଗାଭାସ୍କର ଟ୍ରଫି କାହା ସପକ୍ଷକୁ ଯିବା ତାହା ସ୍ପଷ୍ଟ ହେବ। ମ୍ୟାଚ ଜିତିଲେ କିମ୍ବା ଡ୍ର ରଖିଲେ ଅଷ୍ଟ୍ରେଲିଆ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ବ୍ୟବଧାନ ପରେ ଏହି ଟ୍ରଫି ହାସଲ କରିବ। ସିରିଜରେ ବୁମ୍‌ରା ଏପର୍ଯ୍ୟନ୍ତ ୩୦ ଉଇକେଟ ହାସଲ କରି ସାରିଛନ୍ତି। ୨୦୦ ଟେଷ୍ଟ ଉଇକେଟ ପୂରଣରେ ସେ ଦ୍ରୁତତମ ଭାରତୀୟ ବୋଲର ହୋଇଛନ୍ତି।



ସିଡ୍‌ନୀରେ ଟିମ୍ ଇଣ୍ଡିଆ ସଦସ୍ୟଙ୍କ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଅଲବାନିଜ।

# ଅଶ୍ୱିନଙ୍କ ରେକର୍ଡକୁ ଟପିଲେ ବୁମ୍‌ରା

**ଦୁବାଇ, ୧।୧ (ପି.ଟି.):** ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ବୁଧବାର ସ୍ପିନ ତାରକା ରବିଚନ୍ଦ୍ରନ ଅଶ୍ୱିନଙ୍କ ଆଇସିସି ରେଟିଂ ପଏଣ୍ଟ ରେକର୍ଡକୁ ଅତିକ୍ରମ କରିଛନ୍ତି। ଏଥିସହ ସେ ସର୍ବକାଳୀନ ସର୍ବାଧିକ ରେଟିଂ ପଏଣ୍ଟ ହାସଲକାରୀ ଭାରତୀୟ ହୋଇଯାଇଛନ୍ତି। ସଦ୍ୟ ପ୍ରକାଶିତ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସେ ୯୦୭ ପଏଣ୍ଟ ପାଇଛନ୍ତି। ପୂର୍ବରୁ ୨୦୧୬ ଡିସେମ୍ବରରେ ଅଶ୍ୱିନ ୯୦୪ ପଏଣ୍ଟ ସହିତ ଭାରତୀୟ ରେକର୍ଡର ଅଧିକାରୀ ଥିଲେ। ୯୦୭ ପଏଣ୍ଟ ସହିତ ବୁମ୍‌ରା ଓଭରଅଲ୍ ସର୍ବକାଳୀନ ସର୍ବାଧିକ ରେଟିଂ ପଏଣ୍ଟ ତାଲିକାରେ ଇଂଲଣ୍ଡର ଡେରେକ ଅଣ୍ଡରଉଡ୍‌ଙ୍କ ସହ ଯୁଗ୍ମଭାବେ ୧୭ଶ ସ୍ଥାନରେ ରହିଛନ୍ତି। ବୁମ୍‌ରା ଏବେ ଆଇସିସି ବୋଲର ର୍‍ୟାଙ୍କିଙ୍ଗ୍‌ର ନମ୍ବର ୱାନ ସ୍ଥାନରେ ରହିଛନ୍ତି।

# ସେମିରେ ପାରାମାଉଣ୍ଟ ‘ବ୍ଲୁ’, ସହିଦ ସ୍ପୋର୍ଟିଂ

**ଭୁବନେଶ୍ୱର, ୧।୧ (ତପନ ସ୍ୱାଇଁ)**

ଏଠାରେ ଚାଲିଥିବା ସିଦ୍ଧାନ୍ତ ସ୍ମାରକୀ ୧୪ ବର୍ଷରୁ କମ୍ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ ପାରାମାଉଣ୍ଟ ‘ବ୍ଲୁ’ ଓ ସହିଦ ସ୍ପୋର୍ଟିଂ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ ‘ବ୍ଲୁ’ ୯ ଉଇକେଟରେ ଗ୍ରୀନ୍ ଏକାଡେମୀକୁ ପରାସ୍ତ କରିଛି। ଗ୍ରୀନ୍ ଏକାଡେମୀ ୨୨ ଓଭରରେ ୮୬ ରନକରି ଅଲ୍‌ଆଉଟ ହୋଇଥିବାବେଳେ ପାରାମାଉଣ୍ଟ ୧୮.୫ ଓଭରରେ ୧ ଉଇକେଟ ହରାଇ ୯୦ ରନ ସଂଗ୍ରହ କରି ନେଇଥିଲା। ୫ ଓଭରରେ ମାତ୍ର ୧୩ ରନ ଦେଇ ୪ ଉଇକେଟ ନେଇଥିବା ପାରାମାଉଣ୍ଟର ଶୁଭମ୍ ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ କ୍ୱାର୍ଟର ଫାଇନାଲରେ ସହିଦ ସ୍ପୋର୍ଟିଂ ୭୦ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ସହିଦ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୧୯୩ ରନ କରିଥିଲା। ଋତୁରାଜ ମହାନ୍ତି ସର୍ବାଧିକ ୬୩ ଓ ମହେଶ ପଣ୍ଡା ୫୪ ରନ କରିଥିଲେ। ଜବାବରେ ରାମେଶ୍ୱର ୨୧.୩ ଓଭରରେ ୧୨୩ ରନକରି ସମସ୍ତ ଉଇକେଟ ହରାଇଥିଲା। କୁମାର ଏ. ସ୍ୱାଇଁ ସର୍ବାଧିକ ୪୧ ରନ କରିଥିବାବେଳେ ବିପକ୍ଷ ଦଳର ବିଶ୍ୱ ସାମନ୍ତରାୟ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ମହେଶ ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପାରାମାଉଣ୍ଟ କ୍ଲବ କୋଷାଧ୍ୟକ୍ଷ ସଞ୍ଜୀବ ରଥ ଓ ସମ୍ପାଦକ ପ୍ରତାପ ଜେନା ଅତିଥିଭାବେ ଯୋଗଦେଇ ଯଥାକ୍ରମେ ଦିବସର ପ୍ରଥମ ଓ ଦ୍ୱିତୀୟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।






ଶୁଭମ୍ ପରିଡ଼ା ଓ ମହେଶ ପଣ୍ଡାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ